୬ ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍ ହେଲେ ଅଭିଷେକ ଶର୍ମା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୧୮୩ ● ୩୧ ଜୁଲାଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-183 ●31st July 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଆକାଶମାର୍ଗରୁ ବନ୍ୟାସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

# କ୍ଷୟକ୍ଷତି ରିପୋର୍ଟ ପାଇବା ପରେ ଦିଆଯିବ ସହାୟତା

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ମଧ୍ୟ ଉପସ୍ଥିତ ଥିଲେ।

ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ଗଣମାଧ୍ୟମ ନିକଟରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ବନ୍ୟା ଯୋଗୁ ୩ଟି ଜିଲ୍ଲାର ୮ଟି ବ୍ଲକ୍‌ର ୮୧ଟି ଗାଁ ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ ପ୍ରଭାବିତ



ହୋଇଛି । ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟାପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚିନର ବ୍ୟବସ୍ଥା କରାଯାଇଛି । ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଶେଷ କରି ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ନିୟନ୍ତ୍ରଣ ପାଇ ଜଳ ଉତ୍ସଗୁଡ଼ିକର ବିଶୁଦ୍ଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ (ପୃଷ୍ଠା ୭ରେ)

## ଆରଆଇ, ଏଆରଆଇ, ଅମିନ ପ୍ରିଲିମ୍ ପରୀକ୍ଷା ବାତିଲ୍

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ଓଟିଇଟି ପ୍ରଶ୍ନପତ୍ର ଲିକ୍ କାରଣରୁ ପରୀକ୍ଷା ବାତିଲ ହେବା ଖବର ମଧ୍ୟରେ ସରକାରୀ ଚାକିରି ପାଇଁ ଆଶା ବାନ୍ଧି ବସିଥିବା ଆଶାୟୀଙ୍କ ପାଇଁ ଆସିଛି ନିରାଶ ଖବର। ଆରଆଇ, ଏଆରଆଇ ଓ ଅମିନ ପ୍ରିଲିମ୍ ପରୀକ୍ଷା ବାତିଲ୍ କରିଛନ୍ତି ଓଏସଏସଏସସି। ଏନେଇ ବୁଧବାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ସୂଚନା ଅନୁଯାୟୀ, ଅଗଷ୍ଟ ୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ହେବାକୁ ଥିବା ମେନ୍ ପରୀକ୍ଷା ବି ବାତିଲ୍ କରାଯାଇଛି। ଏହା ପରେ ୧୪ ଦିନ ଭିତରେ ପୁନଃ ପରୀକ୍ଷା ପାଇଁ କମିଶନ ବିଜ୍ଞପ୍ତି ପ୍ରକାଶ କରିବେ। ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ଆଉ ସାନି ଆବେଦନ କରିବାକୁ ପଡ଼ିବନି। ସମସ୍ତଙ୍କୁ ପରୀକ୍ଷା ଦେବାର ସୁଯୋଗ ମିଳିବ।

ସୂଚନାଯୋଗ୍ୟ, ପ୍ରିଲିମ୍‌ରେ ତ୍ରୁଟି ଅଭିଯୋଗ ମିଳିବା ପରେ ସମସ୍ତଙ୍କୁ ପାସ୍ କରାଇ ଦିଆଯାଇଥିଲା। ମାତ୍ର ଏହା ପ୍ରକାଶିତ ବିଜ୍ଞପ୍ତି ନିୟମର ଉଲ୍ଲଙ୍ଘନ ହେବା ନେଇ ହାଇକୋର୍ଟରେ ପିଟିସନ୍ ଦାଖଲ ହୋଇଥିଲା। ଖାଲି ପଦରେ ୫ ଗୁଣା ମେନ୍ ପରୀକ୍ଷା ଦେଇ ପାରିବେ ଉଲ୍ଲେଖ ଥିଲା। ମାତ୍ର ସମସ୍ତଙ୍କୁ ମେନ୍ ପରୀକ୍ଷା ସୁଯୋଗ ଦିଆଯିବାରୁ ମାମଲା କୋର୍ଟକୁ ଆସିଥିଲା। ଶେଷରେ ହେବାକୁ ଥିବା କମ୍ବାଇଣ୍ଡ ରିକ୍ରୁଟମେଣ୍ଟ ପରୀକ୍ଷା ବାତିଲ କରାଯାଇଛି।

## ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଲେ ଜୟଶଙ୍କର

# ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ




**ନୂଆଦିଲ୍ଲୀ, ୩୦।୭**

ପାକିସ୍ତାନ ସହିତ ସିନ୍ଧୁ ଜଳ ରାଜିନାମା ନେଇ ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରକାରେ ଆଲୋଚନା ହେବାର ନାହିଁ। ଏହାକୁ ସ୍ଥଗିତ ରଖାଯିବ ବୋଲି କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ସଂସଦରେ ମନ୍ତବ୍ୟ ଦେଇ ଜଳ ଏବଂ ରକ୍ତ ଏକାଠି ବହିବ ନାହିଁ ବୋଲି ଜୟଶଙ୍କର କହିବା ସହିତ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ସିନ୍ଧୁ ଜଳ ରାଜିନାମା ପୁନର୍ବାର କାର୍ଯ୍ୟକାରୀ କରିବାକୁ ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ବହୁ ଉଦ୍ୟମ କରୁଥିବାବେଳେ ତାହାକୁ ଭାରତ ନିଷ୍ଫଳ କରିଦେଇଛି। ଏହା ସହିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ(ଟିଆରଏଫ)କୁ ବିଶ୍ୱ ଆତଙ୍କବାଦୀ ସଂଗଠନ ତାଲିକାରେ ସ୍ଥାନିତ କରିବାରେ ଭାରତ ସଫଳ ହୋଇଛି ବୋଲି ସେ କହିଛନ୍ତି।

ଜୟଶଙ୍କର ଆହୁରି କହିଥିଲେ 'ଅପରେସନ ସିନ୍ଦୂର' ଯେତେବେଳେ ଆରମ୍ଭ ହେଲା ସେତେବେଳେ ଅନେକ ଦେଶ ଆମ ସହିତ ସମ୍ପର୍କରେ ଥିଲେ। ପରିସ୍ଥିତି କେତେ ଗମ୍ଭୀର ହେବାକୁ ଯାଉଛି ଏବଂ କେତେଦିନ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ (ପୃଷ୍ଠା ୭ରେ)

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା : ୬ ଗିରଫ




**କଟକ, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ବଡ଼ ରାକେଟକୁ ଧରିଛି କ୍ରାଇମବ୍ରାଞ୍ଚ। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜିତେନ ମହାରଣା। ସେ ଡାଟା ଏଣ୍ଟ୍ରି ଅପରେଟର ଭାବେ ବୋର୍ଡ ଅଫିସରେ କାର୍ଯ୍ୟ କରୁଛନ୍ତି। ତାଙ୍କରି ମାଧ୍ୟମରେ ପ୍ରଶ୍ନପତ୍ର (ପୃଷ୍ଠା ୭ରେ)

# ସରକାରୀ ଅଫିସ୍‌ରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ମନା

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ ଓଡ଼ିଶା ସରକାର ସରକାରୀ ଅଫିସ୍‌ଗୁଡ଼ିକରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା କଟକଣା ଲଗାଇଛନ୍ତି। ଏହି ସଂପର୍କରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟର ସମସ୍ତ ବିଭାଗୀୟ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି।

ଚିଠି ଅନୁସାରେ, ସରକାରୀ ବୈଠକ, ସଭା, ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଜାତୀୟ ସାମଗ୍ରୀ ଯଥା ପ୍ଲାଷ୍ଟିକ ଜରି ଲାଗିଥିବା ଫୁଲତୋଡ଼ା, ପ୍ଲାଷ୍ଟିକ ଉପହାର, ଖାଦ୍ୟ ପୁଡ଼ିଆ, ପ୍ଲେଟ୍ ଆଦି ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହା ସହିତ, ସରକାରୀ ଅଫିସ୍‌ଗୁଡ଼ିକରେ ପ୍ଲାଷ୍ଟିକ ବୋତଲ ବ୍ୟବହାର ବନ୍ଦ କରି ବିକଳ୍ପ ଭାବେ କାଚ, ଷ୍ଟିଲ୍ କିମ୍ବା ଅନ୍ୟ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷାକୁ



ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ନିଆଯାଇଛି। ଓଡ଼ିଶା ସରକାର ପୂର୍ବରୁ ମଧ୍ୟ ୨୦୧୮ରେ ସହରାଞ୍ଚଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଥିଲେ, ଏବଂ ଏବେ ଏହି ନିର୍ଦ୍ଦେଶ ସରକାରୀ ଅଫିସ୍‌ଗୁଡ଼ିକରେ କଡ଼ାକଡ଼ି ପାଳନ ପାଇଁ ଜୋର ଦିଆଯାଇଛି।

# କାମଧେନୁ ଯୋଜନାରେ କୃଷକଙ୍କୁ ମିଳିବ ୨ଟି ଗାଈ

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀଙ୍କ ସମୀକ୍ଷା ବୈଠକ ସ୍ଥାନୀୟ କୃଷି ଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ବୈଠକରେ ଅଧ୍ୟକ୍ଷତା କରି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମାଛ, କ୍ଷୀର, ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଷ୍ଠାପର ଉଦ୍ୟମ କରିବା ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ୨୦୩୬ ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଆତ୍ମନିର୍ଭରଶୀଳ ସହ ମାଛ, ମାଂସ, କ୍ଷୀର, ଅଣ୍ଡା ବିଦେଶକୁ ରପ୍ତାନୀ କରି ଆର୍ଥିକ ଭାବେ



ସଶକ୍ତ ହେବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟାଦେଶପତ୍ର ବଣ୍ଟନ ଓ ସେଗୁଡିକର ସ୍ଥିତି ଉପରେ ବିଷଦ ଭାବେ ସମୀକ୍ଷା ହୋଇଥିଲା। ଏହି ଯୋଜନାର ସହାୟତା ଯଥା ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। (ପୃଷ୍ଠା ୭ରେ)

## ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ଅଗଷ୍ଟ ୯ ତାରିଖ ପରେ ଖୋଲିବ ସୁଭଦ୍ରା ପୋର୍ଟାଲ। ଏନେଇ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇ କହିଛନ୍ତି, ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଯୋଡ଼ିବାକୁ ସର୍ଭେ ହେବ। ୨୧ ବର୍ଷ ହୋଇଥିବା ଯୁବତୀ/ମହିଳା ଆବେଦନ କରିପାରିବେ। (ପୃଷ୍ଠା ୭ରେ)




## ୨ ଓଡ଼ିଶା କ୍ୟାଡର ଆଇପିଏସ୍ କେନ୍ଦ୍ରୀୟ ନିଯୁକ୍ତି ପାଇଁ ମନୋନୀତ



**ନୂଆଦିଲ୍ଲୀ, ୩୦।୭**

ଓଡ଼ିଶା କ୍ୟାଡରର ଦୁଇ ବରିଷ୍ଠ ଆଇପିଏସ ଅଧିକାରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ବିଭିନ୍ନ ରାଜ୍ୟ କ୍ୟାଡରରୁ ମୋଟ ୩୫ ଜଣ ଭାରତୀୟ ପୋଲିସ ସେବା (ଆଇପିଏସ) ଅଧିକାରୀଙ୍କୁ କେନ୍ଦ୍ରୀୟ ପଦବୀ ପାଇଁ ମନୋନୀତ କରିଛି, ଯେଉଁଥିରେ ଓଡ଼ିଶାର ଦୁଇ (ପୃଷ୍ଠା ୭ରେ)

## ଅଗଷ୍ଟ ୨ରେ ମିଳିବ ପିଏମ୍ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି



**ନୂଆଦିଲ୍ଲୀ, ୩୦।୭**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ୨୦ତମ କିସ୍ତି ଅଗଷ୍ଟ ୨ତାରିଖରେ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ବୁଧବାର ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କାର୍ଯ୍ୟକ୍ରମର ପ୍ରସ୍ତୁତି ଏବଂ ସର୍ବାଧିକ ସଂଖ୍ୟକ ଚାଷୀଙ୍କ (ପୃଷ୍ଠା ୭ରେ)

# ଟ୍ରମ୍ପଙ୍କ ଘୋଷଣା : ଭାରତ ଉପରେ ଲାଗିବ ୨୫% ଶୁଳ୍କ

**ନୂଆଦିଲ୍ଲୀ, ୩୦।୭**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ନେଇ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ପୋଷ୍ଟ କରି ଲେଖିଛନ୍ତି କି ଭାରତ, ଋଷ ସହିତ ଅସ୍ତ୍ରଶସ୍ତ୍ର ଓ ତେଲ ବ୍ୟାପାର କରୁଛି, ତେଣୁ ତା ଉପରେ ଜରିମାନା ମଧ୍ୟ ଲଗାଯିବ। ଟ୍ରମ୍ପ ଅନ୍ୟ ଏକ ପୋଷ୍ଟରେ କହିଛନ୍ତି ଯେ ଆମେରିକା ସହିତ ଭାରତର ବ୍ୟାପାର କ୍ଷତି ବହୁତ ଅଧିକ, ଏଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ଲଗାଯାଉଛି। ଟ୍ରମ୍ପ କହିଛନ୍ତି କି ଭାରତ, ଆମେରିକାର ବନ୍ଧୁ କିନ୍ତୁ ଗତ କିଛି ବର୍ଷରେ ଭାରତ ସହିତ କମ୍ ବ୍ୟାପାର ହୋଇଛି। କାରଣ ଦେଶର ଶୁଳ୍କ ବହୁତ ଅଧିକ। ଭାରତର ଅନେକ ନୀତି ଆମେରିକୀୟ କମ୍ପାନୀକୁ



ବ୍ୟବସାୟରେ ଅସୁବିଧା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ଟ୍ରମ୍ପ କହିଛନ୍ତି କି ଭାରତ ଆଜି ମଧ୍ୟ ନିଜ ଅଧିକାଂଶ ଅସ୍ତ୍ରଶସ୍ତ୍ର ଋଷରୁ କ୍ରୟ କରୁଛି। କେବଳ ଏତିକି ନୁହେଁ, ଚୀନ ସହିତ ମିଶି ଭାରତ, ଋଷଠୁ ଅଧିକ ମାତ୍ରାରେ ତେଲ ଓ ଗ୍ୟାସ୍ ମଧ୍ୟ କ୍ରୟ କରୁଛି। ଏହିସବୁ କାରଣରୁ ଆମେରିକା ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୧ ଅଗଷ୍ଟରୁ ୨୫ ପ୍ରତିଶତ ଶୁଳ୍କ ଲଗାଇବ ବୋଲି ସେ କହିଛନ୍ତି ଏହା ସହିତ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ କହିଛନ୍ତି।

# ୨୦ ହଜାର ନବାଗତଙ୍କୁ ନିଯୁକ୍ତ କରିବ ଇନ୍‌ଫୋସିସ୍

**ବେଙ୍ଗାଲୁରୁ, ୩୦।୭**

ଇନ୍‌ଫୋସିସ୍ ୨୦୨୫ରେ ପ୍ରାୟ ୨୦ ହଜାର କଲେଜ ସ୍ନାତକଙ୍କୁ ନିଯୁକ୍ତ କରିବାକୁ ଯୋଜନା କରିଛି। ସିଇଓ ସଲିଲ ପରେଖ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୧୭,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତ କରି ସାରିଛି। କମ୍ପାନୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦକ୍ଷତା ବୃଦ୍ଧି ଓ ଦ୍ରୁତ ବଦଳୁଥିବା ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ରହିବାକୁ ଏହି ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛି।

ପରେଖ କହିଛନ୍ତି, ଇନ୍‌ଫୋସିସ୍ ଏଆଇରେ ପ୍ରାରମ୍ଭିକ ନିବେଶ କରିଛି ଏବଂ ଏପର୍ଯ୍ୟନ୍ତ ୨.୭୫ ଲକ୍ଷ କର୍ମଚାରୀଙ୍କୁ ଏଆଇ ଓ ସମ୍ପର୍କିତ କ୍ଷେତ୍ରରେ ତାଲିମ ଦେଇଛି। ଏଆଇ ସଫ୍ଟୱେୟାର ଡେଭେଲପମେଣ୍ଟରେ




୫%ରୁ ୧୫% ଉତ୍ପାଦନଶୀଳତା ବୃଦ୍ଧି କରିଛି ଏବଂ ଗ୍ରାହକ ସେବା ଓ ଜ୍ଞାନ-ଆଧାରିତ କାର୍ଯ୍ୟରେ ଆହୁରି ଅଧିକ ଉନ୍ନତି ଦେଖାଯାଇଛି। ସେ ଉଲ୍ଲେଖ କରିଛନ୍ତି ଯେ, ଇନ୍‌ଫୋସିସ୍‌ର କୋର ବ୍ୟାଙ୍କିଂ ପ୍ଲାଟଫର୍ମ 'ଫିନାକଲ'ରେ ଅଟୋମେସନ ଓ ମାନବ ନିୟନ୍ତ୍ରଣର ମିଶ୍ରଣ ଦ୍ୱାରା ୨୦% ଉତ୍ପାଦନଶୀଳତା ବୃଦ୍ଧି ହୋଇଛି।

ଆଇଟି କ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ ନିକଟରେ ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିଥିବା ବେଳେ, ନାସକମ୍ କହିଛି ଯେ ପ୍ରୋଡକ୍ଟ-ଆଧାରିତ ଡେଲିଭରୀ ଓ ଗ୍ଲୋବାଲ କ୍ଲାଏଣ୍ଟଙ୍କ ଦ୍ରୁତ ସେବା ଚାହିଦା ହେତୁ କର୍ମଚାରୀ ସଂଖ୍ୟା "ଯୌକ୍ତିକିକରଣ" ହୋଇପାରେ। ଅନ୍ୟ କମ୍ପାନୀଗୁଡ଼ିକ ଖର୍ଚ୍ଚ ହ୍ରାସ ପାଇଁ ଛଟେଇ କରୁଥିବା ବେଳେ ଇନ୍‌ଫୋସିସ୍ ନୂଆ ପ୍ରତିଭା ନିଯୁକ୍ତି ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧିରେ ନିବେଶ କରୁଛି। ପରେଖ କହିଛନ୍ତି, ଏଆଇ କାର୍ଯ୍ୟ ପ୍ରଣାଳୀକୁ ବଦଳାଇ ଦେଉଛି, କିନ୍ତୁ ଜଟିଳ ସିଷ୍ଟମରେ ମାନବ ଦକ୍ଷତା ଅପରିହାର୍ଯ୍ୟ। ଏହି ରଣନୀତି ଦୀର୍ଘମିଆଦି ଅଭିବୃଦ୍ଧି ଓ ଡିଜିଟାଲ ସେବାର ବଦଳୁଥିବା ଚାହିଦା ପୂରଣ ପାଇଁ ଇନ୍‌ଫୋସିସ୍‌ର ପ୍ରସ୍ତୁତିକୁ ସୂଚାଇଛି।

## ଏକାଳ ପଖାଳ



ଅପପୁଷ୍ଟି ଆଉ ଦେଖାଯିବନି
ପେଟ ସବୁ ଯିବ ପୂରି
ଏସବୁ କ'ଣ ସତରେ ଘଟିବ
ସବୁଆଡ଼େ ଚର୍ଚ୍ଚା ଭାରି
ନେତା ଦେବେ ଯଦି ଏହା କରି
ଇତିହାସ ସତେ ନୂଆ ଲେଖା ହେବ
ନ କରିଣ ଆଉ ଡେରି...

# ଆସୁଛି ମହାସୁନାମୀ : ପ୍ରଭାବିତ ହୋଇପାରେ ଆମେରିକା !



**ୱାଶିଂଟନ, ୩୦।୭**

ଋଷିଆର କାମଚାଟକାରେ ଭୂମିକମ୍ପ ପରେ ଭୟଙ୍କର ସୁନାମୀ ଆସିଛି। ଋଷିଆ ସହିତ ଆମେରିକା ଏବଂ ଜାପାନ ମଧ୍ୟ ଏହାକୁ ନେଇ ବିପଦରେ ଅଛନ୍ତି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଯଦି କାସ୍କାଡିଆ ସବ୍‌ଡକ୍ସନ ଜୋନ୍‌ରେ ଭୂମିକମ୍ପ ହୁଏ, ତେବେ ସୁନାମୀ ଆମେରିକାର ଏକ ବଡ଼ ଅଂଶକୁ ପ୍ରଭାବିତ କରିପାରେ। ପ୍ରଶାନ୍ତ ମହାସାଗରୀୟ ଉତ୍ତର-ପଶ୍ଚିମ, ଆଲାସ୍କା ଏବଂ ହାୱାଇ ସୁନାମୀର ଶିକାର ହୋଇପାରନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭର୍ଜିନିଆ ଟେକର ଗବେଷକଙ୍କ ଦ୍ୱାରା ଏକ ନୂତନ ଅଧ୍ୟୟନ ଦ୍ୱାରା ଏହା ପ୍ରକାଶ ପାଇଛି। ଏହା ଆମେରିକାର ବିଜ୍ଞାନ ପତ୍ରିକା 'ପ୍ରୋସିଡିଂସ ଅଫ ଦି ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସେସ'ରେ ମଧ୍ୟ ପ୍ରକାଶିତ ହୋଇଛି।

ଗବେଷଣା ଆକଳନ କରିଛି ଯେ ଆଗାମୀ ୫୦ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୮.୦ ତୀବ୍ରତାରୁ ଅଧିକ ଭୂମିକମ୍ପ ହେବାର ୧୫% ସମ୍ଭାବନା ଅଛି। ଏପରି ଘଟଣା ଯୋଗୁ ଉପକୂଳ ଅଞ୍ଚଳର ଭୂମି ୬.୫ ଫୁଟ ପର୍ଯ୍ୟନ୍ତ ବୁଡ଼ିପାରେ ଏବଂ ଯଦି ଏହା ହୁଏ, ତେବେ ସୁନାମୀ ଏକ ବିପଜ୍ଜନକ ରୂପ ନେବ।

କାସ୍କାଡିଆ ସବଡକ୍ସନ ଜୋନ ହେଉଛି ଉତ୍ତର କାଲିଫର୍ଣ୍ଣିଆରୁ କାନାଡ଼ାର ଭାନକୁଭର ଦ୍ୱୀପ ପର୍ଯ୍ୟନ୍ତ ବିସ୍ତାରିତ ୬୦୦ ମାଇଲ ଲମ୍ବା ଫଲ୍ଟ ଲାଇନ। ଏହା (ପୃଷ୍ଠା ୭ରେ)

# ପ୍ରବଳ ବର୍ଷା ସମ୍ଭାବନା : ୨୦ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ

**ଭୁବନେଶ୍ୱର, ୩୦।୭:ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ୫ ଦିନ ପାଇଁ ପାଣିପାଗ ସ୍ଥିତି ପୂର୍ବାନୁମାନ କରି ପ୍ରେସ୍ ରିଲିଜ୍ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ରାଜ୍ୟର ଅନେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ କାଳବୈଶାଖୀର ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରି ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର। ଗୁରୁବାର ପାଇଁ କିଛି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରି ସତର୍କ କରିଛି ପାଣିପାଗ କେନ୍ଦ୍ର। ଏହି ଜିଲ୍ଲା ଗୁଡ଼ିକ ହେଉଛି- କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ। ଏହିସବୁ ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ସହ ଝଟ୍‌କା ପବନ (୩୦-୪୦)



କିଲୋମିଟର ପ୍ରତି ଘଣ୍ଟାରେ ବହିବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଭଳି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏପଟେ ଅଗଷ୍ଟ ୨ରୁ ଅଗଷ୍ଟ ୪ ତାରିଖ ଯାଏଁ ପାଗରେ ବଡ଼ ଧରଣର ପରିବର୍ତ୍ତନ ନହୋଇପାରେ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।



# ବାରମ୍ବାର ବଦଳୁଛନ୍ତି ବିଏମ୍‌ସି ମୁଖିଆ: ୨୨ ବର୍ଷରେ ୧୬ କମିସନର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୦୩ ମସିହା ଡିସେମ୍ବର ମାସରେ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ କମିସନର ହୋଇଥିଲେ ସୁରେଶ ଚନ୍ଦ୍ର ମନ୍ତ୍ରୀ। ତାଙ୍କ ଠାରୁ ଆରମ୍ଭ କରି ୨୦୨୫ରେ ରାଜେଶ ପ୍ରଭାକର ପାଟିଲ୍‌ଙ୍କ ପର୍ଯ୍ୟନ୍ତ। ପାଖାପାଖି ୨୨ ବର୍ଷରେ ୧୬ ଜଣ କମିସନର ବଦଳି ହେଲେଣି। ଏବେ ୧୭ ନମ୍ବର କମିସନର ଭାବେ ଯୋଗ ଦେବେ ଚଞ୍ଚଳ ରଣା। କେବଳ ଗତ ୭ ବର୍ଷରେ ୭ ଜଣ କମିସନରଙ୍କ ବଦଳି ହେଲାଣି। କମିସନର ପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବିରେ ଅସ୍ଥିରତା ବିଏମ୍‌ସିର ପ୍ରଶାସନିକ ଓ ଉନ୍ନୟନମୂଳକ କାର୍ଯ୍ୟରେ ଅଡୁଆ ସୃଷ୍ଟି କରୁଥିବାର ଅଭିଯୋଗ ହେଉଛି। ସାଧାରଣତଃ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ସର୍ବନିମ୍ନ ତିନି ବର୍ଷ କାମ କରିବାକୁ ଗୋଟିଏ ପରମ୍ପରା ରହିଛି। କିନ୍ତୁ ବିଏମ୍‌ସି କ୍ଷେତ୍ରରେ ତାହା ପାଳନ କରାଯାଉ ନାହିଁ। ୧୬ ଜଣ କମିସନରଙ୍କ ମଧ୍ୟରୁ କେବଳ କ୍ରିଷନ୍ କୁମାର (ପ୍ରାୟ ୫ ବର୍ଷ) ଓ ଅପରାଜିତା ଷଡ଼ଙ୍ଗୀ (ପ୍ରାୟ ୩ ବର୍ଷ) ସର୍ବାଧିକ ସମୟ ରହିଛନ୍ତି। ଅନ୍ୟମାନଙ୍କ ଭିତରେ କିଏ ମାସେ, କିଏ ୬ ମାସ ତ’ କିଏ ବର୍ଷେ ଭିତରେ ବଦଳି ହୋଇଯାଇଛନ୍ତି। କମିସନରମାନଙ୍କର ଏମିତି ଘନ ଘନ ବଦଳି ବିଚିତ୍ର ପରିସ୍ଥିତି ସୃଷ୍ଟି କରୁଛି। କମିସନର ବଦଳିବା ସହ ସେମାନଙ୍କ କାମ କରିବା ଶୈଳୀ, ପୂର୍ବ ଯୋଜନା ଓ ନିଷ୍ପତ୍ତି ବି ବଦଳିଯାଉଛି। ଫଳରେ ବିକାଶର ଗତି ମନ୍ଥର ହେଉଛି ଓ ସହରବାସୀ ହିଁ ସମସ୍ୟା ଭୋଗୁଛନ୍ତି। ସହରର କୌଣସି ବଡ଼ ସମସ୍ୟାର ସ୍ଥାୟୀ ସମାଧାନର ବାଟ ବାହାରି ପାରୁନି। ନା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ପ୍ରତିକାର ହେଉଛି ନା ଆବର୍ଜନା ପାହାଡ଼ ହଟାଇବାକୁ ସମାଧାନର ବାଟ ବାହାରୁଛି। ବାରମ୍ବାର ବଦଳି ହେଉଥିବାରୁ ଅଧିକାଂଶ କମିସନର କୌଣସି ବଡ଼ କାମ ହାତକୁ ନେବାକୁ ଆଗ୍ରହ ପ୍ରକାଶ କରୁ ନଥିବାର ନଜିର ବି ଦେଖିବାକୁ ମିଳୁଛି। ଏପରିକି ପ୍ରଶାସନିକ ସ୍ତରରେ ମଧ୍ୟ କିଛି ଜଟିଳ ସମସ୍ୟାକୁ ସମାଧାନ କରିବାରେ କମିସନରମାନେ ଆଗ୍ରହ ନେଉ ନାହାନ୍ତି। ଫଳରେ ବିଏମ୍‌ସି ଅନେକ ଅଦାଲତି ମାମଲାରେ ବି ଛନ୍ଦି ହେଉଛି। ଏଥି ପାଇଁ ଆର୍ଥିକ କ୍ଷତି ବି ସହିବାକୁ ପଡୁଥିବାର ଅଭିଯୋଗ ହେଉଛି।



**୨୦ ବର୍ଷର ବିଏମ୍‌ସି କମିସନର୍ ତାଲିକା**

| ନାମ | କାର୍ଯ୍ୟ ଆରମ୍ଭ | କାର୍ଯ୍ୟ ଶେଷ |
|---|---|---|
| ସୁରେଶ ଚନ୍ଦ୍ର ମନ୍ତ୍ରୀ | ୧୬.୧୨.୨୦୦୩ | ୧୭.୦୧.୨୦୦୫ |
| ସତ୍ୟବ୍ରତ ସାହୁ | ୨୧.୦୧.୨୦୦୫ | ୦୬.୦୧.୨୦୦୬ |
| ସଂଜୀବ କୁମାର ମିଶ୍ର | ୦୭.୦୧.୨୦୦୬ | ୦୧.୦୫.୨୦୦୬ |
| ଅପରାଜିତା ଷଡ଼ଙ୍ଗୀ | ୦୧.୦୫.୨୦୦୬ | ୦୬.୦୭.୨୦୦୯ |
| ବିଶାଲ କୁମାର ଦେବ | ୦୮.୦୭.୨୦୦୯ | ୨୩.୦୯.୨୦୦୯ |
| ଦେଓରଂଜନ କୁମାର ସିଂହ | ୨୮.୦୯.୨୦୦୯ | ୩୦.୧୨.୨୦୦୯ |
| ଗଦାଧର ପରିଡ଼ା | ୩୦.୧୨.୨୦୦୯ | ୦୧.୧୦.୨୦୧୦ |
| ବିଶାଲ କୁମାର ଦେବ | ୦୧.୧୦.୨୦୧୦ | ୩୧.୦୭.୨୦୧୨ |
| ସଂଜୀବ କୁମାର ମିଶ୍ର | ୩୧.୦୭.୨୦୧୨ | ୨୪.୦୨.୨୦୧୪ |
| ଡ. କ୍ରିଷନ୍ କୁମାର | ୨୪.୦୨.୨୦୧୪ | ୨୬.୧୨.୨୦୧୮ |
| ଶୁଭମ୍ ସକ୍ସେନା | ୨୬.୧୨.୨୦୧୮ | ୧୨.୦୨.୨୦୧୯ |
| ସମର୍ଥ ବର୍ମା | ୧୨.୦୨.୨୦୧୯ | ୨୪.୦୬.୨୦୧୯ |
| ପ୍ରେମ ଚନ୍ଦ୍ର ଚୌଧୁରୀ | ୨୭.୦୬.୨୦୧୯ | ୧୨.୦୫.୨୦୨୧ |
| ସଂଜୟ କୁମାର ସିଂହ | ୧୨.୦୫.୨୦୨୧ | ୨୦.୦୬.୨୦୨୨ |
| ବିଜୟ ଅମୃତା କୁଲାଙ୍ଗେ | ୨୦.୦୬.୨୦୨୨ | ୨୩.୦୨.୨୦୨୪ |

# ରାଜଧାନୀକୁ ଦଇବ ସାହା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲଘୁଚାପଜନିତ ବର୍ଷାରେ ଉବୁଟୁବୁ ହୋଇଛି ରାଜଧାନୀ। ବୁଡ଼ିଛି ଭୁବନେଶ୍ୱର ସହର ଓ ସହରତଳି ଅଞ୍ଚଳ। ବର୍ଷାରେ ପ୍ରମୁଖ ରାସ୍ତାମାନଙ୍କରେ ଅସମ୍ଭାଳ ପରିସ୍ଥିତି ଦେଖିବାକୁ ମିଳିଛି। ଏଜି ଛକରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାରେ ମନ୍ତ୍ରୀ, ବିଧାୟକମାନଙ୍କ କ୍ୱାର୍ଟର୍ସ ଆଗରେ ବି ପାଣି ଲହଡ଼ି ମାରିଛି। ବମିଖାଲ, ଶ୍ରୀୟା ଛକ, ଏକାମ୍ର ହାଟ ସମ୍ମୁଖ ରାସ୍ତା, ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଓ ସମ୍ମୁଖ ରାସ୍ତା ଜଳାର୍ଣ୍ଣବ ହୋଇଯାଇଥିଲା। ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ବି ଏଥିରୁ ବାଦ୍ ପଡ଼ିନଥିଲା। କାର୍ଯ୍ୟାଳୟ ସମ୍ମୁଖ ଓ ପଛ ରାସ୍ତାରେ ପାଣି ଲହଡ଼ି ମାରିଥିଲା। ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଲହଡ଼ି ମାରିଥିଲା। ଫଳରେ ଯାତାୟାତରେ ପ୍ରଭାବିତ ହୋଇଥିଲା। ଲୋକେ ଦୁର୍ଦ୍ଦଶା ଭୋଗିଥିଲେ। ସହରର ଗଳିକନ୍ଦି ବି ଏଥିରୁ ବାଦ୍ ପଡ଼ିନଥିଲା। କେଉଁଠି ଆଣ୍ଠୁଏ ତ’ କେଉଁଠି ଜଙ୍ଘେ ଉଚ୍ଚରେ ପାଣି ଗଳିକନ୍ଦିରେ ଲହଡ଼ି ମାରିଥିଲା। ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ବିଶେଷ କରି ବମିଖାଲ ବ୍ରିଜ୍ ନିକଟରେ ଆଣ୍ଠୁଏ ଉଚ୍ଚରେ ପାଣି ଲହଡ଼ି ମାରିଥିଲା। ଫଳରେ ଗାଡ଼ିମୋଟର ଯାତାୟାତ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା। ପାଣିରେ ବି କିଛି ଗାଡ଼ି ଫସି ରହିଥିଲା। ପ୍ରାୟ ଅଧଘଣ୍ଟାଏ ପରେ ପାଣି ଖାଲି ହେବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ଲଘୁଚାପ ଯୋଗୁଁ ଆଜି ସକାଳୁ ପାଗ ମେଘୁଆ ରହିବା ସହ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ଆରମ୍ଭ ହୋଇଥିଲା। ଅପରାହ୍ଣରେ ବର୍ଷା ଛେଚିଥିଲା। ଚାହୁଁ ଚାହୁଁ ବମିଖାଲ ଓ ଅନ୍ୟସ୍ଥାନରେ ନାଳ ପାଣି ମିଶା ବର୍ଷା ପାଣି ରାସ୍ତାରେ ଲହଡ଼ି ଭାଙ୍ଗିଥିଲା। ୟୁନିଟ୍-୩ ଅଞ୍ଚଳ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଆଖପାଖ ଅଞ୍ଚଳ ପାଣିରେ ବୁଡ଼ି ରହିଥିଲା। ବର୍ଷା ଫଳରେ ରସୁଲଗଡ଼ ନେତାଜୀନଗର ବସ୍ତି ଉବୁଟୁବୁ ହୋଇଥିଲା। ପ୍ରତି ଘରେ ପାଣି ପଶିଥିଲା। ଫଳରେ ଲୋକଙ୍କ ରୋଷେଇବାସ ବନ୍ଦ ହୋଇଯାଇଥିଲା। ନେତାଜୀନଗର, ଶବରସାହିରେ ମଧ୍ୟ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ନେତାଜୀନଗରରେ ପ୍ରାୟ ୭୦ ପରିବାର ରହୁଛନ୍ତି। ଲୋକ ସଂଖ୍ୟା ପ୍ରାୟ ୨୫୦। ନେତାଜୀନଗର ଅଞ୍ଚଳ ସାହି ସଭାପତି ସନାତନ ସେଠୀ କହିଛନ୍ତି, ବର୍ଷା ହେବା ଫଳରେ ସମସ୍ତଙ୍କ ଘରେ ପାଣି ପଶିଛି। ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି, ଆମ ସାହି ଦେଇ ଯାଇଥିବା ଡ୍ରେନ୍‌କୁ କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ନାଳ ଶେଷ ମୁଣ୍ଡରେ ବନ୍ଧ ବାନ୍ଧି ନାଳ ପାଣି ନିଷ୍କାସନ ବାଟ ବନ୍ଦ କରି ଦେଇଛନ୍ତି। ଫଳରେ ପାଣି ନିଷ୍କାସନ ହୋଇନପାରି ସାହିରେ ଜମି ରହୁଛି। ଏ ନେଇ ସାହି ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିବା କହିଛନ୍ତି। କିନ୍ତୁ ବିଳମ୍ବିତ ରାତି ସୁଦ୍ଧା ସେମାନଙ୍କୁ କୌଣସି ସହାୟତା ମିଳିନଥିବା କହିଛନ୍ତି।

# ସାଇବର ଠକେଇ: ୫ ମାସରେ ଗଲାଣି ୧୪୪ କୋଟି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅଦୃଶ୍ୟ ଠକଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ପୂରା ଆକାଉଣ୍ଟ। ପୁଲିସ୍, ସରକାରଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସାଇବର ଠକମାନେ ଗଳା ବାଟ ବାହାର କରି ଦେଉଛନ୍ତି। ନୂଆ ନୂଆ ଉପାୟରେ ଲୋକଙ୍କୁ ଚୂନ ମାରି ଚାଲିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଠକଙ୍କ ଗୋଟିଚାଳନା ଆଗରେ ପୁଲିସ୍‌ର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ହାତଗଣତି କେତୋଟି ମାମଲାରେ ଠକଙ୍କୁ ଗିରଫ, ଟଙ୍କା ଫେରସ୍ତ ଓ ଠକଙ୍କ ଆକାଉଣ୍ଟ ଅଚଳ କରିବା ବ୍ୟତୀତ ଖାଲି ମାମଲା ରୁଜୁରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଛି। ସାଇବର ଠକେଇକୁ ନେଇ ଏବେ ପୁଣି ଏକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତ ୫ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ପ୍ରାୟ ୧୪୪କୋଟି ଟଙ୍କା ଉଡ଼ାଇ ନେଇଛନ୍ତି। ହାରାହାରି ଭାବେ ହିସାବ କଲେ, ଦିନକୁ କୋଟିଏ ଟଙ୍କା ଲୁଟୁଛନ୍ତି। ଚଳିତବର୍ଷ ଜାନୁୟାରୀଠାରୁ ମେ’ ମଧ୍ୟରେ ରାଜ୍ୟର ପ୍ରାୟ ୨୦ ହଜାର ଲୋକଙ୍କୁ ଠକମାନେ ବିଭିନ୍ନ ଉପାୟରେ ଚୂନ ମାରିଛନ୍ତି। ହେଲେ, ସେଥିମଧ୍ୟରୁ ପୁଲିସ ମାତ୍ର ୧୬କୋଟି ଟଙ୍କା ଅଚଳ କରିପାରିଛି। ଏହା ମୋଟ ଠକେଇ ପରିମାଣର ମାତ୍ର ୧୧ ପ୍ରତିଶତ ବୋଲି ଜଣାଯାଇଛି।

ଅପରପକ୍ଷେ, ସମ୍ବଲପୁରର ଜଣେ ବ୍ୟବସାୟୀଙ୍କୁ ସାଇବର ଠକ କୋଟିଏ ଟଙ୍କାର ଚୂନ ମାରିଥିବା ଅଭିଯୋଗ ପଦାକୁ ଆସିଛି। ପୁଞ୍ଜିବଜାର (ସେୟାର ମାର୍କେଟ୍)ରେ ନିବେଶ ଆଳରେ ଠକିଛନ୍ତି। ସଂପୃକ୍ତ ବ୍ୟବସାୟୀ ହ୍ୱାଟ୍ସଆପ୍ ଯୋଗେ ସେୟାର ମାର୍କେଟ୍ ସମ୍ପର୍କିତ ଏକ ମେସେଜ୍ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଟଙ୍କା ନିବେଶ କରିଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସାଇବର ଠକ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ୟବସାୟୀଜଣଙ୍କ ସେମାନଙ୍କ କଥାରେ ବିଶ୍ୱାସ କରି ଉକ୍ତ ଆପ୍ ଦ୍ୱାରା ସେୟାର ମାର୍କେଟ୍‌ରେ ଅର୍ଥ ଲଗାଇବା ଆରମ୍ଭ କରିଥିଲେ। କମ୍ପାନୀର ସତ୍ୟାସତ୍ୟ ଜାଣିବା ଲାଗି ଟଙ୍କା ଉଠାଇବାରୁ ଆକାଉଣ୍ଟକୁ ଟଙ୍କା ଆସିଥିଲା। ବିଶ୍ୱାସ ବଢ଼ିବାରୁ ବ୍ୟବସାୟୀଜଣଙ୍କ ଆହୁରି ଟଙ୍କା ଲଗାଇଥିଲେ। ସେୟାର ମାର୍କେଟରୁ ମିଳୁଥିବା ଲାଭାଂଶ ଆପ୍ ୱାଲେଟ୍‌ରେ ଦେଖାଉଥିଲା। କିନ୍ତୁ ଗତ ମାସ ଶେଷ ସପ୍ତାହରେ ସେ ପୁଣିଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେତେବେଳକୁ ସେ ୧କୋଟି ୩୧ ଲକ୍ଷ ଟଙ୍କା ହରାଇ ସାରିଥିଲେ। ଏ ସଂପର୍କରେ ସେ ସାଇବର ହେଲ୍ପଡେସ୍କ ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ୨୨ଟି ପର୍ଯ୍ୟାୟରେ ଠକ ତାଙ୍କ ପାଖରୁ ୧କୋଟି ୩୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିବା ବେଳେ ପୁଲିସ୍ ମାତ୍ର ୬ଲକ୍ଷ ଟଙ୍କା ଥିବା ସାଇବର ଠକଙ୍କ ଏକ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିପାରିଛି।

# ୧୦ ମାସରେ ସାଢ଼େ ୪ହଜାର ଦୁଷ୍କର୍ମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ। ରାତି କ’ଣ, ଦିନରେ ବି ଘରୁ ବାହାରିବାକୁ ଡରିଲେଣି। ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି। ହିସାବ କଲେ ହାରାହାରି ଦିନକୁ ୧୫ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗିର, ମୟୂରଭଞ୍ଜ, ଭୁବନେଶ୍ୱର ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟିଥିବା ଅଭିଯୋଗ ହୋଇଛି। କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଏବେ ବି ବାହାରେ ବୁଲୁଛନ୍ତି। ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନରେ ବିଳମ୍ବ ଯୋଗୁଁ ଅଭିଯୁକ୍ତମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି। ନାବାଳିକାଙ୍କୁ ଗଣଦୁଷ୍କର୍ମ, ହତ୍ୟା ଓ ଅପହରଣ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ବ୍ରହ୍ମପୁରରେ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଗୋଲନ୍ଥରା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ୪ଜଣ ଗଣଦୁଷ୍କର୍ମ କରିବା ପରି ଜଘନ୍ୟ ଘଟଣା ଘଟିଛି। ଅନୁରୂପ ଭାବରେ ବରଗଡ଼ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ମାମୁଁ ଘରକୁ ଯାଇ ନିଖୋଜ ଥିବା ନାବାଳିକାକୁ ଜଣେ ଯୁବକ ଗୁରୁତର ଅବସ୍ଥାରେ



ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଲଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଞ୍ଚଳ କାନିସାହି ଓ ହରିପୁର ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ ଘଟଣାରେ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଏପରିକି ଅପହରଣକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କାରି ସମ୍ପୃକ୍ତ ନାବାଳିକାଙ୍କ ପରିବାର ଥାନା ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ସ୍ପର୍ଶକାତର ବିଷୟଟି ହେଉଛି ଦୁଷ୍କର୍ମ ଓ ମହିଳା ବିରୋଧୀ ହିଂସା ଘଟଣାରେ ପୁଲିସର ଆଭିମୁଖ୍ୟ। ବିଭିନ୍ନ ଅଣ ଅପରାଧିକ କାର୍ଯ୍ୟ, ସୁରକ୍ଷା ଦାୟିତ୍ୱ, ବଡ଼ବଡ଼ିଆଙ୍କ ଗସ୍ତ ଆଦିରେ ପୁଲିସ ଏତେମାତ୍ରାରେ ବ୍ୟସ୍ତ ଯେ ସେମାନେ ଏପରି ମହିଳା ବିରୋଧୀ ହିଂସା ଘଟଣାଗୁଡ଼ିକୁ ତଦନ୍ତ କରିବାକୁ ସମୟ ନ ଥିବା ବାହାନା କାଢୁଛନ୍ତି। ଯାହା ପୀଡ଼ିତା ଓ ସେମାନଙ୍କ ପରିବାରର କଟା ଘା’ରେ ଚୂନ ମାରିବା ପରି ହୋଇଛି।

୨୦୨୪ ଜୁନରୁ ଡିସେମ୍ବର ୫ ମାସ ମଧ୍ୟରେ ରାଜ୍ୟରେ ୭୬୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ସେହିପରି ୫୦୯ ମହିଳାଙ୍କୁ ଦୁଷ୍କର୍ମ ଓ ୪୧ଟି ଗଣଦୁଷ୍କର୍ମ ମାମଲା ଘଟିଥିଲା ବୋଲି ସେ ସ୍ୱୀକାର କରିଥିଲେ। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ ଓ ଦୁଷ୍କର୍ମଗୁଡ଼ିକର ବିଚାର ପାଇଁ ବିଶେଷ ତତ୍ପରତା ରାଜ୍ୟ ପୁଲିସ ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶରେ ମହିଳା ବିରୋଧୀ ହିଂସା ଓ ଉତ୍ପୀଡ଼ନ ମାମଲାର ସଜାହାର ୬୮%, ବିହାର ପରି ଅପରାଧପ୍ରବଣ ରାଜ୍ୟରେ ୬୦% ରହିଥିବାବେଳେ ଓଡ଼ିଶାରେ ଏହା ୧୦% ବି ଅତିକ୍ରମ କରିନାହିଁ।

# ନାକତଳେ ନିଶା କାରବାର: ପୋଲିସ, ଅବକାରୀ ନୀରବଦ୍ରଷ୍ଟା

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବରଗଡ଼ ଜିଲାରେ ନିଶା କାରବାର ଚର୍ଚ୍ଚାର ବିଷୟ ହୋଇଛି। ଗାଁଠୁ ସହର ସବୁଠି ଏହି କାରବାର ବଢ଼ି ଚାଲିଛି। ଚୋରାମଦ, କଫ୍ ସିରପ୍‌ଠାରୁ ଆରମ୍ଭ କରି ବ୍ରାଉନସୁଗାର ଯାଏ ନିଶାଦ୍ରବ୍ୟ ଏଠାରେ ଅବାଧରେ ବିକ୍ରି ହେଉଛି। ଏଥିରେ ଅଙ୍କୁଶ ଲଗାଇବା ପାଇଁ ଲୋକେ ବାରମ୍ବାର ଦାବି କରୁଛନ୍ତି। ଚିରାଚରିତ ଭାବେ ପୋଲିସ, ଅବକାରୀ ଧରପଗଡ଼ କରୁଛନ୍ତି। ମାତ୍ର ତାହା ଧର୍ମକୁ ଆଖିଠାର ଭଳି ହେଉଛି। ପୋଲିସ, ଅବକାରୀ କଫ୍ ସିରପ୍, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ ଜବତ କରୁଛନ୍ତି। କିଛି ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରୁଛନ୍ତି। ସେଥିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହି ଯାଉଛି। ତେବେ କେଉଁଠୁ ସେହି ନିଶାଦ୍ରବ୍ୟ ଆସୁଛି ଏବଂ ସେଥିରେ ଆଉ କାହାରିଙ୍କ ସମ୍ପୃକ୍ତି ରହିଛି, ତାହା କେବଳ ତଦନ୍ତାଧିନଭାବେ ରହି ଯାଉଛି। ଅବକାରୀ କିମ୍ବା ପୋଲିସ ଚେରକୁ ଛୁଇଁ ପାରୁ ନାହାନ୍ତି। ନିଶା କାରବାରର କିଙ୍ଗପିନ୍‌ଙ୍କୁ କେହି ଧରି ପାରୁ ନାହାନ୍ତି। ଅନ୍ୟପଟେ ନିଶା କାରବାର ବୃଦ୍ଧି ଯୋଗୁ ଜିଲାରେ ଦିନ ଦ୍ୱିପ୍ରହରରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚୋରି, ଲୁଟ୍, ଆକ୍ରମଣଠାରୁ ଆରମ୍ଭ କରି ହତ୍ୟା ଭଳି ଅପରାଧ ଘଟୁଛି। କେବଳ ସେତିକି ନୁହେଁ, ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଅନେକ ସମୟରେ ନିଶାସକ୍ତ ରୋଡ୍ ରୋମିଓଙ୍କ ଦ୍ୱାରା ସ୍କୁଲ, କଲେଜ ଛାତ୍ରୀମାନେ ମଧ୍ୟ ଟାହିଆଟାପୁରାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟରେ ଯାତାୟତ ପାଇଁ କେବଳ ମହିଳା ନୁହଁନ୍ତି, ପୁରୁଷମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏଭଳି ନିଶା କାରବାର ରୋକିବା ପାଇଁ ଜିଲାରେ ଅବକାରୀ କିମ୍ବା ପୋଲିସର ଅଭାବ ନାହିଁ। ୧୨ବ୍ଲକ ବିଶିଷ୍ଟ ବରଗଡ଼ ଜିଲାରେ ପୋଲିସ ମୁଖ୍ୟାଳୟ ସମେତ ୧୭ଥାନା ରହିଛି। ଗୋଡ଼ଭଗା, ରୁଷୁଡ଼ା ଓ ବିଜୟପଲ୍ଲୀରେ ପୋଲିସ ଫାଣ୍ଡି ଏବଂ ଡୁଙ୍ଗୁରି(ଅମ୍ବାଭୋନା) ଓ ନୃସିଂହନାଥରେ ପୋଲିସ୍ ବିଟ୍ ହାଉସ୍ ଅଛି। ଜିଲା ସଦର ମହକୁମାରେ ପୋଲିସ ଆରକ୍ଷୀ ଅଧୀକ୍ଷକ(ଏସପି)ଙ୍କ କାର୍ଯ୍ୟାଳୟ, ଏସଡ଼ିପିଓଙ୍କ କାର୍ଯ୍ୟାଳୟ ରହିଛି। ପଦ୍ମପୁରରେ ମଧ୍ୟ ଏସଡିପିଓଙ୍କ କାର୍ଯ୍ୟାଳୟ ଅଛି। ସେହିପରି ସଦର ମହକୁମାରେ ବରଗଡ଼ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ବରଗଡ଼ ଓ ପଦ୍ମପୁରରେ ଅବକାରୀ ବିଭାଗର ରେଞ୍ଜ କାର୍ଯ୍ୟାଳୟ ଅଛି। ବରଗଡ଼ ଅବକାରୀ ରେଞ୍ଜ ଅଧିନରେ ଅତାବିରା, ଭଟଲି ଓ ବରଗଡ଼ ଏବଂ ପଦ୍ମପୁର ରେଞ୍ଜ ଅଧିନରେ ପଦ୍ମପୁର, ପାଇକମାଳ ଓ ସୋହେଲା ଅବକାରୀ ଷ୍ଟେଶନ ରହିଛି। କେବଳ ସେତିକି ନୁହେଁ, ଉଭୟ ପୋଲିସ ଏବଂ ଅବକାରୀ ବିଭାଗରେ ଯଥାକ୍ରମେ ଏନଏଚ୍ ପାଟ୍ରୋଲିଂ ଏବଂ ମୋବାଇଲ ଟିମ୍ ରହିଛନ୍ତି। ଏହାସତ୍ତ୍ୱେ ପୋଲିସ ଏବଂ ଅବକାରୀର ନାକତଳେ ନିଶା କାରବାର ବୃଦ୍ଧି ଉଭୟ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ସବୁଠି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବରଗଡ଼ ଏସ୍‌ପି ପିଏସ୍ ମୀନା ଏବଂ ଅବକାରୀ ଅଧିକ୍ଷକ ସୁବନ କୁମାର ନାୟକଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା। ବରଗଡ଼ରେ ନିଶା କାରବାର ଯେଭଳି ଚାଲିଛି, ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ପୋଲିସ, ଜିଲାପାଳ ଧ୍ୟାନ ଦେଉ ନାହାନ୍ତି। ସହରର ପ୍ରତିପଡ଼ାରେ ନିଶାଦ୍ରବ୍ୟ ବିକ୍ରି ହେଉଛି। ନାଗରିକ ସୁରକ୍ଷିତ ମଣୁ ନାହାନ୍ତି। ଯୁବପୀଢ଼ି ନିଶାସକ୍ତ, ପଥଭ୍ରଷ୍ଟ ହେଉଛନ୍ତି। ସେମାନଙ୍କ କ୍ୟାରିୟର ଉପରେ ଏହାର କୁପ୍ରଭାବ ପଡୁଛି। ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ଜଣାଇଥିଲୁ। ହେଲେ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ। ଯେଭଳି ଅବାଧରେ ନିଶା କାରବାର ଚାଲିଛି, ତାକୁ ବନ୍ଦ କରା ନଗଲେ ଯୁବଶକ୍ତି ବିଭ୍ରାନ୍ତ ହେବା ନିଶ୍ଚିତ। ସେହିପରି ସାମାଜିକ ଉନ୍ନତି ହେବାର ସମ୍ଭାବନା ନାହିଁ। ବରଗଡ଼ ସହରରେ ନିଶା ଟାବଲେଟ୍, ବ୍ରାଉନ ସୁଗାର, କଫ୍ ସିରପ୍ କାରବାର ମାତ୍ରାଧିକ ଚାଲିଲାଣି। ନିଶାଗ୍ରସ୍ତ ଲୋକଙ୍କ ପାଇଁ ମା’, ଭଉଣୀ ପଦାକୁ ବାହାରିବା ପାଇଁ ଭୟଭିତ ହେଉଛନ୍ତି। ନିଶା କାରବାର ଦମନ ପାଇଁ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆଗାମୀ ଦିନ ବରଗଡ଼ ନିଶାର ଗଡ଼ ପାଲଟିବ, ଏଥିରେ ସନ୍ଦେହ ନାହିଁ। ନିଶା କାରବାର ରୋକିବା ପାଇଁ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଯେଭଳି କାର୍ଯ୍ୟାନୁଷ୍ଠାନ ହେବା କଥା, ତାହା ପରିଲକ୍ଷିତ ହେଉ ନାହିଁ। ପୋଲିସ ପକ୍ଷରୁ ରାପିଡ୍ ଆକ୍ସନ ଟିମ୍ ଗଠନ କରି ଚଢ଼ାଉ କରାଯିବା ଦରକାର। ଅଭିଯୋଗ ପାଇଲେ ଯାଇ ଚଢ଼ାଉ ହେଉଛି। କିନ୍ତୁ ସରପ୍ରାଇଜ୍ ରେଡ୍ ହେବା କଥା। ସେହିପରି ନିଶା କାରବାର ରୋକିବା ସାମାଜିକ ଦାୟିତ୍ୱବୋଧ। ଫଳରେ ସେଥିପାଇଁ ସମସ୍ତେ ପ୍ରୋଟେଷ୍ଟ କରିବା ସହିତ ପୋଲିସ, ଅବକାରୀ ବିଭାଗକୁ ସୂଚନା ମଧ୍ୟ ଦେବା ଉଚିତ୍।

# ରାଜ୍ୟର ୧୦୨ ହାଇସ୍କୁଲ ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଖବର। ରାଜ୍ୟରେ ଥିବା ୧୦୨ଟି ହାଇସ୍କୁଲକୁ ଉନ୍ନୀତ କରାଯାଇ ହାୟର ସେକେଣ୍ଡାରୀ ସ୍କୁଲ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ରେ ପରିଣତ କରାଯାଇଛି । ୧୦୨ ହାଇସ୍କୁଲ ହାୟର ସେକେଣ୍ଡାରୀ ସ୍କୁଲକୁ ଉନ୍ନୀତ ହେବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ୍ସ ଯୋଗେ ସୂଚନା ଦେଇଛନ୍ତି । ହାୟର ସେକେଣ୍ଡାରୀ ସ୍କୁଲ ହେବା ପରେ ଏଠାରେ ଯୁକ୍ତ ଦୁଇ ପଢ଼ିବେ ଛାତ୍ରଛାତ୍ରୀ। ଯେଉଁମାନେ ଦଶମ ପଢ଼ିସାରି ଅନ୍ୟ କଲେଜ ଯାଉଥିଲେ ସେମାନଙ୍କୁ ଆଉ କଲେଜ ଖୋଜିବାକୁ ପଡ଼ିବନି। ଏହି ସବୁ ଉନ୍ନୀତ ହାୟର ସେକେଣ୍ଡାରୀ ସ୍କୁଲ ମଧ୍ୟରେ ଅନୁଗୁଳର ୪ଟି, ଭଦ୍ରକର ୯, ବଲାଙ୍ଗିର ୯, ବୌଦ୍ଧର ୩, କଟକର ଗୋଟିଏ, ଦେବଗଡ଼ର ଗୋଟିଏ, ଢେଙ୍କାନାଳର ୫, ଗଜପତିର ୪, ଜଗତସିଂହପୁରର ଗୋଟିଏ, ଝାରସୁଗୁଡ଼ାର ୩, କଳାହାଣ୍ଡିର ୧୨, କନ୍ଧମାଳର ୬, କେନ୍ଦୁଝରର ୫, କୋରାପୁଟର ୨, ନବରଙ୍ଗପୁରର ୧୫, ନୂଆପଡ଼ାର ୧୦, ରାୟଗଡ଼ାର ୧୨ଟି ହାଇସ୍କୁଲ ରହିଛି । ୨୦୨୫-୨୬ ଶିକ୍ଷାବର୍ଷରୁ ଏହି ସବୁ ହାୟର ସେକେଣ୍ଡାରୀ ସ୍କୁଲରେ କଳା, ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହେବ। ସମସ୍ତଙ୍କୁ ଶିକ୍ଷିତ କରିବା ଏବଂ ଶିକ୍ଷାଦାନକୁ ବ୍ୟାପକ କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଯାହାକୁ ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ୧୦୨ ଉଚ୍ଚ ବିଦ୍ୟାଳୟକୁ ଉନ୍ନତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ଏକ୍ସ ଯୋଗେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଯୁକ୍ତ ଦୁଇ ପଢାରୁ ବଞ୍ଚିତ ହେଉଥିବା ପିଲା ଏବେ ନିଜ ପାଖ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷା ଲାଭ କରିବେ। ଅପରପକ୍ଷେ, ସିବିଏସଇ ସ୍କୁଲ ଭଳି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଖୁବଶୀଘ୍ର ସିସିଟିଭି ଲାଗିବ । ସ୍କୁଲରେ ଘଟୁଥିବା ପ୍ରତିଟି ଘଟଣା ଉପରେ ସିସିଟିଭିର ନଜର ରହିବ। ବାଲେଶ୍ୱର ଫକୀରମୋହନ କଲେଜରେ ଯେଉଁଭଳି ଅଘଟଣ ଘଟିଲା ତାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ବିଭିନ୍ନ ସମୟରେ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଅଭିଯୋଗ ଆସୁଛି। ତେଣୁ ସ୍କୁଲରେ ପଢୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ଲଗାଯିବ ବୋଲି ଗଣଶିକ୍ଷା ବିଭାଗ ବିଚାର କରୁଥିବା ମନ୍ତ୍ରୀ କହିଛନ୍ତି।

# ଓଡ଼ିଶାର ୨୮% ଶିଶୁ ଶାରୀରିକ ଅବିକଶିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ୬ ବର୍ଷରୁ କମ୍ ପ୍ରାୟ ୨୮ ପ୍ରତିଶତ ଶିଶୁ ଅବିକଶିତ ବା ଶାରୀରିକ ଭାବେ ଦୁର୍ବଳ ହୋଇଥିବାବେଳେ ୧୨ ପ୍ରତିଶତ କୁପୋଷଣର ଶିକାର। ସେହିପରି ଶୂନରୁ ୫ ବର୍ଷ ବୟସ ମଧ୍ୟରେ ୩.୨୧ ପ୍ରତିଶତ ପିଲା ଉଚ୍ଚତା ତୁଳନାରେ ପତଳା ହୋଇଥିବାବେଳେ ୧୧.୬୩ ପ୍ରତିଶତଙ୍କ ଓଜନ ବହୁତ କମ୍ ବୋଲି କେନ୍ଦ୍ର ସରକାରଙ୍କ ଜୁନ୍ ମାସର ପୋଷଣ ଟ୍ରାକର ତଥ୍ୟରୁ ଜଣାପଡ଼ିଛି, ଯାହାକି ଦୀର୍ଘକାଳୀନ କୁପୋଷଣକୁ ସୂଚିତ କରୁଛି। ତେବେ ରାଜ୍ୟ ତୁଳନାରେ ସାରା ଦେଶର ସ୍ଥିତି ଅଧିକ ଚିନ୍ତାଜନକ ରହିଛି। ଏ କ୍ଷେତ୍ରରେ ସମଗ୍ର ଦେଶର ସ୍ଥିତିକୁ ଦେଖିଲେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ନାମ ଲେଖାଇଥିବା ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୮.୯% ଶାରୀରିକ ଭାବେ ଦୁର୍ବଳ ଏବଂ ୧୭% କୁପୋଷଣର ଶିକାର। ୫.୨% ପିଲା ଉଚ୍ଚତା ତୁଳନାରେ ପତଳା। ପୋଷଣ ଟ୍ରାକର ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ ମୋବାଇଲ ଭିତ୍ତିକ ଆପ୍ଲିକେଶନ। ଏଥିରେ ବ୍ୟବହୃତ ପ୍ରଯୁକ୍ତି ପିଲାମାନଙ୍କ ମଧ୍ୟରେ ଶାରୀରିକ ଦୁର୍ବଳ, କୁପୋଷଣ ଏବଂ କମ୍ ଓଜନ ପିଲାଙ୍କୁ ଚିହ୍ନଟ କରିଥାଏ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ କୁମାରୀମାନେ ଏହାର ହିତାଧିକାରୀ। ସୁପରଭାଇଜର, ସିଡିପିଓ ଏବଂ ଡିପିଓଙ୍କ ଜରିଆରେ ହିତାଧିକାରୀମାନଙ୍କ ବିକାଶର ପର୍ଯ୍ୟବେକ୍ଷଣ କରାଯିବା ସହ ମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପୋଷଣ ଟ୍ରାକରରୁ ଉପଲବ୍ଧ କମ୍ ଓଜନ ଓ ଅତି ଦୁର୍ବଳ ପିଲାମାନଙ୍କ ସ୍ତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦ (ଏନ୍‌ଏଫ୍‌ଏଚ୍‌ଏସ୍‌୫)ରେ ପୂର୍ବାନୁମାନ କରାଯାଇଥିବା ସ୍ତରଠାରୁ ଯଥେଷ୍ଟ କମ୍। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଶିଶୁ ଅଭିବୃଦ୍ଧି ମାନକ ଅନୁଯାୟୀ, ବିକାଶ ନ ହେବା ଦ୍ୱାରା ପିଲାର ଶାରୀରିକ ଏବଂ ମାନସିକ କ୍ଷତି ଘଟିଥାଏ।

# ବର୍ଷା ଦିନେ ବି ମାଡୁଛି ହାଡ଼ଫୁଟି: ସରକାରୀ ବ୍ୟବସ୍ଥାରେ ଦିଆଯାଉନି ପିଲାଙ୍କୁ ଟିକା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେ ହାଡ଼ଫୁଟି (ଚିକେନ୍ ପକ୍ସ) ବ୍ୟାପିବାରେ ଲାଗିଛି। ବିଶେଷ କରି ବୟସ୍କ ବ୍ୟକ୍ତିମାନେ ଏଥିରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ନଭେମ୍ବର-ଫେବ୍ରୁଆରି ମାସ ଭିତରେ ସାଧାରଣ ଭାବେ ହାଡ଼ଫୁଟି ବ୍ୟାପିଥାଏ। ମାତ୍ର ଏବେ ଜୁନ୍ ଓ ଜୁଲାଇ ମାସରେ ରାଜ୍ୟରେ ବହୁ ସଂଖ୍ୟାରେ ରୋଗୀ ଏଥିରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ତେଣୁ ରୋଗ ସଂକ୍ରମଣ ପ୍ରକ୍ରିୟାରେ ଏଭଳି ପରିବର୍ତ୍ତନ ପଛର କାରଣ କ’ଣ ତାହା ସ୍ପଷ୍ଟ ହୋଇନାହିଁ। ଭାରିସେଲାଜୋଷ୍ଟର ଭୂତାଣୁ ଯୋଗୁଁ ହାଡ଼ଫୁଟି ହୋଇଥାଏ। ଏହା ଏକ ସଂକ୍ରାମକ ରୋଗ ହୋଇଥିବା ବେଳେ ଏହି ଭୂତାଣୁ ବେଶ୍ ପୁରୁଣା। ଆକ୍ରାନ୍ତଙ୍କ ମୁହଁ ଓ ଶରୀରରେ ଫୋଟକା ହେବା ସହ ଜ୍ୱର ଓ ଅସୁସ୍ଥତା ପ୍ରକାଶ ପାଇଥାଏ। ତେବେ କୋଭିଡ୍ ପରବର୍ତ୍ତୀ ସମୟରେ ହାଡ଼ଫୁଟିରୁ ସୁରକ୍ଷା ପାଇଁ ଟିକା ନେଇଥିବା ବ୍ୟକ୍ତିଙ୍କ ନିକଟରେ ଦ୍ୱିତୀୟ ଥର ଲାଗି ଏହା



ଦେଖିବାକୁ ମିଳୁଥିବା ନଜରକୁ ଆସୁଛି। ମାତ୍ର ଏହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୨୦୨୧ ମସିହାରେ ଦେଶରେ ୧୦ହଜାରରୁ ଅଧିକ ମାମଲା ନଜରକୁ ଆସିଥିଲା। ୨୦୨୨ ମସିହାରେ ଏହା ୨୦ହଜାର ଟପିଥିଲା। ଏହି ବର୍ଷ ମୃତ୍ୟୁସଂଖ୍ୟା ୧୦ରୁ ଅଧିକ ରହିଥିଲା। ୨୦୨୨ ମସିହାରେ ଓଡ଼ିଶାରେ ୫ଶହରୁ ଅଧିକ ମାମଲା ନଜରକୁ ଆସିଛି। ମାତ୍ର କୌଣସି ମୃତ୍ୟୁ ରେକର୍ଡ ହୋଇନାହିଁ। ଟିକା ନେଇଥିବା ପିଲା ହାଡ଼ଫୁଟିରେ ଆକ୍ରାନ୍ତ ହେବାର ଆଶଙ୍କା କମ୍। ଯେଉଁମାନେ ବି ସଂକ୍ରମିତ ହୋଇଥା’ନ୍ତି, ସେମାନଙ୍କଠାରେ କମ୍ ଲକ୍ଷଣ ଦେଖିବାକୁ ମିଳିଥାଏ। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ରହିଥିବା ଟିକାକରଣ କାର୍ଯ୍ୟକ୍ରମରେ ହାଡ଼ଫୁଟି ପାଇଁ କୌଣସି ଟିକା ଦିଆଯାଉନାହିଁ। ଏଥିପାଇଁ ଅଭିଭାବକମାନଙ୍କୁ ବାହାରୁ ଟିକା କିଣି ଦେବାକୁ ପଡୁଛି। କ୍ୟାପିଟାଲ ହସ୍ପିଟାଲ ଶିଶୁରୋଗ ବିଶେଷଜ୍ଞ ଡା.ବିଶ୍ୱରଂଜନ ପାଢ଼ୀଙ୍କ ମତରେ ଟିକା ନେଉଥିବା ପିଲାଙ୍କ କ୍ଷେତ୍ରରେ ଏହା ଜୀବନ ବ୍ୟାପୀ ରକ୍ଷା କବଚ ପାଲଟିଥାଏ। ମାତ୍ର ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାରଙ୍କ ଟିକା ତାଲିକାରେ ଏହା ସ୍ଥାନ ପାଇନାହିଁ। ହାଡ଼ଫୁଟି ପ୍ରାୟତଃ ନଭେମ୍ବର-ଫେବ୍ରୁୟାରୀ ମାସରେ ଦେଖିବାକୁ ମିଳିଥାଏ। ମାତ୍ର ଅନ୍ୟ ସମୟରେ ଏହା ବ୍ୟାପିବା ପଛରେ କାରଣ ହେଉଛି ଦେଶାନ୍ତର ବା ମାଇଗ୍ରେସନ୍। ବାହାରୁ ଲୋକଙ୍କ ଯିବା ଆସିବା ଲାଗି ରହିଥିବାରୁ ଏବେ ହାଡ଼ଫୁଟି ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ସମୟ ହୋଇ ରହିନାହିଁ। କେବଳ ପିଲା ନୁହେଁ, ବୟସ୍କ ମଧ୍ୟ ବହୁ ମାତ୍ରାରେ ଏଥିରେ ସଂକ୍ରମିତ ହେଉଥିବା ଡା. ପାଢ଼ୀ କହିଛନ୍ତି। ଅପର ପକ୍ଷରେ ହାଡ଼ଫୁଟିକୁ ନେଇ ଲୋକମାନଙ୍କ ଭିତରେ କିଛିଟା ଅନ୍ଧବିଶ୍ୱାସ ରହିଛି। ଏଥିରେ ଆକ୍ରାନ୍ତ ହେଉଥିବା ବ୍ୟକ୍ତି ଲିମ୍ବ ପତ୍ରରେ ଶୋଇବା ଓ ଅନ୍ୟାନ୍ୟ ପାରମ୍ପରିକ ପଦ୍ଧତି ଆପଣାଇଥା’ନ୍ତି। ବିଶେଷଜ୍ଞଙ୍କ ମତରେ ଲିମ୍ବ ପତ୍ରରେ ଶୋଇବା ଫଳରେ ହାଡ଼ଫୁଟିରୁ ରକ୍ଷା ମିଳିବା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଏହା ଏକ ଭୂତାଣୁ ସଂକ୍ରମିତ ରୋଗ ହୋଇଥିବା କାରଣରୁ ଆକ୍ରାନ୍ତ ବ୍ୟକ୍ତି ନିଜର ଜଳୀୟ ଅଂଶ ବଜାୟ ରଖିବା ଉଚିତ। କ୍ୟାପିଟାଲ ହସ୍ପିଟାଲ ଭେଷଜ ବିଶେଷଜ୍ଞ ଡା. ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି, ହାଡ଼ଫୁଟି ସାଧାରଣ ଭାବେ ଶୀତ ଦିନେ ଅଧିକ ହୋଇଥାଏ। ତେବେ ଖରା ଦିନେ କମ୍ ଓ ବର୍ଷା ଦିନରେ ମଧ୍ୟ କିଛିଟା ଦେଖିବାକୁ ମିଳିଥାଏ। ଛୋଟ ପିଲାଙ୍କ କ୍ଷେତ୍ରରେ ହାଡ଼ଫୁଟିର କମ୍ ଲକ୍ଷଣ ଦେଖିବାକୁ ମିଳୁଥିବା ବେଳେ ବୟସ୍କଙ୍କ କ୍ଷେତ୍ରରେ ଏହା ଗୁରୁତର ହୋଇଥାଏ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜୁଲାଇ ୨୦୨୫ ଗୁରୁବାର





### ଲଗାଣ ବର୍ଷାରେ ଭୁଶୁଡ଼ିଲା ଶ୍ରେଣୀ ଗୃହ

# ବିପଦ ସଙ୍କୁଳ ଗୃହରେ ପିଲାଏ ଖୋଜୁଛନ୍ତି ଦେଶର ଭବିଷ୍ୟତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**



ଲଗାଣ ବର୍ଷାରେ ଭୁଶୁଡ଼ିଲା ସ୍କୁଲ୍ ଶ୍ରେଣୀ ଗୃହ । ଏବେ ବିପଦ ସଂକୁଳ ଅବସ୍ଥାରେ ଥିବା ଅତିରିକ୍ତ ଶ୍ରେଣୀ ଗୃହରେ ଭବିଷ୍ୟତ ଗଢୁଛନ୍ତି ଦେଶର ଭବିଷ୍ୟତ । ବାରମ୍ବାର ଅଭିଯୋଗ ପରେ ମଧ୍ୟ କର୍ଣ୍ଣପାତ କଲେନି ବିଭାଗୀୟ ଅଧିକାରୀ ଓ ପ୍ରଶାସନ । ଭଙ୍ଗା ଘରେ ପାଠ ପଢ଼ାଇବାକୁ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଅଭିଭାବକଙ୍କର ଭରଷା ପାଉନି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାରଖମା ପଞ୍ଚାୟତର ନାଡ଼ାପାଟାଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ପାଠ ପଢୁଛନ୍ତି ୭୭ ଜଣ ଛାତ୍ରଛାତ୍ରୀ। ବିଦ୍ୟାଳୟରେ ସ୍ୱଳ୍ପ ସଂଖ୍ୟକ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ପାଠ ପଢୁଥିଲେ । କିନ୍ତୁ ଲଗାଣ ବର୍ଷାରେ ଗୋଟିଏ ସ୍ଥାନରେ ଥିବା ତିନୋଟି ଶ୍ରେଣୀ ଗୃହର ଛାତ ଭୁଶୁଡ଼ି ପଡ଼ିଛି । ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ । ବର୍ଷାରେ ଶ୍ରେଣୀଗୃହ ଭୁଶୁଡ଼ିବା ପରେ ଏବେ ପୁରୁଣା ଅତିରିକ୍ତ ଶ୍ରେଣୀ ଗୃହରେ ବିପଦ ସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି ବିଦ୍ୟାଳୟର ୭୭ ଜଣ ଛାତ୍ରଛାତ୍ରୀ । ଶ୍ରେଣୀ ଗୃହରେ କେଉଁଠି ଆଜବେଷ୍ଟସ କଣା ହୋଇ ପାଣି ଗଳୁଛି ତ କେଉଁଠି ଆଜବେଷ୍ଟସକୁ ଲାଖି ରହିଥିବା କାଠ ଭାଙ୍ଗି ଓହଳି ରହିଛି । କେତେକ ସ୍ଥାନରେ ଶ୍ରେଣୀ ଗୃହର କାନ୍ଥ ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରେ ପଲସ୍ତରା ଛାଡ଼ି ଯାଇଥିବା ଦେଖିବାକୁ ମିଳିଛି । ଏବେ ନିଜ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ମଧ୍ୟ ଅସୁରକ୍ଷିତ ମଣୁଛନ୍ତି ଅଭିଭାବକ । ସେପଟେ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ବିଦ୍ୟାଳୟର ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଧାରିଲେ ଆମେ ନିର୍ଭୟରେ ସୁରକ୍ଷିତ ଭାବେ ପାଠ ପଢ଼ିପାରିବୁ ବୋଲି ସରକାରଙ୍କୁ ନିବେଦନ କରିଛନ୍ତି କୋମଳମତି ଛାତ୍ରଛାତ୍ରୀ । ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣ ସହ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ ଫଳ ଶୂନ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ବର୍ତ୍ତମାନ ବିଦ୍ୟାଳୟ ଶ୍ରେଣୀ ଗୃହର ଅବସ୍ଥାକୁ ଦେଖି ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଭୟଭୀତ ଅଛନ୍ତି । ତଥାପି ଭଗବାନ ଭରସାରେ ବିପଦ ସଂକୁଳ ଅବସ୍ଥାରେ ଯେନତେନ ଶିକ୍ଷାଦାନ କରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ । ଅନ୍ୟପଟେ ବିଦ୍ୟାଳୟର ଶ୍ରେଣୀଗୃହ ବର୍ଷାରେ ଭୁଶୁଡ଼ିଛି, ଏନେଇ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବି ବୋଲି କହିଛନ୍ତି ବାଲିଗୁଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ । ସେପଟେ ବିଳମ୍ବିତ ରାତ୍ରରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । କିନ୍ତୁ ଯଦି ଶିକ୍ଷାଦାନ ଅବସ୍ଥାରେ ଏଭଳି ଘଟଣା ଘଟିଥାନ୍ତା ତେବେ ଅବସ୍ଥା କ'ଣ ହୋଇଥାନ୍ତା ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ । ଏ ସମ୍ପର୍କରେ ବାଲିଗୁଡ଼ା ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ ଖୁବ୍‌ଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି । ତେବେ ଏଭଳି ସଂଗୀନ୍ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ କେତେ ତତ୍ପର ହେଉଛନ୍ତି ଏବଂ ବିଦ୍ୟାଳୟର ସମସ୍ୟା ସୁଧାରିବାକୁ କେବେ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ମହାପ୍ରଭୁଙ୍କ ମୁଖ ସିଂହାର ନୀତି ସମ୍ପନ୍ନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ମହାପ୍ରଭୁଙ୍କ ମୁଖ ସିଂହାର ନୀତି ସକାଳ ଆଠଟାରୁ ବାରଟା ଚାରି ଘଣ୍ଟା ଦର୍ଶନ ବନ୍ଦ ହୋଇଥିଲା । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବ ଜୀଉଙ୍କର ମୁଖ ସିଂହାର ନୀତି କରାଯିବା ନିମନ୍ତେ ଛଅ ଟା ତିରିଶରୁ ଦ୍ୱାର ଫିଟାଯାଇ ଜୟ ମଙ୍ଗଳା ଆଳତି କରାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମାଳ ଓଲାଗି କରାଯାଇ ସୁବର୍ଣ୍ଣ ଚିତାକୁ ବଡ଼ ପଣ୍ଡା ଦାୟିତ୍ୱ ହସ୍ତାନ୍ତର ପରେ ଚିତ୍ରକାର ସେବକ ରତ୍ନ ସିଂହାସନକୁ ଯାଇ ଶ୍ରୀଅଙ୍ଗ ସ୍ପର୍ଶ ପରେ ମୁଖ ସିଂହାର ନୀତି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହା ଗୁପ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ଭକ୍ତ ସର୍ବସାଧାରଣ ପାଇଁ ସକାଳ ଆଠଟାରୁ ବାରଟା ଚାରି ଘଣ୍ଟା ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ।

## ସ୍ତ୍ରୀ ଓ ଶାଶୂଙ୍କ ହତ୍ୟା କଲା ସ୍ୱାମୀ ୧୦ ଦିନ ପରେ ମାଟି ଭିତରୁ ଶବ ଉଦ୍ଧାର:ଅଭିଯୁକ୍ତ ଗିରଫ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ତ୍ରୀ, ଶାଶୂଙ୍କୁ ପଥରରେ ଛେଚିଲେ ସ୍ୱାମୀ । ଏହା ସହ ଶବକୁ ପୋତିଲେ ଏବଂ ତାଉପରେ ଲଗେଇଲେ କଦଳୀ ଗଛ । ଏଭଳି ଏକ ଲୋମହର୍ଷଣକାରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅଧୀନ ବଡ଼ ନୂଆଗାଁ ଗ୍ରାମରେ । ସେହି ଗ୍ରାମର ଦେବାଶିଷ ପାତ୍ର କୌଣସି କାରଣ ପାଇଁ ନିଜ ସ୍ତ୍ରୀ ଓ ଶାଶୂ ଦୁଇ ଜଣଙ୍କୁ ଗତ ୧୯ ତାରିଖ ଦିନ ପଥରରେ ଛେଚି ହତ୍ୟା କରିଥିଲେ । ପରେ ନିଜ ଲେମ୍ବୁ ବାଡ଼ିରେ ଗାତ ଖୋଳି ପୋତି ଦେଇଥିଲେ ଦୁଇ ମୃତ ଦେହକୁ । ତେବେ କିଛି ଦିନ ଧରି ହତ୍ୟାକାରୀଙ୍କ ସ୍ତ୍ରୀ ନିଖୋଜ ଥିବାରୁ ଗ୍ରାମବାସୀ ସନ୍ଦେହ ହେବାରୁ ବାଡ଼ିରେ ଗାତ ଖୋଳାଯାଇଥିବାର ଦେଖି ସନ୍ଦେହ କରିଥିଲେ । ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି । ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଯାଞ୍ଚ କରିଛନ୍ତି ।


## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

V-15

**ଘୋଷଣା**

ସଂଖ୍ୟା RDM-LAC-KNJ-0005-2023/ 1365/ /R&DM., ତା- 10 APR 2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ବଡ଼ପଶି ଓରଫ୍ ଜନାର୍ଦ୍ଦନପୁର**, ଥାନା- ବାରିଆ ନଂ ୨୪, ତହସିଲ- ଝୁମ୍ପୁରା, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ କାନପୁର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, କାନପୁର ଜଳସେଚନ ଡିଭିଜନ ନଂ-୨, ରିମୂଳି, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୫୨୨ ତା ୧୯.୦୭.୨୦୨୪ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ବଡ଼ପଶି ଓରଫ୍ ଜନାର୍ଦ୍ଦନପୁର**, ଥାନା- ବାରିଆ ନଂ ୨୪, ତହସିଲ- ଝୁମ୍ପୁରା, ଜିଲ୍ଲା- କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ ରିମୂଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର — ତହସିଲ: - ଝୁମ୍ପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ପଶି ଓରଫ୍ ଜନାର୍ଦ୍ଦନପୁର | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ. ୧.୧୩ | ଏ. ୦.୩୯ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ- ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା:- କେନ୍ଦୁଝର — ତହସିଲ: - ଝୁମ୍ପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ :- ୦୨.୧୨.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ମୌଜା – ବଡପଶି ଓରଫ ଜନାର୍ଦ୍ଦନପୁର, (ଗ୍ରାମାନ୍ଚଳ), ଥାନା-ବାରିଆ ନଂ ୨୪, ତହସିଲ – ଝୁମ୍ପୁରା, ଜିଲ୍ଲା- କେନ୍ଦୁଝରର
କାନପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍ ମାଇନର କେନାଲ ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୬୨ | ରୟତି | ୨୩୬୩ | ଗୋଚର ତୁଲ | ୦.୫୮ | ୦.୦୩ | ଦୁର୍ଯ୍ୟୋଧନ ନାଏକ ପି- କୃଷ୍ଣ ନାଏକ, କନ୍ଚନ ନାଏକ ସା- କୃଷ୍ଣ ନାଏକ, ଅପୂର୍ବ ନାଏକ, ଦ୍ରୋପଦୀ ନାଏକ, ହାରାମଣୀ ନାଏକ, ପି- ଶ୍ରୀଧର ନାଏକ, ଚାଉଙ୍ଗ ନାଏକ, ସା- ଶ୍ରୀଧର ନାଏକ, ସମରା ନାଏକ, ପି- ସହଦେବ ନାଏକ., ଜା- ବାଥୁଡି, ବା- ନିଜଗାଁ |
| ୬୪ | ରୟତି | ୨୫୦୫ | ଗୋଚର ଏକ | ୦.୩୯ | ୦.୨୦ | ଦେବୋରା ନାଏକ ପି- ରସିକ ନାଏକ, ଜା- ବାଥୁଡି, ବା- ନିଜଗାଁ |
| ୧୫୧/ ୨୦ | ରୟତି | ୧୮୪୮/ ୨୯୩୦ | ଗୋଚର ଏକ | ୦.୧୬ | ୦.୧୬ | ଅର୍ଜୁନ ମୁଣ୍ଡା ପି- ଭୂର୍ଯ୍ୟ ମୁଣ୍ଡା, ଜା- କୋଲ୍ହ, ବା- ବିରକୁଆଁ |
| | | ମୋଟ ରୟତି ଜମି | | | ୦.୩୯ | |

ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ,
କାନପୁର ଜଳସେଚନ ପ୍ରକଳ୍ପ ରିମୂଳି, କେନ୍ଦୁଝର

OIPR-24001/14/0202/2526


## ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବିଭାଗୀୟ କୈଫତ ତଲବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଜୁନ୍ ମାସରେ କାଲେରା ବ୍ୟାପିବା ଫଳରେ ଏହା କ୍ରମଶଃ ଅନ୍ୟ ଜିଲ୍ଲାକୁ ବ୍ୟାପି ସେତେବେଳେ ଏହା ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । କେନ୍ଦ୍ର ଠାରୁ ରାଜ୍ୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଅଧିକାରୀମାନେ ଘନଘନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକରି ଥିଲେ । ପ୍ରଥମ କଲେରା ଆରମ୍ଭ ହୋଇଥିବା ପାଖରପଞ୍ଚାୟତ ଗସ୍ତକରି ଏହାର କାରଣ ଖୋଜିଥିଲେ । ଯାହା ଶେଷରେ ପାନୀୟଜଳ ପାଇଁ ହୋଇଥିବା ଜଣାପଡ଼ିଥିଲା । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ରିପୋର୍ଟ ଉପରେ ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କୈଫତ୍ ମଗାଯାଇଛି । ସ୍ୱାସ୍ଥ୍ୟ ଅଧିକାରୀ କଲେରା ପରିଚାଳନା ଓ ନିରୀକ୍ଷଣରେ ସହଯୋଗ ନକରିବାପାଇଁ ତାଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ଲିଖିତ ଭାବେ ଜଣାଇବାପାଇଁ ନେର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଚିଠି ନଂ ୨୧୭୨୧ ତା ୨୪/୭/୨୫ରେ ସ୍ୱାସ୍ଥ୍ୟ କେନ୍ଦ୍ରଅଧିକାରୀ ଡାକ୍ତର ସୁଧୀରକୁମାର ସାହୁଙ୍କୁ ଜଣାଇଛନ୍ତି ।

### ଶିଳ୍ପମନ୍ତ୍ରୀଙ୍କ ଚୌଦ୍ୱାର ଶିଳ୍ପାଞ୍ଚଳ ପରିଦର୍ଶନ

## ଓଟିଏମ୍ ଭିତ୍ତିଭୂମି ଉପରେ ପ୍ରତିଷ୍ଠା ହେବ ବୟନ ଶିଳ୍ପ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ ମଙ୍ଗଳବାର ଦିନ ଚୌଦ୍ୱାର ସ୍ଥିତ ବନ୍ଦ ଓଟିଏମ୍ ଓ ଗୋପାଳପୁର ଶିଳ୍ପାଞ୍ଚଳ ପରିଦର୍ଶନ କରିଛନ୍ତି । ଓଟିଏମ୍ ମିଲର ଭିତ୍ତିଭୂମି ଉପରେ ସରକାରଙ୍କ ସହିତ ହୋଇଥିବା ୱେଲସ୍ପନ କମ୍ପାନୀର ଚୁକ୍ତି ଅନୁଯାୟୀ ତାର କାର୍ଯ୍ୟକ୍ରମ କମ୍ପାନୀ ଖୁବ୍‌ଶିଘ୍ର ଆରମ୍ଭ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶିଳ୍ପ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ଓ ଇଡକୋ ଅଧିକାରୀଙ୍କ ସହିତ ଚୌଦ୍ୱାର ନିକଟସ୍ଥ ଗୋପାଳପୁର ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ । ଏହି ଶିଳ୍ପାଞ୍ଚଳରେ ଥିବା କିଛି କାର୍ଯ୍ୟକ୍ଷମ କମ୍ପାନୀର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଶିଳ୍ପାଞ୍ଚଳରେ ବନ୍ଦ ହୋଇଯାଇଥିବା କାରଖାନା ଗୁଡିକର ପୁନରୁଦ୍ଧାର ସହିତ ଇଡକୋ ଠାରୁ ଜମି ଅଧିଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିନଥିବା କାରଖାନା ଓ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରୀ ରହିବ ବୋଲି ସେ ପ୍ରକାଶ କରିଥିଲେ । ଓଟିଏମ୍ କାରଖାନା ପରିଦର୍ଶନ ସମୟରେ ମନ୍ତ୍ରୀ ୱେଲସ୍ପନ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ କମ୍ପାନୀ ଅଧିଗ୍ରହଣ କରିଥିବା ଜମି ଓ ଓଟିଏମ୍ କଲୋନୀ ଆଦି ପରିଦର୍ଶନ କରିଥିଲେ । ରାଜ୍ୟ ସରକାର ନିକଟରେ ୬ଟି ଟେକ୍ସଟାଇଲ୍ ପାର୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ସେଥି ଭିତରେ ଚୌଦ୍ୱାର-କଟକର ଶିଳ୍ପାଞ୍ଚଳ ମଧ୍ୟ ଏଥିରେ ସ୍ଥାନୀତ ହୋଇଥିବା ମନ୍ତ୍ରୀ ସୂଚନା ଦେଇ । ରାଜ୍ୟରେ ବନ୍ଦ ପଡିଥିବା ରୁଗ୍ଣ ଶିଳ୍ପ ପୁନଉଦ୍ଧାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଏହିଭଳି ଭ୍ରମଣ କରାଯାଇ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଗସ୍ତ ସମୟରେ ଭାଜପାର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, କଟକ ଜିଲ୍ଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ୨ ନାବାଳକଙ୍କୁ ନେଇ ପଳାଉଥିବା ଜଣେ ଚୋରକୁ ଧରି ପୋଲିସକୁ ଦେଲେ ଲୋକେ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ତରଭା ମୁଖ୍ୟରାସ୍ତାର ସୁନାରୀପଡ଼ାରୁ ୨ ଜଣ ନାବାଳକଙ୍କୁ ଠକି କରି ଅନ୍ୟତ୍ର ନେଇ ପଳାଉଥିବା ଜଣେ ବ୍ୟକ୍ତିକୁ ଧରି ତରଭା ପୋଲିସକୁ ଦିଆଯାଇଥିବା ଘଟଣା ତରଭା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଯୋଗ୍ୟ ଯେ ତରଭା ସୁନାରୀପଡ଼ା ନିବାସୀ ରାଜେଶ ସାହୁ ତରଭା ବ୍ଲକ ଛକରେ ଏକ ଠେଲା ଗାଡ଼ିରେ ଚଣା ମୁଢି ବ୍ୟବସାୟ କରନ୍ତି । ସେ ତାଙ୍କର ବ୍ୟବସାୟ ପାଇଁ ବଜାର (ହାଟ)କୁ ଯାଇଥିଲେ ଘରେ ତାଙ୍କର ପତ୍ନୀ ସଂଗୀତା ସାହୁ, ଦୁଇ ପୁଅ କାହ୍ନା (୧୨) ଓ ମୁନ୍ନା (୭) ଥିଲେ । ପୂର୍ବାହ୍ନ ୧୧ଟାରେ ଜଣେ ବ୍ୟକ୍ତି ଯାହାର ନାମ ଧନପତି ମେହେର (୩୫) ଘର ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ ବନ୍ଧପାଲି ଗ୍ରାମର ବୋଲି ଜଣାଯାଇଛି । ସେ ରାଜେଶଙ୍କ ଘରକୁ ଭିକ ମାଗିବା ପାଇଁ ଯାଇଥିଲା । ସେଠାରେ ଦୁଇ ଶିଶୁଙ୍କୁ ଦେଖି ଆସ ତୁମକୁ କାଲି ମନ୍ଦିର ବୁଲାଇ ଆଣିବି ବୋଲି କହିଥିଲା । ଏହି ସମୟରେ ରାଜେଶଙ୍କ ପତ୍ନୀ ଭିକ୍ଷା ଦେବାକୁ ଆସିବାରୁ ତାଙ୍କୁ କିଛି ଚାଉଳ ଓ ଧୂପ କାଠି ଦେବାକୁ କହିବାରୁ ସେ ଆଣି ଦେଇଥିଲେ । ଧନପତି ରାଜେଶଙ୍କ ଦୁଇ ପୁଅଙ୍କୁ ତାସହ ଆସିବାକୁ କହିବାରୁ ସଂଗୀତା ମନା ମଧ୍ୟ କରିପାରିନଥିଲେ । ପିଲା ଦୁଇଜଣ ଘରୁ ଯିବାର ପ୍ରାୟ ଘଣ୍ଟାଏ ପରେ ସଂଗୀତା ତାଙ୍କର ସ୍ୱାମୀ ରାଜେଶକୁ ସମସ୍ତ ବିଷୟ ଜଣାଇବାରୁ ସେ ଠେଲା ଦୋକାନ ଛାଡି ଖୋଜାଖୋଜି ଆରମ୍ଭ କରିଥିଲେ । ଧନପତି ପିଲା ଦୁଇଜଣଙ୍କୁ ଚଲାଇ ଚଲାଇ ବୈରାସର ବସ୍‌ଷ୍ଟାଣ୍ଡ ଆଡକୁ ଯିବା ସମୟରେ ତରଭା ବ୍ରିଜ୍ ନିକଟରେ ଥିବା ଫକୀର ମେହେରଙ୍କ ଦୋକାନରୁ ଚଣା କିଣି ସେମାନଙ୍କୁ ଖାଇବାକୁ ଦେଇଥିଲା । ରାଜେଶ ତାଙ୍କର ଦୁଇ ସନ୍ତାନଙ୍କୁ ଖୋଜି ଖୋଜି ବୈରାସର ବସ୍‌ଷ୍ଟାଣ୍ଡକୁ ଯାଉଥିବାବେଳେ ବାଇକ୍ ଯୋଗେ ଯାଉଥିବା ରାଜେଶ ବୈରାସର ଛକରେ ସେମାନଙ୍କୁ ଅଟକାଇଥିଲେ । ମୋର ଛୁଆଙ୍କୁ ନେଇ କୁଆଡେ ଯାଉଛୁ ବୋଲି ଧନପତିକୁ ଦୁଇ ଚାପୁଡ଼ା ଦେବାପରେ ତାଙ୍କର ପିଲାଙ୍କୁ ଘରକୁ ପଠାଇଥିଲେ । ଧନପତିକୁ ନିଜେ ବାଇକ୍‌ରେ ବସାଇ ତରଭା ଥାନାକୁ ଆଣି ସମସ୍ତ ବିଷୟ କହିଥିଲେ । ଏ ସମ୍ବନ୍ଧେ ଥାନା କେଶ୍ ନମ୍ବର ୧୯୦ ଭାରତୀୟ ନ୍ୟାୟ ସଂହିତାର ଧାରା ୧୭୩(୨)ରେ ଏକ ମକଦ୍ଦମା ରୁଜ୍ଜୁ କରାଯାଇଛି । ଅଭିଯୁକ୍ତକୁ ଗିରଫ ସହ ତଦନ୍ତ ଜାରି ରହିଥିବା ଆଇଆଇସି ଅନିତା କିଡୋ ପ୍ରକାଶ କହିଛନ୍ତି ।

## ଏଫସିଆଇ ତୁରନ୍ତ ବଳକା ଚାଉଳ ଉଠାଇବାକୁ ସାଂସଦଙ୍କ ଦାବି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ନିକଟରେ ବରଗଡ଼ ସାଂସଦଙ୍କ ଦାବି । ଓଡ଼ିଶାରେ ଏଫସିଆଇ ଗୋଦାମରେ ବଢୁଥିବା ଷ୍ଟକ୍‌କୁ ନଜରରେ ରଖି ଶୀଘ୍ର ଚାଉଳ ଉଠାଯାଉ । ଏନେଇ ସଂସଦରେ ଦୃଷ୍ଟି ଆକର୍ଷଣ କରିଛନ୍ତି ସାଂସଦ ପ୍ରଦୀପ ପୁରୋହିତ । ଏବେସୁଦ୍ଧା ଖରିଫ ଓ ରବି ଋତୁରେ ୭୩.୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି । ଏହାଭିତରୁ ୪୯.୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପ୍ରସ୍ତୁତ ହୋଇଛି । ରାଜ୍ୟର ବାର୍ଷିକ ଆବଶ୍ୟକତା ରହିଛି ମାତ୍ର ୨୬ ଲକ୍ଷ ମେଟ୍ରିକ୍ ଟନ୍ । ୨୩ ମେଟ୍ରିକ୍ ଟନ୍‌ରୁ ଅଧିକ ଚାଉଳ ଏଫସିଆଇର ଗୋଦାମ ଗୁଡ଼ିକରେ ପଡ଼ି ରହିଛି । ଯାହାକୁ ଉଠାଇବା ବ୍ୟବସ୍ଥା ଧିମା ଗତିରେ ଚାଲିଛି । ଏଫସିଆଇକୁ ପ୍ରତିମାସରେ ୧.୬ ମେଟ୍ରିକ୍ ଟନ୍ ଚାଉଳ ଉଠାଇବାର ଥିଲା । କିନ୍ତୁ ରେଳ ର୍ୟାକସ୍ ଏବଂ ପରିବହନ ସମସ୍ୟା ଯୋଗୁଁ ଯେତିକି ଉଠାଯାଉଛି ତାହା ବାସ୍ତବିକ ଠାରୁ ଢେର୍ କମ୍ । ଏହାଦ୍ୱାରା ଗୋଦାମ୍ ଗୁଡିକରେ ଲମ୍ବା ସମୟ ଧରି ଚାଉଳ ପଡ଼ି ରହିଥିବାରୁ ସେସବୁ ନଷ୍ଟ ହେବା ସ୍ଥିତିକୁ ଆସିଗଲାଣି ବୋଲି କହିଛନ୍ତି ବରଗଡ଼ ସାଂସଦ । ଏହାଦ୍ୱାରା ଚାଷୀମାନେ ଗମ୍ଭୀର ଭାବେ ଆର୍ଥିକ କ୍ଷତି ସହୁଛନ୍ତି । ଏହାସହ ରାଷ୍ଟ୍ରୀୟ ସମ୍ପତ୍ତି ବରବାଦ ହେଉଛି । ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଏଫସିଆଇ ଗୋଦାମ୍‌ରେ ଉପଲବ୍ଧ ଥିବା ଷ୍ଟକ୍ ବାବଦରେ ସଠିକ୍ ସୂଚନା ଦିଆଯାଉ । ଶୀଘ୍ର ଚାଉଳ ଉଠାଇବାକୁ ପର୍ଯ୍ୟାପ୍ତ ରେଳ ଓ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ । ନଷ୍ଟ ହେଉଥିବା ଚାଉଳକୁ ପ୍ରାଥମିକତା ଦେଇ ଉଠାଇ ବିତରଣ ପାଇଁ ପଠାଯାଉ । ଏହାସହ ଅତିରିକ୍ତ ଏବଂ ଅସ୍ଥାୟୀ ଷ୍ଟୋରେଜ୍‌କୁ ତ୍ୱରୀତ ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି ସାଂସଦ ପ୍ରଦୀପ ପୁରୋହିତ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୩୧।୭।୨୦୨୫, ଶ୍ରାବଣ ଦି୧୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୨।୦୬ ଚନ୍ଦ୍ରୋଦୟ- ଦିଘ ୧୦।୧୫।୦୮**

**ସପ୍ତମୀ-** ନିଶାନ୍ତ ଘ ୪।୫୯ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ରାଘ ୧୨।୪୨ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଦିଘ ୧୧।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୧୧।୧୩ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୧।୧୩ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ନିଘ ୪।୫୯ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୭।୦୯ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୧୦ ମଧ୍ୟେ । **ପର୍ବୋତ୍ସବ-** ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ, ବିଜୟା ସପ୍ତମୀ ବ୍ରତ ।



**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ । ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେଇପାରେ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।



**କର୍କଟ:** ଗୃହେ ସୁଖ ଶାନ୍ତି ରହିବ । ରୋଜଗାର ଭଲ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମାନସିକ ଦ୍ୱନ୍ଦ୍ୱ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ । ଦୂରଯାତ୍ରା କରିବାର ସମ୍ଭାବନା ରହୁଛି ।



**ବିଛା:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।



**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ଘରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଘରେ ଆନନ୍ଦ ଦେଖାଦେବ ।

## କଟକ ସଦର ନିର୍ବାଚନ ମଣ୍ଡଳୀର ବିକାଶ ନେଇ ଆଲୋଚନା

**କଟକ ସଦର, ନ୍ୟୁଜ୍**

ଏକ ବର୍ଷ ରୁ ଅଧିକକାଳ ହେଲାନୂଆ ସରକାର ଲୋକଙ୍କ ମୌଳିକ ସମସ୍ୟା ଦୂର କରିବା ପାଇଁ, ସାଧାରଣ ଲୋକଙ୍କ ପାଖକୁ ଯାଇ, ସେମାନଙ୍କଙ୍କ ସମସ୍ୟା, କିପରି ଦୂର, କରାଯିବ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । କଟକ ସଦର ବିଧାୟକ ଇ. ପ୍ରକାଶ ଚନ୍ଦ୍ର ସେଠି, ନୂଆଦିଲ୍ଲୀ ଠାରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ବିକଶିତ କଟକ ସଦରର ପ୍ରଗତି ଉପରେ ଚର୍ଚ୍ଚା ଆଲୋଚନା କରିଛନ୍ତି । ଏଥିସହ କଟକ ସଦର ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଶ୍ରୀ ସେଠୀ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧।୮।୨୦୨୫, ଶ୍ରାବଣ ଦି୧୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୨।୨୭ ଚନ୍ଦ୍ରୋଦୟ- ଦିଘ ୧୧।୪୩।୧୨**

**ଅଷ୍ଟମୀ-** ଅହୋରାତ୍ର । **ସ୍ୱାତୀ ନକ୍ଷତ୍ର-** ରାଘ ୩।୪୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦ୬୦ଣ୍ଡ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୬।୧୮ ମଧ୍ୟେ । ଦିଘ ୧୨।୧୯ ଗତେ ଘ ୨।୫୩ ମଧ୍ୟେ । **ପର୍ବୋତ୍ସବ-** ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ ।

## ଭାରତ ବିରୁଦ୍ଧରେ ତିନି ଦେଶ

ଭାରତର ସୁରକ୍ଷା ଉପରେ ବିପଦ ତିନି ଦେଶର ଏକାଠି ହେବା। ଚୀନ-ପାକିସ୍ତାନ ଓ ବାଂଲାଦେଶ ସେମାନଙ୍କ ହିତ ପାଇଁ ପରସ୍ପରକୁ ସହଯୋଗ କରୁଛନ୍ତି । ଏହା ଭାରତର ସ୍ଥିରତା ଏବଂ ସୁରକ୍ଷା ଉପରେ ପ୍ରଭାବ ପରାଇବ । ଏହି ତିନି ଦେଶ ମଧ୍ୟରେ ମେଣ୍ଟ ଦେଶର ସୁରକ୍ଷା ପାଇଁ ବିପଦ । ଦେଶର ଚିଫ୍ ଜଷ୍ଟିସ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ଏକ କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ଏହା କହିଛନ୍ତି । ସିଡିଏସ୍ କହିଛନ୍ତି, ଆଜି ବୈଶ୍ୱିକ ସ୍ଥିତି ବହୁତ ଅସ୍ଥିର, ଦୁନିଆ ପୁରୁଣା ବ୍ୟବସ୍ଥାରୁ ନୂଆ ବୈଶ୍ୱିକ ସନ୍ତୁଳନ ଦିଗରେ ବଢୁଛି। ଏହି ପରିବର୍ତ୍ତନ ମଧ୍ୟରେ ଆମେ ଆମେରିକାର ଭୂମିକା ମଧ୍ୟ ଜଟିଳତା ସୃଷ୍ଟି କରିଛି । ମଜବୁତ ଅର୍ଥବ୍ୟବସ୍ଥା ଦେଶର ଶକ୍ତି । ଆର୍ଥିକ ଓ ବ୍ୟବସାୟିକ ସୁରକ୍ଷା ବି ରାଷ୍ଟ୍ରୀୟ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ । ସ୍ଥିର ବିକାଶ ଏବଂ ପ୍ରଗତି ପାଇଁ ମଜବୁତ ଅର୍ଥବ୍ୟବସ୍ଥା ଜରୁରୀ । ସୁରକ୍ଷା ସେବେ ସମ୍ଭବ ହେବ ଯେବେ ଅନ୍ତରୀକ ସୁରକ୍ଷା ସ୍ଥିତି ମଜବୁତ ଏବଂ ଆର୍ଥିକ ଆଧାର ସ୍ଥିର ହେବ।'' ସେ ଆହୁରି କହିଛନ୍ତି, ଭାରତ ପରି ବିବିଧତା ଭରା ଦେଶରେ ସାମାଜିକ ଏବଂ ଅନ୍ତରୀକ ସୁରକ୍ଷାକୁ ହାଲୁକାରେ ନିଆ ଯାଇପାରିବ ନାହିଁ । ଆମ ଦେଶ ବହୁଭାଷୀ, ବହୁଧର୍ମୀ ଏବଂ ବହୁଜାତୀୟ, ସାମାଜିକ ଏକତା ରଖିବାକୁ ବହୁତ ଜରୁରୀ । ଚୀନ, ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଯଦି ରଣନୀତିକ ସହଯୋଗ ହୁଏ । ତେବେ ଏହାର ପ୍ରଭାବ ଭାରତର ସୁରକ୍ଷା ଉପରେ ପଡିବ। ଏହି ୩ ଦେଶ ଭାରତ ବିରୋଧରେ ରଣନୀତିକ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି।'' ଏବେ ଯୁଦ୍ଧର ତରିକା ବଦଳିଛି। ଯୁଦ୍ଧ ଏବେ କେବଳ ସୀମା ନୁହେଁ ସାଇବର, ଇଲେକ୍ଟ୍ରାନିକ ଅସ୍ତ୍ର, ମିସାଇଲ ହାଇପରସୋନିକ ଜରିଆରେ ହେଉଛି । ଏ ସବୁ ଏବେ ଅନେକ ଦେଶର ପୂର୍ଣ୍ଣ ରକ୍ଷା ପ୍ରଣାଳୀରେ ନାହିଁ । ଭାରତକୁ ତାର ପ୍ରସ୍ତୁତିକୁ ସବୁ ସ୍ତରରେ ବଢାଇବାକୁ ହେବ । ସିଡିଏସ୍ କହିଛନ୍ତି ଯେ ଯଦି ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ କୌଣସି ପ୍ରକାରର ରଣନୈତିକ ସହଯୋଗ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ଭାରତର ସୁରକ୍ଷା ଉପରେ ପଡ଼ିବ। ଏହି ତିନି ଦେଶର ସାଧାରଣ ସ୍ୱାର୍ଥ ଭାରତ ବିରୁଦ୍ଧରେ ଏକ ରଣନୈତିକ ଚ୍ୟାଲେଞ୍ଜ ହୋଇପାରେ, ବିଶେଷକରି ଯେତେବେଳେ ବାଂଲାଦେଶର ରାଜନୈତିକ ପରିସ୍ଥିତି ଅସ୍ଥିର ଥାଏ ଏବଂ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତରେ ଆଶ୍ରୟ ନେଇଛନ୍ତି । ପହଲଗାମ ପ୍ରତିଶୋଧ ନେଇ ମେରେ ହୋଇଥିବା 'ଅପରେସନ୍ ସିନ୍ଦୂର'କୁ ନେଇ ସିଡିଏସ୍ କହିଛନ୍ତି, ଏହି ସଂଘର୍ଷ ଭାରତ-ପାକିସ୍ତାନର ପରମାଣୁ ଧମକକୁ ଭୁଲ ପ୍ରମାଣିତ କରିଛି । ଏହା ଦୁନିଆ ପାଇଁ ଏକ ଶିକ୍ଷା ଯାହା ପରମାଣୁ ଡର ଦେଖାଇ କୌଣସି ଦେଶ ତାର ବଦଭ୍ୟାସ ବଦଳାଇପାରିବ ନାହିଁ ।

# ଜାତିଭିତ୍ତିକ ଜନଗଣନା ଓ ଏହାର ଆବଶ୍ୟକତା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଶେଷରେ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଅପ୍ରତ୍ୟାଶିତ ଘୋଷଣା। କାରଣ ପୂର୍ବରୁ କେନ୍ଦ୍ରସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାଁନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ମଧ୍ୟ ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ। ଏପରି ପରିସ୍ଥିତିରେ ହଠାତ୍ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି। ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକ ଏହାକୁ ସମର୍ଥନ କରୁନାହାଁନ୍ତି। ନିଜେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଏପରି ଘୋଷଣାର ସୂତ୍ରଧର ହୋଇଥିବା ଯୋଗୁଁ ବିଜେପି ତଥା ଏନଡ଼ିଏର ଘଟକ ଦଳମାନେ ଏହାକୁ ଗ୍ରହଣ କରି ନେଇଛନ୍ତି। ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୁଦ୍ଧରେ କହୁଥିଲେ ସେମାନେ ଏବେ ଚୁପ୍। ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା। ବିରୋଧୀ ମେଣ୍ଟର ଶ୍ରୀ ରାହୁଲ ଗାନ୍ଧୀ ଏହାର ମୁଖ୍ୟ ଦାବିଦାର ଥିଲେ। ଏବେ ଏ ଘୋଷଣାକୁ ବିରୋଧି ମେଣ୍ଟ ମଧ୍ୟ ସ୍ୱାଗତ କରିଛି। ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୂତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ। ଏହା ଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ସଠିକ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚୀତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚୀତ କରିବ। ଫଳରେ ବିକାଶର ଦୌଡରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇ ପାରିବେ। ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ। ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚୀତ ଜାତି(ଏସସି), ଅନୁସୂଚୀତ ଜନଜାତି(ଏସଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡିଶାରେ ସାମାଜିକ ଓ ଆର୍ଥିକଭାବେ ପଛୁଆ ବର୍ଗ(ଏସଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଓ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧିତ୍ୱ ପାଇଁ ପଦକ୍ଷେପ ନିଆଯାଇ ପାରିବ।

ପୂର୍ବରୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି। ଅର୍ଥାତ ତାଙ୍କ ସାମଗ୍ରୀକ ସଂଖ୍ୟା କେତେ ପ୍ରତି ଜନଗଣନାରେ ତାହାର ହିସାବ ମିଳୁଛି। କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରୀ ଅଟନ୍ତି ତାହାର ପରିସଂଖ୍ୟାନ ନାହିଁ। ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ। ସବୁଠାରୁ ବଡକଥା ହେଉଛି ଏସଟି ଓ ଏସସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ। ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିମାନଙ୍କ ମଧ୍ୟରେ ବିକାଶର ତାରତମ୍ୟ ରହିଛି। କିଛି ଜାତି ତୁଳାନାତ୍ମକଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ, ଆଉ କେତେକ ଜାତି ପୂର୍ବବତ୍ ତଳେ ପଡ଼ିଛନ୍ତି। ତେଣୁ ତଳେ ପଡିଥିବା ଜାତିମାନଂକର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ। ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି। କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ। ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ। ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ। ସ୍ୱାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁଁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କଣ, ଚାକିରି ଓ ପ୍ରଶାସନରେ ଭାଗୀଦାରୀ କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ। ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶ୍ ରାଜ ସମୟରେ ୧୯୩୧ ମସିହାରେ। ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇ ଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେଶରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାଁନ୍ତି। ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି। ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡଛି। ଏହା ବାଦେ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରୀ କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ। ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାଁନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି। ଏମାନଙ୍କ ମତରେ ଏକ ବିଷମ ସମାଜ କେବେବି କ୍ଷିପ୍ର ବେଗରେ ଆଗେଇ ପାରିବ ନାହିଁ। ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ। ସମାନତା, ସ୍ୱତନ୍ତ୍ରତା, ଭାତୃତ୍ୱଭାବ ଓ ନ୍ୟାୟ ହେଉଛି ଗଣତନ୍ତ୍ରର ଆଭୂଷଣ। ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରୀକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ। ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ। ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ। ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ। ନିଜ ସଂଖ୍ୟା କେତେ ଜାଣିଗଲା ପରେ ଅଧିକ ସଂଖ୍ୟା ବିଶିଷ୍ଟ ଜାତି ଗୋଟିଏ ଅଞ୍ଚଳର ରାଜନୀତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବ। ବେଳେବେଳେ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ, ଓବିସି, ଏସଟି ଓ ଏସସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ। ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୁନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି। ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ। ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ। ଜାତି ଆଧାରିତ ସାମାଜିକ ପରମ୍ପରାକୁ ଏହା ଧ୍ୱଂସ କରିଦେବ। ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ। ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ।

ବାସ୍ତବରେ ଏପରି ସଂଶୟ ଅମୂଳକ। ଭାରତ ଭାଇଚାରାର ଦେଶ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ। ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ। ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗିଦାରୀ କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା। ଏପରି ମହତ୍ ପଦକ୍ଷେପକୁ ରାଜନୀତିର ଉର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ।

# ଅତ୍ୟଧିକ ଆତ୍ମବିଶ୍ୱାସ କେତେ ଗ୍ରହଣୀୟ



ଡ.ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)

ଆପଣମାନେ କେବେ ଏଲନ ମସ୍କଙ୍କୁ ଦେଖିଛନ୍ତି କି ? ସ୍ଥୂଳ ଶରୀରରେ ଦେଖିନଥିଲେ ବି ଟି.ଭି. ପରଦାରେ କିମ୍ବା ଆପଣଙ୍କ ଲ୍ୟାପ୍‌ଟପ୍ ବା ମୋବାଇଲ ସ୍କ୍ରିନ୍‌ରେ ଦେଖିଥିବେ ନିଶ୍ଚୟ- ତାଙ୍କର ଶାରୀରିକ ଠାଣି, କଥା କହିବା ଶୈଳୀ ଦେଖିଲେ ଲାଗିବ ସେ ଯାହା ଚାହିଁବେ ତାହା ହୋଇଯିବ- ତାଙ୍କ ଭିତରେ ଅଫୁରନ୍ତ ଉତ୍ସାହ, ଅସମ୍ଭବକୁ ସମ୍ଭବ କରିବାର ଜିଦ୍ - ତା ନ ହୋଇଥିଲେ ସେ କ'ଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀକ ଭାବରେ ବିବେଚିତ ହୋଇପାରିଥାନ୍ତେ ନା ସଂଖ୍ୟାଧିକ ଭିନ୍ନ ମତ ପୋଷଣ କରୁଥିବା ବେଳେ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରି ନିଜର ବିଶାଳ ବାଣିଜ୍ୟିକ ସମ୍ପଦକୁ ବାଜି ରଖି ନିର୍ବାଚନରେ ତାଙ୍କୁ ଜିତେଇ ପାରିଥାନ୍ତେ।

ଆଜିକାଲି ନୂତନ ପୀଢ଼ିର ପରିଚାଳନା ବିଜ୍ଞାନ ଅଧ୍ୟୟନ କରୁଥିବା ତରୁଣ ଯୁବକମାନଙ୍କ ଭିତରେ ସେଇ ସ୍ୱପ୍ନ - ଅସମ୍ଭବକୁ ସମ୍ଭବ କରିପାରିବାର ପ୍ରବୃତ୍ତି - ସେମାନଙ୍କର ବିଶ୍ୱାସ ସେମାନେ ଯାହା ଚାହିଁବେ ତାହା ପରିପାରିବେ। ସେଥିପାଇଁ ଦରକାର ତର୍କରେ ପ୍ରତିପକ୍ଷକୁ ପରାସ୍ତ କରିପାରିବାର ସାମର୍ଥ୍ୟ, କୌଶଳରେ ଅନ୍ୟକୁ ପରାଭୂତ କରିପାରିବାର କଳା। ସେମାନେ ଧରି ନେଇଥାନ୍ତି କଥା କହି ସେମାନେ ବଶୀଭୂତ କରିପାରିବେ ପ୍ରତିଦ୍ୱନ୍ଦ୍ୱୀକୁ; ଆତ୍ମ ବିଶ୍ୱାସ ଯେତେ ପ୍ରଖର ହେବ କୃତୀତ୍ୱ ପ୍ରଦର୍ଶନର ପଥ ହେବ ସେତେ ସୁଗମ।

ଆଉ ସେ ପୁରୁଣା କାଳିଆ ଯୁଗ ନାହିଁ ଯେତେବେଳେ ଅହଂକାର ବିବର୍ଜିତ ମଧୁର ସ୍ୱଭାବର ବ୍ୟକ୍ତିତ୍ୱମାନଙ୍କୁ ସମାଜରେ ଆଦର କରାଯାଉଥିଲା - ସେମାନେ ଥିଲେ ସାଧାରଣ ଛାତ୍ରଛାତ୍ରୀ ନାଗରିକମାନଙ୍କର ଆଦର୍ଶ, ମାତ୍ର ସମୟର ରଥ ଚକ ଘୂରିଯାଇଛି। ଜଣକର ଚରିତ୍ର ବିଷୟରେ କିଛି ଖୋଜ ଖବର ନେବାର ଆବଶ୍ୟକତା କ୍ୱଚିତ ଅନୁଭବ କରାଯାଉଛି। ଯିଏ ଅଳ୍ପ ସମୟରେ ଅନ୍ୟକୁ ପ୍ରଭାବିତ କରିପାରିବେ ବିଶେଷତଃ ନିଜର ବାକ୍‌ଚାତୁରୀ ଏବଂ ଆଧୁନିକ ପରିପାଟୀ ଦ୍ୱାରା, ସେ ହେଉଛନ୍ତି ଚୟନକର୍ତ୍ତାମାନଙ୍କର ପ୍ରମୁଖ ପସନ୍ଦର ପ୍ରାର୍ଥୀ। ଅନେକଙ୍କ ଧାରଣା ହେଉଛି ଅଭିନବ ପରିବେଷଣ ଶୈଳୀ ଦ୍ୱାରା ଅନ୍ୟକୁ ପ୍ରଭାବିତ କରିବାରେ ଅତ୍ୟଧିକ ଆତ୍ମବିଶ୍ୱାସ ହେଉଛି ମୂଳଭିତ୍ତି।

ମାତ୍ର ମୋର ମନେପଡ଼ିଯାଉଛି ଆଜକୁ ପଇଁଚାଳିଶ ବର୍ଷ ତଳର ଏକ ସ୍ମୃତି। ସେତେବେଳେ ମୁଁ ରେଭେନ୍ସା କଲେଜର ବି.ଏ. ଶ୍ରେଣୀରେ ଅଧ୍ୟୟନରତ ଜଣେ ଛାତ୍ର। ଗୋଟିଏ ଶ୍ରେଣୀରେ ସଂପୃକ୍ତ ଅଧ୍ୟାପକ ଆସିନଥିବାରୁ ତାଙ୍କ ସ୍ଥାନରେ ଶ୍ରେଣୀକୁ ଆସିଲେ ରାଜନୀତି ବିଜ୍ଞାନର ଜଣେ ଧୂରୀଣ ପ୍ରଫେସର। ପ୍ରଫେସର ମିଶ୍ର କହିଲେ ମୁଁ ସବୁବେଳେ କହୁଛି, ମୁଁ ଆଜି ଏ କ୍ଲାସ୍‌ରେ ପିଲାମାନଙ୍କଠାରୁ ଶୁଣିବାକୁ ଚାହୁଁଛି- ପ୍ରତ୍ୟେକ କହନ୍ତୁ ନିଜ ନିଜର ହବି ବିଷୟରେ। ଏମିତି କିଛି କାମ ଯାହା ତୁମକୁ କରିବାକୁ ଭଲ ଲାଗେ ଜରୁରୀ କାମ ନ ଥିବା ବେଳେ। ବିଭିନ୍ନ ଛାତ୍ରଛାତ୍ରୀ କ୍ରମାନ୍ୱୟରେ ଉଠିଲେ ଏବଂ ନିଜ ନିଜର ବକ୍ତବ୍ୟ ରଖିଲେ - କିଏ କହିଲେ ତାଙ୍କର ଉଦ୍ୟାନ କର୍ମରେ ଭାରି ଆଗ୍ରହ। କଲେଜରୁ ଫେରି ସେ ଗଢ଼ିଥିବା ଛୋଟ ଫୁଲଗଛ ସମ୍ବଳିତ ଉଦ୍ୟାନରେ ଗଛମାନଙ୍କର ଯତ୍ନ ନେବାରେ ତାଙ୍କର ସଉକ୍। ଆଉ କିଏ କହିଲେ ତାଙ୍କର ରୋଷେଇ କରିବାରେ ଭାରି ଆନନ୍ଦ। ମଝିରେ ମଝିରେ ନିଜ ମାଆଙ୍କୁ ବସିବାକୁ କହି ସେ ରୋଷେଇ ଦାୟିତ୍ୱ ନିଅନ୍ତି। କେହି କହିଲେ ଗୀତା ପଢ଼ିବାରେ ତାଙ୍କର ଭାରି ଆଗ୍ରହ। ତେଣୁ କାମଦାମ ନ ଥିଲେ ସେ ଶ୍ଳୋକଗୁଡ଼ିକ ଉପରେ ଆଖି ପକେଇ ନିଅନ୍ତି ଓ ଆବୃତ୍ତି କରନ୍ତି। ଏଇମିତି କେତେ କ'ଣ ବିଭିନ୍ନ ଛାତ୍ରଛାତ୍ରୀ କହୁଥାନ୍ତି ଓ ପ୍ରଫେସର ମିଶ୍ର ଶୁଣୁଥାନ୍ତି ଭାରି ଆଗ୍ରହରେ। ସେତିକିବେଳେ ଉଠିଲେ ଜଣେ ତରୁଣ ତୁର୍କ ଭଳି ଦୃଶ୍ୟମାନ ଉଦୀୟମାନ ଯୁବକ। ତାଙ୍କର ଇଂରାଜୀ ଉଚ୍ଚାରଣ ସୂଚେଇ ଦେଉଥିଲା ସେ ଇଂରାଜୀ ମିଡ଼ିଅମ ସ୍କୁଲରେ ପଢ଼ିଛନ୍ତି - ମାତ୍ର ସେ ଯାହା କହିଲେ ତାହା ଥିଲା ରୋଚକ ଏବଂ ଅଭୁତପୂର୍ବ। ସେ ଘୋଷଣା କଲେ ତାଙ୍କର ଅବସର ବିନୋଦନ ଅଭ୍ୟାସ ହେଲା ଝିଅମାନଙ୍କ ସହିତ ଗପିବା। ସଙ୍ଗେ ସଙ୍ଗେ ପ୍ରଫେସର ମିଶ୍ରଙ୍କର ଭୟଙ୍କର ରୂପ ଦିଶିଗଲା। ସେ ସେହି ଯୁବକଙ୍କୁ ତାଚ୍ଛଲ୍ୟ କରି କହିଲେ- 'ମାନ୍ୟବର, ସ୍ମାର୍ଟନେସ୍ ଗ୍ରହଣୀୟ ମାତ୍ର ଓଭର ସ୍ମାର୍ଟନେସ୍ ଅତ୍ୟନ୍ତ ଗର୍ହିତ ଓ ଭୟଙ୍କର। ତୁରନ୍ତ ଏଇ ଶ୍ରେଣୀଗୃହ ଛାଡ଼ିବାକୁ ତାଙ୍କୁ ନିର୍ଦ୍ଦେଶ ଦେଲେ ପ୍ରଫେସର ମହୋଦୟ। ସେଇ ଘଟଣା ବେଳେବେଳେ ମନେପଡ଼ିଯାଏ ମୋର ଅତ୍ୟଧିକ ଆତ୍ମବିଶ୍ୱାସ ବେଳେ ବେଳେ ଆତ୍ମଘାତୀ ହୁଏ ତାହା ନିଜ ଆଖି ଆଗରେ ଦେଖିଲି। ବାସ୍ତବରେ ଯେଉଁମାନେ ଆତ୍ମବିଶ୍ୱାସ ସମ୍ପନ୍ନ ସେମାନଙ୍କ ଠାରେ ଫୁଟିଉଠେ ଏକ ସ୍ୱାଭାବିକ ସହଜ ଭାବ - ସେମାନେ ପରିବେଶରେ ବିଷ ପ୍ରୟୋଗ କରିବାକୁ ଚାହାନ୍ତି ନାହିଁ। ସର୍ବଦା ସେମାନେ ଉଚ୍ଚ ଚିନ୍ତାରେ ମଗ୍ନ। କାହାକୁ ତାଚ୍ଛଲ୍ୟ କରି ନିଜର ଗୁରୁତ୍ୱ ବଢ଼େଇବାରେ ସେମାନଙ୍କ ଧ୍ୟାନ ନଥାଏ। ସେମାନଙ୍କର ବ୍ୟକ୍ତିତ୍ୱର ଔଜଲ୍ୟ ବଢ଼େ ଏଇଥି ପାଇଁ ଯେ ସେମାନେ ଅନ୍ୟ ସହିତ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ ବରଂ ନିଜକୁ ସର୍ବଦା ପ୍ରସ୍ତୁତ କରୁଥାନ୍ତି ଆଉ ସେଇ କ୍ରମରେ ସେମାନେ ଅଧିକରୁ ଅଧିକ ବିକଶିତ ହୁଅନ୍ତି। ସେମାନେ ନିଜର ପରିଶ୍ରମ ଓ ଅଭ୍ୟାସ ଉପରେ ଭରସା ରଖିବା ସହିତ ଏକ ଅଲୌକିକ ପ୍ରାକୃତିକ ଶକ୍ତି ନିକଟରେ ନିଜର ନମନୀୟତା ପ୍ରଦର୍ଶନ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ। ସେମାନଙ୍କର ଜୀବନ ଶୈଳୀରେ ଅନ୍ୟକୁ ନୀଚ ଦେଖାଇବାର ସ୍ପୃହା ନ ଥାଏ ବରଂ ଅନ୍ୟକୁ ସାହାଯ୍ୟ କରି ସେମାନେ ଖୁସିହୁଅନ୍ତି। ସେମାନେ ଅନ୍ୟମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବାକୁ ନିଜର କର୍ତ୍ତବ୍ୟ ମଣିଥାନ୍ତି।

ପ୍ରକାରାନ୍ତେ ଅତ୍ୟଧିକ ଆତ୍ମବିଶ୍ୱାସରେ ଉବୁଟୁବୁ ହେଉଥିବା ଲୋକମାନଙ୍କର ଚରିତ୍ର ଶ୍ରୀମଦ୍ ଭଗବତ ଗୀତାର ଷୋଡ଼ଶ ଅଧ୍ୟାୟର ୧୩/୧୪/୧୫ ଶ୍ଳୋକରେ ବର୍ଣ୍ଣନା କରାଯାଇଥିବା ଆସୁରିକ ଚରିତ୍ରର ବ୍ୟକ୍ତିଙ୍କର ସମତୁଲ। ସେମାନେ ସବୁବେଳେ ଭାବନ୍ତି ସେମାନେ ଯାହା ଚାହାନ୍ତି ତାହା ଅବିଳମ୍ବେ ତାଙ୍କର ପାଲଟେ। ସେମାନେ ବହୁ ଧନସମ୍ପଦର ଅଧିକାରୀ ଏବଂ ଭବିଷ୍ୟତରେ ନିଜର ଇଚ୍ଛାନୁସାରେ ଅସୁମାରୀ ଧନର ମାଲିକ ହୋଇପାରିବେ। ଯିଏ ତାଙ୍କର ଶତ୍ରୁତା ଆଚରଣ କରିବ ତା'ର ମୃତ୍ୟୁ ଅନିର୍ବାର୍ଯ୍ୟ ଏବଂ ତାଙ୍କ କବଳରୁ କୌଣସି ପ୍ରତିପକ୍ଷ ବର୍ତ୍ତିପାରିବେ ନାହିଁ। ନିଜର ଅହଂକାରକୁ ବିଜ୍ଞାପନ କରିବାକୁ ସେମାନେ କହନ୍ତି ଯେ ସେମାନେ ସମସ୍ତଙ୍କର ପ୍ରଭୁ, ଯାହା ଆଖି ଆଗରେ ପଡୁଛି ସବୁ ତାଙ୍କର ଭୋଗ୍ୟବସ୍ତୁ ଏବଂ ସେମାନେ ହେଉଛନ୍ତି ସକଳ ଶକ୍ତି ଓ ସାମର୍ଥ୍ୟର ସୂତ୍ରଧର। ନିଜକୁ ସମସ୍ତଙ୍କ ଠାରୁ ଉଚ୍ଚବର୍ଗର କୁଳୀନ ଘୋଷଣା କରିବା ସଙ୍ଗେ ସଙ୍ଗେ ସେମାନେ ପ୍ରଚାର କରନ୍ତି ଯେ ତାଙ୍କର ସମାସ୍କନ୍ଧ ହେବାକୁ କେହି ନାହାନ୍ତି। ଏପରି ଆତ୍ମବଡ଼ିମା ଦେଖାଉଥିବା ଆସୁରିକ ବ୍ୟକ୍ତିମାନଙ୍କର ଅଧଃପତନ ହୁଏ ବୋଲି ଭଗବାନ କହିଛନ୍ତି। ଅତ୍ୟଧିକ ମଦ୍ୟପାନ କରିଥିବା ଲୋକଟିଏ କେମିତି କଥାବାର୍ତ୍ତା କରେ ତାହା ଆପଣ ଅନୁମାନ କରିପାରୁଥିବେ - ତା'ର କୁଟାଖଣ୍ଡିଏ ଉଠେଇବାକୁ ବଳ ନ ଥିବ। ଅଥଚ କଥା କହୁଥିବ ସ୍ୱର୍ଗ ସେପାରିରୁ। ଅହଂକାରର ମଦ୍ୟରେ ଯିଏ ଜଡ଼ସଡ଼ ସିଏ ବା ଭିନ୍ନ ବ୍ୟବହାର କରିବ କେମିତି ? ମଣିଷର ଚରିତ୍ର ଓ ବ୍ୟବହାର କୁଶଳତାରେ ଥାଏ ତା'ର ପରିଚିତି। ଆତ୍ମସଚେତନ ମଣିଷଟାଏ ଯିଏ ନିଜକୁ ପ୍ରସ୍ତୁତ କରୁଛି ଅଧିକ ଭଲ ହେବା ପାଇଁ ତାକୁ କେହି ଅଟକେଇ ପାରିବେ ନାହିଁ। ସାମୟିକ ଭାବରେ ସେ ଅକୃତକାର୍ଯ୍ୟ ହୋଇପାରେ ମାତ୍ର ସାମଗ୍ରିକ ଜୀବନର ଚଲାପଥରେ ସେ ସଫଳ ହେବ ଓ ଏକ ସାର୍ଥକ ଜନ୍ମର ପ୍ରତିପାଦନ କରିବ। ତେଣୁ ଯେଉଁ ଯୁବକ ଯୁବତୀଗଣ ମନ ଭିତରେ କିଛି ସଂଶୟ ରହୁଛି ଯେ ସେ ତୁରନ୍ତ ଅନ୍ୟ କାହାକୁ ପ୍ରଭାବିତ କରିପାରୁନାହାନ୍ତି ସେଥିରେ ବ୍ୟସ୍ତ ବା ବିବ୍ରତ ହେବା ଅନାବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛିନା କିଛି ଭଲ ଗୁଣ ରହିଛି - ଯେତେବେଳେ ଜଣେ ନିଜେ ତାହା ଅନୁଭବ କରିବ ଏବଂ ସେଇ ଭଲଗୁଣର ବିକାଶ ପାଇଁ ନିରନ୍ତର ଉଦ୍ୟମ କରିବ ସେ କେବଳ ଉନ୍ନତିର ସୁଉଚ୍ଚ ସୋପାନକୁ ଯିବନାହିଁ ତା'ର ପ୍ରିୟ ପରିଜନ ସମସ୍ତଙ୍କ ମଙ୍ଗଳକାମନାରେ ବ୍ରତୀ ହେବ। ତେଣୁ ଅତ୍ୟଧିକ ଆତ୍ମବିଶ୍ୱାସ ଏକ କ୍ଷଣିକ କୁହୁକ ତାକୁ ବର୍ଜନ କରି ବାସ୍ତବ ଆତ୍ମବିଶ୍ୱାସରେ ବ୍ରତୀ ହୁଅନ୍ତୁ ଆଜିର ଯୁବଛାତ୍ରମାନେ।

ପୁରାତନ କାଳରୁ ଆମର ଭାରତୀୟ ସଂସ୍କୃତିରେ କୁହାଯାଇଛି- 'ଅତିରୁ ଇତି' ଏବଂ ସେଥିପାଇଁ ଅତିକୁ ସବୁ କାମରେ ଗର୍ହିତ ବୋଲି ବିବେଚନା କରାଯାଇଛି। ଜଣେ ବହୁ ଦେଶ ଭ୍ରମଣ କରି ବହୁ ଅଭିଜ୍ଞତା ହାସଲ କରିବା ଭଲକଥା ମାତ୍ର ଯିଏ ବହୁ ଦେଶ ଭ୍ରମଣର ସୁଯୋଗ ପାଇନାହିଁ ସେ ଯେ ଓଲୁ ଭାବିବା ବି ମୂର୍ଖାମୀ, ଅତ୍ୟନ୍ତ ଆତ୍ମବିଶ୍ୱାସ ବୃଦ୍ଧି ଏକ ମାନସିକ ରୋଗ ସୃଷ୍ଟି କରେ ଯାହାକୁ କୁହାଯାଏ ମେଗାଲୋମାନିଆଁ। - ସେମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ନିକଟରେ ପରାମର୍ଶ ନେବା ଜରୁରୀ।

# ସାହିତ୍ୟରେ ଉତ୍ତର ଆଧୁନିକତା :ଏକ ଅନୁଶୀଳନ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆହରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡେ। କିନ୍ତୁ ଉତ୍ତର ଆଧୁନିକ କଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତି କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ। ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାର୍କ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ୍ୟ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତା ଗୁଡିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧ୍ୟତା, କ୍ଲିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତା ଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ୍ୟ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ। ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି। କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଶ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ। ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା । କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଆଧୁନିକ କବିତା ବଖାଣିଥାଏ। ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ଗ୍ରହ, ନକ୍ଷତ୍ର, ଜ୍ୟୋତିଷ ଅପେକ୍ଷା ମାଟି, ପାଣି ଓ ପବନରେ ଅଧିକା ବିଶ୍ୱାସ ରଖେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧ୍ୟାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି। ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ। ସମାଜ ସହିତ ତାର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ। ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତାର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ କରେ। ବିଶ୍ୱାସ ରଖେ – ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତଃସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଞ୍ଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ। ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକି ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ ସ୍ପର୍ଶ କରିପାରେ। ଜନ୍ମ ଓ ମୃତ୍ୟୁର କାଳ୍ପନିକ ବିଳାସର ଏହା ପକ୍ଷପାତି ନୁହେଁ। ପ୍ରେମରେ ଅକୃତ୍ରିମତା, ଛଳନା, ଧୋକାକୁ ଉତ୍ତର ଆଧୁନିକ କବିତା ଆପଣେଇ ନିଏ। ସମକାଳ ପ୍ରତି ଏ କବିତା ସଦା ସର୍ବଦା ସତ୍ୟନିଷ୍ଠ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧ୍ୟାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଆଧୁନିକ କବିତା ଅନେକ ଦିନ ଧରି ମୃତ୍ୟୁ ଚେତନା ଦ୍ୱାରା ଅନୁପ୍ରେରିତ। କିନ୍ତୁ ଉତ୍ତର ଆଧୁନିକ କବିତା କେବଳ ଜୀବନ ସଚେତକ। ଉତ୍ତର ଆଧୁନିକ କବିତା ନିସଙ୍ଗତା, ବିତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେନାହିଁ। ମଣିଷର ସମସ୍ତ କଷ୍ଟ ଲାଘବର ଏକ ପ୍ରୟାସ ଅନବରତ ଜାରି ରଖେ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ। ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତିକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଶମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ବେବିନା, ମମତା ଓ ସ୍ମିତାରାଣୀଙ୍କ ହତ୍ୟା – ଏହିଭଳି ନିଷ୍ପେଷିତ ଓ ନିପୀଡିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ। ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଷ୍ଟ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ୱଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀ କରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ। କିନ୍ତୁ ଏହାର ଆଙ୍ଗିକ ଶୈଷ୍ଟବ ଆତ୍ମା ସହିତ ସଂପୃକ୍ତ। ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ । ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ। ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କ ଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ। ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢିତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ। କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତାର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ। ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ। କିନ୍ତୁ ତାହା ସାର୍ବଜନିନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି। ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନିନତା ସର୍ବୋତ୍କୃଷ୍ଟ ହୋଇ ପାରିଛି। ଭାଷା ଓ ଭାବର ସରଳତା, ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ। ବାକ ଓ ଅର୍ଥ ଦୁହେଁ ଓତଃପ୍ରୋତ ଭାବେ ଜଡିତ। କବିର ନିଜସ୍ୱ ଦୃଷ୍ଟି ଅନୁଭୂତିର ପ୍ରେରଣାରେ ଅନୁପ୍ରାଣୀତ ହୋଇ ଥିବାରୁ କବିତାର ଭାଷା ଭାବାତ୍ମକ ହୋଇଥାଏ। ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ , ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ। ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଲଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୪୪



ନିତ୍ୟାନନ୍ଦ ପଣ୍ଡା

## ଦ୍ରୌପଦୀଙ୍କ ବିଷାଦ-୨



ମାଆ, ଯିଏ କି ତୁମମାନଙ୍କୁ କ୍ଷୀର ପିଏଇ ବଞ୍ଚେଇଥିଲେ, ତାଙ୍କୁ ଯେବେ ସମ୍ମାନ କରୁଥିବ, ନିଜର ଭଉଣୀ, ଝିଅ ଓ ସ୍ତ୍ରୀଙ୍କ ପ୍ରତି ଯେବେ ତୁମର ଭଲପାଇବା ଥିବ, ମୋତେ ଏଇ ନର୍କରୁ ରକ୍ଷାକର ! ମାତୃଜାତିର ଅପନିନ୍ଦା ସହୁଛ କେମିତି ! ଯେବେ ଈଶ୍ୱର ଓ ଧର୍ମରେ ବିଶ୍ୱାସ କରୁଥାଅ, ଏହି ବିପଦରୁ ମୋତେ ରକ୍ଷାକର !" ପିଲାଙ୍କ ପରି କଇଁ କଇଁ କାନ୍ଦୁଥାନ୍ତି ଦ୍ରୌପଦୀ ।

ଉପସ୍ଥିତ ବରିଷ୍ଠମାନେ ଦୁଃଖ ଓ ଲଜ୍ଜାରେ ତଳକୁ ମୁହଁ ପୋତିଲେ । କିନ୍ତୁ ଭୀମସେନ୍ ଅଧିକକାଳ ଅନ୍ତରର ଦୁଃଖକୁ ଚାପି ପାରିଲେନାହିଁ । ସେ ପ୍ରଚଣ୍ଡ ଗର୍ଜନକଲେ । ପ୍ରତିଟି କାନ୍ଥକୁ ତାଙ୍କ ଗର୍ଜନ ଆଘାତ୍‌କଲା ଓ ପ୍ରତିଧ୍ୱନି ତୋଳିଲା ।

ସେପରି ଗର୍ଜନ ସହକାରେ ସେ ଯୁଧିଷ୍ଠିରଙ୍କୁ କହିଲେ- "ତୁମେ ଆଜି ଯାହା କରିଛ, ଜଣେ ଅଭ୍ୟାସଗତ ଜୁଆଡ଼ି ମଧ୍ୟ ସେପରି କରିବନାହିଁ । ତୁମେ ହିଁ ଦୋଷୀ । ସହଦେବ, ନିଆଁ ଆଣ । ଯେଉଁ ହାତ ପଶାଖେଳିଛି, ସେହି ହାତକୁ ମୁଁ ଏଇଠି ଜାଳିଦେବି !"

ଭୀମସେନ୍‌ଙ୍କ ପାଖରେ ବସିଥିଲେ ଅର୍ଜୁନ । ଅର୍ଜୁନ ଫିସ୍ ଫିସ୍ କରି କହିଲେ ଭୀମଙ୍କୁ- ଭାଇ, ତୁମେ ବଡ଼ଭାଇଙ୍କ ପ୍ରତି ଏଭଳି ଭାଷା ଅତୀତରେ କେଉଁ ପ୍ରୟୋଗ କରିନାହଁ । ଆଜି କାହିଁକି ! ତୁମେ ଯାହା କହିଲ, ଏମାନେ ସେଇପରି ଚାହୁଁଛନ୍ତି । ପଶାଖେଳରେ ଚକ୍ରାନ୍ତ ମଧ୍ୟକୁ ତୁମେ ଆସିଯାଉଛ । ସାବଧାନ ଭାଇ ।"

ସତେତ ! ହଠାତ୍ ନିଆଁରେ ପାଣିପଡ଼ିବା ପରି ଭୀମସେନ୍‌ଙ୍କ କ୍ରୋଧ ଅପସରିଗଲା । ପୂର୍ବପରି ନୀରବ ବରିଷ୍ଠଗଣ ।

ଧୃତରାଷ୍ଟ୍ରଙ୍କର ଅନ୍ୟତମ ପୁତ୍ର- ନାମ ତାଙ୍କର ବିକ୍ରମ- ହଠାତ୍ ଠିଆହୋଇ ପଡ଼ିଲେ ଏବଂ କହିଲେ- 'ତୁମେ ବରିଷ୍ଠ ବୀରଗଣ; କାହିଁକି ତୁମେ ନୀରବ ଅଛ ? କ'ଣ ଏହି ଦୃଶ୍ୟକୁ ଉପଭୋଗ କରୁଛ ! ମୋର ବୟସ ଖୁବ୍ କମ୍, ତଥାପି ମୁଁ କହୁଛି । ଯୁଧିଷ୍ଠିରଙ୍କୁ ଉସକାଇ ଏହି ପଶାଖେଳ ଖେଳାଯାଇଛି । ସେ ନିଜ ଇଚ୍ଛାରେ ଖେଳିନାହାଁନ୍ତି । ଦ୍ରୌପଦୀ କେବଳ ଯୁଧିଷ୍ଠିରଙ୍କର ପତ୍ନୀ ନୁହଁନ୍ତି । ଅନ୍ୟ ଚାରିଭାଇଙ୍କର ମଧ୍ୟ । ସେ କେମିତି ଅନ୍ୟର ପତ୍ନୀଙ୍କୁ ବାଜି ରଖିପାରିବେ ! ପଶାଖେଳରେ ନିଜେ ହାରିଗଲାପରେ ଯୁଧିଷ୍ଠିର ସ୍ୱାଧୀନ ମଣିଷ ନଥିଲେ । ସେ ଦ୍ରୌପଦୀଙ୍କୁ ବାଜିରଖି ପାରିବେନାହିଁ । ଏହା କ'ଣ ତୁମମାନଙ୍କୁ ଦେଖାଯାଉନାହିଁ ! ତା'ଛଡ଼ା ମାମୁ ଶକୁନି ପ୍ରଥମେ ଦ୍ରୌପଦୀଙ୍କ ନାମ ଉଚ୍ଚାରଣ କରିଥିଲେ । ବାରମ୍ବାର ହାରୁଥିବା ମଣିଷର ମୁଣ୍ଡ ଠିକ୍ ନଥାଏ । ତେଣୁ ମାମୁ ଶକୁନି ଦୋଷୀ । ପଶାଖେଳ ଏକ ଷଡ଼ଯନ୍ତ୍ର । ଏହି ସମସ୍ତ କଥାକୁ ବିଚାରକୁ ନେଲେ ଜଣାପଡ଼ିବ ଯେ ଆମେ ପ୍ରକୃତରେ ଦ୍ରୌପଦୀଙ୍କୁ ଜିତିନାହୁଁ । ଏହା ମୋର ମତ !"

ସଭାସ୍ଥଳରୁ ଶୁଭିଲା- ଧର୍ମର ଜୟ ହେଉ, ଧର୍ମର ଜୟ ହେଉ ।

ଏହି ସମୟରେ କର୍ଣ୍ଣ ଠିଆହୋଇ ପଡ଼ିଲେ । କଠୋର ସ୍ୱରରେ କହିଲେ- ତୁମେ ବିକ୍ରମ, ଯେଉଁଠି ବରିଷ୍ଠମାନେ ଅଛନ୍ତି ସେଠି ତୁମେ କହିବା ଅନୁଚିତ୍ । ଯେଉଁ ପରିବାରରେ ତୁମର ଜନ୍ମ, ସେଇ ପରିବାରକୁ ନଷ୍ଟ କରିବାକୁ ବସିଛ ! ଗଛ ଡାଳରେ ବସି, ଡାଳର ମୂଳକୁ ହାଣିବା ପରି କଥା । ନିୟମ ପଢଉଛ ତ ଶୁଣ ! ଯେତେବେଳେ ଯୁଧିଷ୍ଠିର ମୁକ୍ତ ମଣିଷ ଥିଲେ ସେ ସର୍ବସ୍ୱ ହରେଇଥିଲେ । ସେହି ସର୍ବସ୍ୱ ମଧ୍ୟରେ ଦ୍ରୌପଦୀ ନଥିଲେ କି ! ପୁଣି ଶୁଣ, ପାଣ୍ଡବ ଭାଇମାନେ ଯେଉଁ ପୋଷାକ ପିନ୍ଧିଛନ୍ତି ତାହା ବର୍ତ୍ତମାନ ଶକୁନିଙ୍କର । ଦ୍ରୌପଦୀଙ୍କର ବସ୍ତ୍ର ମଧ୍ୟ ।

ହେ ଦୁଃଶାସନ ! ବର୍ତ୍ତମାନ ଯାଅ, ପାଣ୍ଡବମାନଙ୍କର ଓ ଦ୍ରୌପଦୀଙ୍କର ପିନ୍ଧାବସନ ନେଇଆସ ! ଏବଂ ସେସବୁ ବସ୍ତ୍ର ଶକୁନିଙ୍କ ପାଖରେ ଜିମାରଖ ।"

ପାଣ୍ଡବ ଭାଇମାନଙ୍କର ପାଗଳ ଅବସ୍ଥା ! କ'ଣ ଇଏ ସବୁ ଘଟିଯାଉଛି ! ସେମାନେ କର୍ଣ୍ଣଙ୍କର ଯୁକ୍ତିକୁ ଗ୍ରହଣ ପୂର୍ବକ ଆପଣା ଶରୀରର ଉପରାର୍ଦ୍ଧରେ ଥିବା ବସ୍ତ୍ରକୁ ଦୁଃଶାସନ ହାତରେ ଅର୍ପଣକଲେ ।

ଠିଆହୋଇଥାଆନ୍ତି ଦ୍ରୌପଦୀ କାକୁସ୍ଥଭାବରେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ବର୍ଷା ଆସିଲାଣି ଘରକୁ ଯିବା

*ମନୋରମା ମିଶ୍ର*



ବର୍ଷା ଆସିଲାଣି ଘରକୁ ଯିବା,
ତେଲଭଜା କିଣି ସାଙ୍ଗରେ ନେବା ।
ଫେରୁଫେରୁ ବାଟେ କହିଲା ବୁନା,
ଶୁଣି ତାକୁ ଟିକେ ଚାହିଁଲା ଲୁନା ।

କହିଲା ନକିଣି ଘରେ ଛାଣିବା,
ବାହାର ଜିନିଷ କାହିଁକି ନେବା ?
ମା'ଙ୍କ ହାତର ପକୁଡ଼ି, ବରା
ଖାଇଲେ ପାଟିରୁ ଛାଡେନି ପରା ।

ବୁନା କହେ ଆଜି କିଣିବା ଆମେ,
ହଇରାଣ ମାଆ ହେବେନି କାମେ ।
ବରା ପିଆଜିକୁ କିଣି ଶେଷରେ,
ଦୁଇଭାଇ ଫେରି ଆସିଲେ ଘରେ ।

ଏତିକି ବେଳରେ ବିଜୁଳି ମାରି,
ଝରଝର ବର୍ଷା ପଡିଲା ଝରି ।
ବରଷାକୁ ଦେଖି ମାଆ କହିଲେ,
ଆସିଗଲ ପିଲେ ଠିକଣା ବେଳେ ।

ଲୁନା କହିଲା ମା' ତୁମରିପାଇଁ,
ଛଣାଛଣି କିଣି ଆଣିଛି ଭାଇ ।
ହସିଦେଲେ ମାଆ ପିଲାଙ୍କୁ ଚାହିଁ,
ବସିଲେ ଏକାଠି ଖାଇବାପାଇଁ ।

*ନୀଳାଦ୍ରି ବିହାର, ଭୁବନେଶ୍ୱର*
*ମୋ-୯୮୬୧୫୭୮୫୩୨*



# ଆସ ବରଷା



*ଦଶରଥ ମାଝୀ*

ଆସ ବରଷା ଆଷାଢ଼ ମାସେ
ଆସ ପ୍ରଥମ କରି
କୃଷକ ଭାଇ ଚାଷ କରିବ
ହଳ ନଙ୍ଗଳ ଧରି (୧)

ଝୋ ଝୋ ଶବଦେ ବରଷା କରି
ଭିଜେଇ ଦିଅ ଧରା
ଝାଞ୍ଜି ପବନ ଅସହ୍ୟ ତାପ
ହଟୁ ପ୍ରଚଣ୍ଡ ଖରା (୨)

କଠିନ ମାଟି ନରମ ହେବ
ଧରା ହୋଇବ ଥଣ୍ଡା
ଗଛର ପତ୍ର କଅଁଳି କରି
ଉଡ଼ିବ ତାର ଝଣ୍ଡା (୩)

ଆଷାଢ଼ ଯାଇ ଶ୍ରାବଣ ହେଲା
ହେଇଛି ଅଳ୍ପ ବର୍ଷା
କ୍ଷେତର ଧାନ ହେବକି ନାହିଁ
ଚିନ୍ତା କଲାଣି ଚଷା (୪)

ମାଟିର ଉଇ ଓଦା ମାଟିରେ
ଗଢ଼ିବ ସିଏ ହୁଙ୍କା
ସପ୍ତ ରଙ୍ଗରେ ଇନ୍ଦ୍ରଧନୁଟି
ଦିଶୁ ଥିବରେ ବଙ୍କା (୫)

*କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*



# ଭାସି ଯାଆ ମୋର କାଗଜ ଡଙ୍ଗା



*କବିରତ୍ନ ନୂତନ କୁମାର ବେହେରା*

ବିରଷି ପଡ଼ଇ ବରଷା ଧାରା
ଭିଜି ଓଦା ହୁଏ ମାଟିର ଧରା,
ମାଡ଼ି ଆସେ ଛାଇ ହଜଇ ଖରା
ବହି ଯାଏ ପାଣି ମୁଲକ ସାରା ।

ବରଷା ଋତୁଟି ଆସିଛି ପରା
ଆନନ୍ଦ ଦିଅଇ ମନେ ନିଆରା,
ଚାଷୀର ହୁଅଇ ସିଏ ସାହାରା
ହସି ଉଠଇ ପ୍ରକୃତି ଚେହେରା ।

ତିଆରି କାଗଜ ଟୁକୁରା
ବଇତ ରୂପରେ ଦିଶଇ ତୋରା,
ଭସାଇ ନିଏ ତାକୁ ଜଳ ଧାରା
ଭାସି ଗଲେ ଆଉ ଦିଏନା ଧରା ।

ହୁଏ ଘଡ଼ଘଡ଼ି ମାରେ ବିଜୁଳି,
ଚାରିଆଡ଼େ ଜଳ ପଡ଼େ ଉଛୁଳି,
ସମୟ ଜଗି ବାହାରେ ମୁଁ ଖେଳି
ମିଳିମିଶି ରହେ କରେନା କଳି ।

ବରଷା ବରଷେ ତୁହାକୁ ତୁହା
ବହିଯାଏ ପାଣି ଦେଖି ତା' ରାହା,
ମୋ କାଗଜ ଡ଼ଙ୍ଗାର ହୁଏ ସାହା
ତାଳି ମାରି ହସେ ମୁହିଁ ହା..ହା..ହାଃ ।

ଭାସି ଯାଆ ମୋର କାଗଜ ଡ଼ଙ୍ଗା
ଖୁସିରେ ଯିବୁ ଦେଖି ନୂଆ ଜାଗା,
କରିବୁନି କେବେ କା' ସାଥେ ଦଙ୍ଗା
ଅବା ଦେବୁ ନାହିଁ କାହାକୁ ଦଗା ।

ଲେଖାପଢ଼ା କରେ ହେବାକୁ ଯୋଗା
ଖେଳ କୁଦ କରି ରହେ ନିରୋଗା,
କହେ ଏ ଭାବ ନ କରି ମହଙ୍ଗା
ଭାସି ଯାଆ ମୋର କାଗଜ ଡ଼ଙ୍ଗା ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷା-୮୦୧୮୩୫୩୩୨୨*

# ସତ କହିବାକୁ କିଆଁ ଡରିବି

*ସୁନୀଲ କୁମାର ପ୍ରଧାନ*

ସତ କହିବାକୁ କିଆଁ ଡରିବି
ମୁହିଁ ଆନନ୍ଦରେ ମନ ଭରିବି
ଉଚିତ୍ କଥାଟି ମନେ ଭାବିବି ।
ମିଛରେ କେବେବି ରାସ୍ତା ମିଳେନି
ତନ ମନ କେବେ ବାଧା ଦିଏନି
ବିବେକ ଏହାକୁ ଜମା କରେନି ।
ମିଛ କହି ବଡ ମଣିଷ ହେଲେ
ଚୋର ବୋଲି ଲୋକ କହନ୍ତି ପିଲେ
ମନରେ ଏହାକୁ ନହୁଡ଼ ତିଳେ ।
ସତ କହିବାକୁ ହୋଇବା ଆଗ
ଏହା ଅଟେ ଆମ ଶାନ୍ତିର ବେଗ
ଆଗକୁ ଆଗକୁ ହୋଇ ସଜାଗ ।
ସତ କହିବାକୁ କିଆଁ ଡରିବି
ମନରେ ଏହାକୁ ସଦା ରଖିବି
ଉତ୍ତମ ସନ୍ତାନ ମୁହିଁରେ ହେବି ।

*ଝାଟିପଦର, ପାଲୁର, ଗଂଜାମ*
*ମୋ- ୭୬୦୯୯୩୪୩୬୬*

# ଅଦିନେ ଆସଇ ଝଡ଼

*ସୁରମା ମିଶ୍ର*



ଅଦିନେ ଆସଇ ଝଡ଼
ଭାଙ୍ଗିପଡେ କେତେ ଗଛଡାଳ ସବୁ
ଭୁଷୁଡି ପଡ଼ଇ ଘର ॥

ସଭିଏଁ ହୋଇ ଛାନିଆ
ଭୟଭୀତ ହୋଇ ଘର ଛାଡ଼ିଦେଇ
ବାହାରେ ହୁଅନ୍ତି ଠିଆ ॥

ଝଡ଼ ପ୍ରକୋପ କମିଲେ
ଘରକୁ ସରବେ ଫେରି ଆସନ୍ତିଲୋ
ପୁଟୁଳା ବୋହି ମୁଣ୍ଡରେ ॥

ଭାଙ୍ଗୁ ପଛେ ଘର ଦୁଆର
ନିଜ ମନୋବଳ ଭାଙ୍ଗିବ ନାହିଁରେ
ହେବ ବହୁ ନାରଖାର ॥

ଧର୍ଯ୍ୟଟି ଧରି ରହିବ
ଭଙ୍ଗାଘର ଦିନେ ହୋଇବ ଗଢାରେ
ସୁଖରେ ଦିନ କାଟିବ ॥

ଏକଥା ମନେ ରଖିବ
ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ନିଶ୍ଚୟ ଦିନେ ଆସିବ ॥

ଭୁଲି ସବୁ ପଛ କଥା
ଆଗକୁ ଆଗକୁ ଆଗେଇ ଯିବରେ
ଉପରକୁ ଟେକି ମଥା ॥

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଟିକିପିଲା ମୁହିଁ

*ଦିଲ୍ଲୀପ କୁମାର ପାତ୍ର*

ଟିକି ପିଲାଟିଏ ଟିକି ପିଲାମୁହିଁ
ଟିକିଏ ବୁଦ୍ଧି ମୋ ପାଉନି
ଟିକି ଟିକି କଥା କରେ ମୁଣ୍ଡ ବଥା
ଟିକିଏ ବୁଝି ମୁଁ ପାରୁନି ।

ଗୁରୁଜୀ କହନ୍ତି ଭଗବାନ ପରା
ବାପା-ମାଆ ଆମ ଅଟନ୍ତି
ଭଗବାନ ହୋଇ ଭ୍ରୁଣ ହତ୍ୟା କରି
କନ୍ୟାକୁ ଫୋପାଡ଼ି ଦିଅନ୍ତି ।

ଭଗବାନ ଯିଏ ଗୁରୁ ପରା ସିଏ
ଆଦର୍ଶ ଆଲୋକ ଦେଖାନ୍ତି
ଗୁରୁ ଆଜି ପୁଣି ମୃତ୍ୟୁର କାରଣ
ଛାତ୍ରୀ ବି ଚିତାରେ ଜଳନ୍ତି ।

ଟିକି ଝିଅ ବୋଲି ସେନେହ ବାଣ୍ଟନ୍ତି
ପୁଅ ପାଇଁ ଗର୍ବ କରନ୍ତି
ସମାଜ ଆଖିରେ ଆଜି ବି ଏ ନାରୀ
ବିବାଦରେ କାହିଁ ରହନ୍ତି ।

ଗୁରୁଜୀ କହନ୍ତି ବିଦ୍ୟା ମହାଧନ
କର ଯେତେ ଉପାର୍ଜନ
ସେଇ ବିଦ୍ୟା ପୁଣି ଅରଜାଏ କେତେ
ପାପ ମିଶା କଳାଧନ ।

କେଉଁଠି ଲୁଚିଛ ଆହେ ମହାବାହୁ
ଏ ବେଳେ ତ ଦେଖା ଦିଅ
ଜାଣି ପାରୁନି ମୁଁ ସତ ମିଛ କିଛି
ସବୁ କି ତୁମେ ଶିଖାଅ ।

*ଉପଖଣ୍ଡ କୋଷାଗାର, କରଞ୍ଜିଆ, ମୟୂରଭଞ୍ଜ*



# ଆସୁଅଛି ରାକ୍ଷୀ ପୁନେଇଁ

*ନିରଞ୍ଜନ ସାହୁ*

ରାକ୍ଷୀ ପୂର୍ଣ୍ଣମାଟି ଆସିଯିବ ଏବେ
ଏହି କଥା ମୁହିଁ ଜାଣିଛି
ଭାଇ ହାତେ ରାକ୍ଷୀ ବାନ୍ଧିବା ପାଇଁ ମୁଁ
ନୂଆ ରାକ୍ଷୀ କିଣି ଆଣିଛି ।
ମୁଁ ଜାଣିଛି ମୋର କଥାଟି ରହିବ
ବାପା ମନକଥା ଜାଣିବେ
ପୂର୍ଣ୍ଣମା ଆଗରୁ ଛାତ୍ରାବାସ ଯାଇ
ଭାଇଙ୍କୁ ସେଠାରୁ ଆଣିବେ ।
ସେଦିନ ସକାଳୁ ନିତ୍ୟକର୍ମ ସାରି
ମନ୍ଦିର ଯିବାକୁ ପଡ଼ିବ
ଭାଇଙ୍କର ଶୁଭ ମନାସିବି ମୁହିଁ
ଭକ୍ତିରେ ମନଟା ଜଡିବ ।
ଘରକୁ ଫେରିକି ଭାଇଙ୍କୁ କହିବି
ଭାଇ ନିତ୍ୟକର୍ମ ସାରିବେ
ଆଜି ଭାଇ ଆଉ ଅମଙ୍ଗ ହେବେନି
ମୋ ଅଳି ପାଖରେ ହାରିବେ ।
ଭାଇଙ୍କୁ ଉଚିତ ଆସନେ ବସାଇ
ରକ୍ଷାବନ୍ଧନ ମୁଁ କରିବି
ଫୁଲ, ଅକ୍ଷତ ଓ ଦୀପାଳି ନେଇ ମୁଁ
ବନ୍ଦାପନା ବାଟ ଧରିବି ।
ଭାଇଙ୍କ ପାଦରେ ପ୍ରଣିପାତ କରି
ମିଠା ଖୁଆଇବି ଖୁସିରେ
ଭାଇଙ୍କର ଉପହାର ମୁଁ ଘେନିବି
ବସିବିନି ଜମା ରୁଷିରେ ।
ରକ୍ଷାବନ୍ଧନ ମୁଁ ପାଳିବା ନିମିତ୍ତ
ଏମିତି ଯୋଜନା କରିଛି
ସବୁ କଥା ଖୋଲି ମାଆଙ୍କୁ କହିଛି
ବାପାଙ୍କର ପିଛା ଧରିଛି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ବରଷା ରାଣୀର ଶୁଖିଛି ମୁହଁ

*ନୀଳମଣି ଚାନ୍ଦ*



ପଚାରିଲି ଦିନେ ବରଷାରାଣୀକୁ
କହଲୋ ! ବରଷାରାଣୀ
କାହିଁକି ଶୁଖିଛି ମୁହଁଟି ତୋହର
ପାରୁନି ଜମାରୁ ଜାଣି ।

ଆମ ପିଲାଦିନେ ବେଶ୍ ରଜ ଆଗୁଁ
ଆସି ଦେଉଥିଲୁ କାଚି
ଖୁସିରେ ସାଧବବୋହୂ ଚାଲୁଥିଲା
ବେଙ୍ଗ ଯାଉଥିଲା ନାଚି ।

ପାଟରେ କେଶୁର ମାରୁଥିଲା ଗଜା
ଫଳୁଥିଲା ଅଷାଢୁଆ
ସେ ସବୁ ତ ଆଜି ଆମକୁ ସପନ
ସତେକି ଚିଜଟି ନୂଆ ।

ଟପ ଟପ ଟପ ପଡିଲା ବରଷା
ଭାବିଲି ସେ କହେ କଥା
'ବଣଜଙ୍ଗଲକୁ କରିଦେଲ ପଦା
କାଟିକୁଟି ଗଛଲତା ।

କଳକାରଖାନା ସଂଖ୍ୟା ବଢେଇଲ
ବଢିଲା ସହର ସଂଖ୍ୟା
ଦିନୁଦିନ ବଢ଼େ ବିଶ୍ୱ ତାପମାତ୍ରା
ଆଉ କି ମିଳୁଛି ରକ୍ଷା ।

ବାୟୁମଣ୍ଡଳରେ ଅଙ୍ଗାର ବଢିଲା
ଲଗାଏନି କେହି ଗଛ
ବିଜ୍ଞାନ ପାଠରୁ ଜାଣିଥିବ ଏହା
ଯେତେ ପୁଅଝିଅ ଅଛ ।

ଏଇ ଏଇ ସବୁ କାରଣ ପାଇଁଟି
ବେଶି ମୁଁ ବରଷୁ ନାହିଁ
ସଭିଙ୍କୁ ବୁଝାଅ ମୋ ମନ କଥାଟି
ଦେଲି କାମ ତୁମ ପାଇଁ ।

*୨୭, ମନ୍ତମାନୋର,*
*ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# କୁନା ଯିବ ବୋଲ୍‌ବମ୍

*ରାମଚନ୍ଦ୍ର ପ୍ରଧାନ*



ଯିବ ବୋଲି କୁନା ବୋଅଲବମ
ସାରିଦେଲାଣି ତା' ସକଳ କାମ
ଶିବ ପଞ୍ଚାକ୍ଷର ମୁଖେ ଉଚ୍ଚାରି
ଯାଉ ଅଛି ସିଏ ଘରୁ ବାହାରି
ଆସର ଜମାଇ ନଈ ତୁଠରେ
ଭାର ଧରି ଯିବ ଖାଲି ପାଦରେ
ଭକ୍ତି ଚିତ୍ତେ ଜପି ଶିବ ମନ୍ତର
କନ୍ଧେ ବୋହିବ ସେ' ଶ୍ରାବଣ ଭାର
ହୃଦୟରେ ସ୍ମରି ଭୋଳା ଶଙ୍କର
କଳସେ ଭରିବ ପବିତ୍ର ନୀର
ଶିବ ଚିନ୍ତନରେ ହୋଇଣ ଭୋଳ
ପ୍ରଭୁଙ୍କ ଲିଙ୍ଗେ ସେ ଅର୍ପିବ ଜଳ
କାଉଡିଆ ବେଶେ ବାହୁଙ୍ଗି ଧରି
ଶିବାଳୟ ଯିବ କୁନା ଆମରି
ଶିବ ଲିଙ୍ଗେ ଯାଇ ଢାଳିବ କ୍ଷୀର
ସମର୍ପିତ ମନେ ପୂଜିବ ହର
ମନ କଥା ଦେବ ହରକୁ କହି
ଉମା ଶୁଣୁଥିବେ ପାଖରେ ରହି
ମନସ୍କାମ ତା'ର ପୂର୍ଣ୍ଣ ହୋଇବ
ଭକତିରେ ମନ ନାଚି ଉଠିବ ।

*ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ*
*ମୋ-୯୮୬୧୬୩୮୭୩୬*

## ତୁମ ତୂଳୀରୁ ...



ମନିଷା ନାଏକ, ସପ୍ତମ ଶ୍ରେଣୀ , ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୋଳାଗଡିଆ, ମୟୂରଭଞ୍ଜ

# ହେ ଗଉରା, କ'ଣ କରୁଚୁ !



ମହେନ୍ଦ୍ର କୁମାର ଘଡ଼େଇ

ହେ ଗୋବରା, ଦେଖିଲୁ ମୋ ବାହୁଙ୍ଗୀ, ଡାଳ, ଫୁଲମାଳା, ସର୍ପ ଓ ଲିଙ୍ଗ ଦେବତା କେମିତି ମାନୁଛି ? ବୋଲରେ ବମ୍, ହର ହର ବମ୍ । ଭୋଲା ବାବା ପାର୍ କରେଗା କହି ଡିଜେ ଦୁଲୁକେଇ ଦବା । ଲୋକ ପାଳି ଧରି ନାଚିବେ । ଭଲ ସଜାକୁ ଭଲ ବାଜା । ନମ୍ବର ୱାନ୍ ଭିଡ଼ିଓ ଭାଇରାଲ୍ ହେବ । ଯା'ଠୁଁ ବଡ଼ ମଜା ଆଉ କୋଉଥିରେ ଅଛି ବୋଲି ଗଉରା ପଚାରିଲା ।

ଗୋବରା ଓ ଗଉରା ଗୋଟିଏ ଗାଁର ପିଲା । ପାଖ ଚାହାଳିରେ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଗୋବରା ବଡ଼ ସଉକିଆ । ହେଲା ଠେଲାରେ କାମ କରେ । କମ୍ କାମ କରି ବେଶୀ ଫଳ ପାଇବାକୁ ତା' ମନ । ସେଥିପାଇଁ ଠାକୁରଙ୍କ ପାଖରେ ମାନସିକ କରେ । ଭୋଗ ଲଗାଏ । ବାବାଜି, ଗୁଣିଆ ଓ ତାନ୍ତ୍ରିକ ପାଖରୁ ଡେଉଁରିଆ ଆଣି ପାଖରେ ରଖେ ।

ଗଉରା ବଡ଼ ସୁଧାର । କାହାକୁ ଦେଖି ଧରସର ହୁଏନି । ଝାଳ ନ ବୁହାଇ ଫିସାଦରେ ବାଜି ଜିଣିଲେ ପାପ ହୁଏ ବୋଲି ସେ ବୁଝିଛି । ଗୁରୁ ଗୁରୁଜନଙ୍କୁ ଭକ୍ତି କରେ । ବଡଙ୍କୁ ପଚାରି ଓ ସାନଙ୍କ କଥାକୁ ବିଚାରକୁ ନେଇ ଚଳେ । ନିଜ ଚରିତ୍ର ଭଳି ପରିବେଶକୁ ସଫା ରଖେ । କାହା କାନ କୁହା ଶୁଣି ଢଳିଯାଏନି । ଗୁଜବ କରେନି କି ଶୁଣେନି । ହୀରାଟାଏ ଯେମିତି ।

ଗଉରାର ଏଇ କେତେ ପଦ ଶୁଣି ଗୋବରା କହିଲା; ହେ ଗଉରା, କ'ଣ କରୁଚୁ ! ନା ତେଣିକି ମନ ବଳାନା । ଯା' ସେ ପ୍ଲାଷ୍ଟିକ୍‌ଗୁଡ଼ା ଦୋକାନରେ ଫେରାଇ ଦେବୁ । ଆମ ଚଳଣିର ମାଟି କଳସ, ସଜ ପଇଡ଼, ବାଡ଼ିରୁ ତୋଳିଥିବା ଫୁଲମାଳା, ବାଉଁଶ ବାହୁଙ୍ଗୀ ଓ ଝୋଟ ଶିକା ନାହିଁକି ? ଇଏ ସବୁ ପରିବେଶ ଅନୁକୂଳ । ନା ଏଥିରେ ବେପାରୀ ପଇସା ଖାଇବ ନା ପରିବେଶ ବିଗାଡ଼ିବ ? ତୁ ଆଣିଥିବା ପୂଜା ଜିନିଷ ନା ମାଟିରେ ମିଶିବ ନା ପୁଣି କାମରେ ଲାଗିବ ? ମାଟିର ଉର୍ବରତା କମାଇ ଫସଲ ଉଜାଡ଼ିବ । ପ୍ରଦୂଷିତ ପରିବେଶରେ ରୋଗ ବଢିବ । ରୋଗ ହସଖୁସି ଛଡ଼ାଇ ନେଇ କାନ୍ଦବୋବାଳି ଧରାଇ ଦେବ । ଆମର ଟିକିଏ ଅସାବଧାନତା ଦୁନିଆ ପାଇଁ ବଡ଼ ଅମଙ୍ଗଳ ଆଣି ଦେବ ।

ଆହୁରି ଜାଣିଛୁ ! ଉଚ୍ଚ ଡାକବାଜି ଯନ୍ତ୍ର ଓ ଡିଜେ ସାଉଣ୍ଡର ପରିଣାମ କ'ଣ ? ଶ୍ରବଣ ଶକ୍ତି ଲୋପ କରି ହୃଦ୍‌ଘାତ ଡାକିଆଣୁଛି । ସିଏ ମଜା ନୁହେଁ । ତା' ଭିତରେ ସଜା ଯେମିତି ଲୁଚି ରହିଛି । ଯାହା ଉପରେ ନଜର ପକାଇଲା ତା' ଟିକେଟ ସେପୁରକୁ । ପଟୁଆରରେ ନିଶା ଓ ମାଦକ ସେବନ ଠାକୁର ବିରୋଧୀ କାମ । ଏସବୁ ଅବାଟକୁ ଟାଣି ନିଏ । ଅବାଟରେ ପାଦ ଫଳ ଚାଟି ଶୂନ କରିଦିଏ ।

ଗଉରା କହିଲା, ଆଉ ଭୋଗ !

ଗୋବରା କହିଲା, ମାନସିକ ଭୋଗ, ଫୁଲ, ଦୀପ ତ ନିଜ ସ୍ୱାର୍ଥ ପାଇଁ । ନିଜ ବଳଠୁଁ ବେଶୀ ଠୁଳ ପାଇଁ ଲୋଭରେ ଏସବୁ କରାଯାଏ । ଲୋଭ ହେଉଛି ମାୟା । କାମ ମାରା କରେ । ଠିକ୍ କାମକୁ ଠିକ୍ ସମୟ ଓ ଠିକ୍ ବାଟରେ କଲେ ଠାକୁର ଛାଏଁ ଫଳ ଦିଅନ୍ତି । ଅନ୍ୟକୁ କଷ୍ଟ ଦେଉଥିବା ଦୁଷ୍ଟକୁ ଦଣ୍ଡ ଦିଅନ୍ତି ।

ଗଉରା କହିଲା, ତୋ' କଥାକୁ ମାନିଲି ଭାଇ ! ପରିବେଶ ଅନୁକୂଳ ପାର୍ବଣରେ ମନକୁ ଦେବି ମୁହିଁ ।

ଏଥର ଦିହିଁଙ୍କ କି ଖୁସି !

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ବଲାଙ୍ଗୀରର ଜିଲ୍ଲା ପାଇଁ ଗର୍ବ ଆଣିଲେ ବ୍ୟାଡ୍‌ମିଣ୍ଟନ ଖେଳାଳି ଅର୍ଣ୍ଣବ ସାହୁ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଠାରେ ଚାଲିଥିବା ୟୋନେକସ ଓଏସବିଏ ଅଲ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ବାଳକ ଅଣ୍ଡର-୦୯ ସିଙ୍ଗଲ ଗ୍ରୁପରେ ବଲାଙ୍ଗିର ପୁଅ ଅର୍ଣ୍ଣବ ସାହୁ ବିଜୟୀ ହୋଇଛନ୍ତି। ଓଡ଼ିଶାର ସମସ୍ତ ଜିଲ୍ଲାର ଖେଳାଳିଙ୍କୁ ପରାସ୍ତ କରି ସେ ଏହି କୀର୍ତ୍ତି ହାସଲ କରିଛନ୍ତି। ଏହି ସଫଳତା ପଛରେ ଗୁରୁ ସୁରେନ ନେପାକ୍, ବଲାଙ୍ଗିର ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସେକ୍ରେଟାରୀ ସୁରୁଲାଲ୍ ମଟାରୀ ତଥା ପିତା ବିଭୂତି ଭୁଷଣ ସାହୁ ଓ ମାତା ସଞ୍ଜୁ ସାହୁଙ୍କର ମାର୍ଗଦର୍ଶନ ଓ ଆଶୀର୍ବାଦ ରହିଛି ବୋଲି କହନ୍ତି ଅର୍ଣ୍ଣବ। ଖବର ଜାଣିବା ପରେ ଅର୍ଣ୍ଣବଙ୍କର ଅଜା ଆଇ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି।

XXVII-10

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No. 4250/2025** **Dated.17.06.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ମୁନୁସକୋଣ୍ଡା, ଥାନା- ମାଲକାନଗିରି, ତହସିଲ- ମାଲକାନଗିରି, ଜିଲ୍ଲା-ମାଲକାନଗିରି**ରେ ନିମ୍ନ ସୂଚୀତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୩୭୧/୨୦୨୩ ତା: ୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ **ମୌଜା- ମୁନୁସକୋଣ୍ଡା, ଥାନା- ମାଲକାନଗିରି, ତହସିଲ- ମାଲକାନଗିରି, ଜିଲ୍ଲା-ମାଲକାନଗିରି**ର ଜୟପର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.malkangiriodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗକରଣ ପ୍ରକଳ୍ପ ତଥା ତହସିଲଦାର / ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : **ମାଲକାନଗିରି** ତହସିଲ : **ମାଲକାନଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ମୁନୁସକୋଣ୍ଡା** | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

**ଭୂମି ଅନୁସୂଚୀ**

**ମୌଜା : ମୁନୁସକୋଣ୍ଡା , ଥାନା- ମାଲକାନଗିରି ନଂ-୭୪ , ତହସିଲ : ମାଲକାନଗିରି ଜିଲା : ମାଲକାନଗିରି**

ଜୟପୁର –ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| 1 | ୧୩୦ | ୧.୦୧୩ | ୧.୦୧୩ | ଧାନ-୧ | ଅମା ପଡ଼ିଆମି ପି: ଟକୁଡୁ ପଡ଼ିଆମି, ଗଙ୍ଗା ପଡ଼ିଆମି, ପଦିଆ ପଡ଼ିଆମି ପି: ବୁଦ୍ରା ପଡ଼ିଆମି, ଗାଙ୍ଗି ପଡ଼ିଆମି ସ୍ୱା: ବୁଦ୍ରା ପଡ଼ିଆମି, ବୁଚି ପଡ଼ିଆମି, ପାଣ୍ଡୁ ପଡ଼ିଆମି, ସମ୍ବରା ପଡ଼ିଆମି, ପାଣ୍ଡୁରୁ ପଡ଼ିଆମି ପି: ଅମା ପଡ଼ିଆମି ଜା: କୋୟା ବା: ନିଜଗାଁ |
| | ୯୯ | ୦.୨୦୦ | ୦.୦୫୩ | ଧାନ-୧ | |
| ୩ | ୨୨୭ | ୧.୧୬୧ | ୦.୨୪୩ | ଧାନ-୧ | ଇଡ଼ିମା ପଡ଼ିଆମି ପି: ପାଣ୍ଡୁରୁ ପଡ଼ିଆମି, ରାମ ପଡ଼ିଆମି ପି: ମୁକୁନ୍ଦ ପଡ଼ିଆମି, ମୁକା ପଡ଼ିଆମି, ବୁଚି ପଡ଼ିଆମି ପି: ବାଗା ପଡ଼ିଆମି ଜା: କୋୟା ବା: ନିଜଗାଁ |
| ୪ | ୨୪୧ | ୩.୯୦୭ | ୧.୪୧୨ | ଧାନ-୧ | ଇରିମା କୁରାମି ପି:କାଲା କୁରାମି ଜା: କୋୟା ବା: ନିଜଗାଁ |
| | ୨୪୦ | ୦.୨୯୯ | ୦.୧୭୩ | ଧାନ-୧ | |
| | ୨୩୬ | ୦.୨୭୯ | ୦.୨୫୧ | ଧାନ-୧ | |
| ୬ | ୧୨୯ | ୦.୮୯୯ | ୦.୦୩୧ | ଧାନ-୧ | ଗଙ୍ଗା ପଡ଼ିଆମି, ପଦିଆ ପଡ଼ିଆମି, ଅମା ପଡ଼ିଆମି ପି: ବୁଦୁରା ପଡ଼ିଆମି ଜା: କୋୟା ବା: ନିଜଗାଁ |
| ୧୦ | ୨୩୫ | ୦.୮୪୦ | ୦.୮୪୦ | ଧାନ-୧ | ଟକୁଡୁ ପଡ଼ିଆମି, ଶୁକ୍ରା ପଡ଼ିଆମି, ହାଡିରାମ ପଡ଼ିଆମି, ଦାମା ପଡ଼ିଆମି ପି: ମାରା ପଡ଼ିଆମି, ଦେବା ପଡ଼ିଆମି, ଅର୍ଜୁନ ପଡ଼ିଆମି ପି: ବଜା ପଡ଼ିଆମି, ମାଲେ ପଡ଼ିଆମି ସ୍ୱା: ବଜା ପଡ଼ିଆମି ଜା: କୋୟା ବା: ନିଜଗାଁ |
| ୧୨ | ୧୩୩ | ୧.୪୬୦ | ୦.୫୪୨ | ଧାନ-୧ | ପଦିଆ ପଡ଼ିଆମି ପି: ରାମା ପଡ଼ିଆମି, ଗଙ୍ଗା ପଡ଼ିଆମି ପି: ମୁଡ୍ରା ପଡ଼ିଆମି, ମୁକେ ପଡ଼ିଆମି ସ୍ୱା: ମୁଡ୍ରା ପଡ଼ିଆମି, ଟକୁଡୁ ପଡ଼ିଆମି, ବୁଦୁରା ପଡ଼ିଆମି ପି: ପାଣ୍ଡୁ ପଡ଼ିଆମି, ଦୁଲେ ପଡ଼ିଆମି ସ୍ୱା: ପାଣ୍ଡୁ ପଡ଼ିଆମି ଜା: କୋୟା ବା: ନିଜଗାଁ |
| ୧୬ | ୨୪୯ | ୨.୮୧୨ | ୦.୧୪୦ | ଧାନ-୧ | ବଲି କୁରାମି ପି: ପାଣ୍ଡୁରୁ କୁରାମି, ବୁଦୁରି କୁରାମି ସ୍ୱା: ପାଣ୍ଡୁରୁ କୁରାମି ଜା: କୋୟା ବା: ନିଜଗାଁ |
| | ୨୪୨ | ୦.୧୨୧ | ୦.୧୨୧ | ଧାନ-୧ | |
| ୨୦ | ୨୪୪ | ୫.୦୬୬ | ୨.୬୨୦ | ଧାନ-୧ | ମଙ୍ଗଲା କୁରାମି ପି:ଲକମା କୁରାମି ଜା: କୋୟା ବା: ନିଜଗାଁ |
| | ୨୩୭ | ୦.୨୪୦ | ୦.୦୭୨ | ଧାନ-୧ | |
| ୨୩ | ୨୪୩ | ୦.୬୯୯ | ୦.୩୦୦ | ଧାନ-୧ | ରାମା କୁରାମି ପି:କାଲା କୁରାମି ଜା: କୋୟା ବା: ନିଜଗାଁ |
| ୨୬ | ୨୭୩ | ୦.୩୯୫ | ୦.୧୧୮ | ଧାନ-୧ | ସନା ପଡ଼ିଆମି, ସମରା ପଡ଼ିଆମି ପି: ଇର୍ମା ପଡ଼ିଆମି, ବୁଦୁରୀ ପଡ଼ିଆମି ସ୍ୱା: ଇର୍ମା ପଡ଼ିଆମି ଜା: କୋୟା ବା: ନିଜଗାଁ |
| ୩୦ | ୩୮୩ | ୧.୮୨୯ | ୦.୮୫୪ | ଧାନ-୧ | ହାଡୀରାମ ପଡ଼ିଆମି ପି:ପାଣ୍ଡୁରୁ ପଡ଼ିଆମି ଜା: କୋୟା ବା: ନିଜଗାଁ ( ବରକୋଲିଗୁଡ଼ା ) |
| ୩୪/୧୦ | ୩୫୬ | ୧.୪୯୫ | ୦.୨୨୦ | ଧାନ-୨ | ମାଣିକ କୁରାମି ସ୍ୱା:ଜୟସିଙ୍ଗ କୁରାମି ଜା: କୋୟା ବା: ନିଜଗାଁ |
| ୩୪/୦୧ | ୩୫୬/୬୩୦ | ୧.୦୦୦ | ୦.୬୯୦ | ଧାନ-୨ | ପାଣ୍ଡୁରୁ ପଡ଼ିଆମି ପି:ମୁଡ୍ରା ପଡ଼ିଆମି ଜା: କୋୟା ବା: ରିଜାର ଗୁଡ଼ା |
| ୩୪/୭୨ | ୩୬୩/୬୯୫ | ୦.୦୪୦ | ୦.୦୩୦ | ଘରବାରି | ଇର୍ମା ପଡ଼ିଆମି ପି: ଗଙ୍ଗା ପଡ଼ିଆମି, ତୁଲସା ପଡ଼ିଆମି ସ୍ୱା: ଇର୍ମା ପଡ଼ିଆମି ଜା: କୋୟା ବା: ଇଜାର ଗୁଡ଼ା ଥାନା - ମାଲକାନଗିରି |
| ୩୪/୭୩ | ୩୬୩/୬୯୬ | ୦.୦୪୦ | ୦.୦୩୭ | ଘରବାରି | ବିମଳା ସୋଡ଼ି ସ୍ୱା:ବୁଦ୍ରା ସୋଡ଼ି ଜା: କୋୟା ବା: ଇଜାର ଗୁଡ଼ା ଥାନା - ମାଲକାନଗିରି |
| ୩୪/୭୪ | ୩୬୩/୬୯୭ | ୦.୦୪୦ | ୦.୦୪୦ | ଘରବାରି | ଦେବା ପଡ଼ିଆମି ପି: ବଜା ପଡ଼ିଆମି, ବାଗି ପଡ଼ିଆମି ସ୍ୱା: ଦେବା ପଡ଼ିଆମି ଜା: କୋୟା ବା: ଇଜାର ଗୁଡ଼ା ଥାନା - ମାଲକାନଗିରି |
| ୩୪/୭୫ | ୩୬୩/୬୯୮ | ୦.୦୪୦ | ୦.୦୪୦ | ଘରବାରି | ସତ୍ୟ ପଡ଼ିଆମି ପି: ସମ୍ବାରୁ ପଡ଼ିଆମି, ମଙ୍ଗୁଳି ପଡ଼ିଆମି ସ୍ୱା: ସତ୍ୟ ପଡ଼ିଆମି ଜା: କୋୟା ବା: ଇଜାର ଗୁଡ଼ା ଥାନା - ମାଲକାନଗିରି |
| ୩୪/୭୬ | ୩୬୩/୬୯୯ | ୦.୦୪୦ | ୦.୦୪୦ | ଘରବାରି | ସମାରୁ କବାସି ପି: ରାଜୁ କବାସି, ପାରୋ କବାସି ସ୍ୱା: ସମାରୁ କବାସି ଜା: କୋୟା ବା: ଇଜାର ଗୁଡ଼ା ଥାନା - ମାଲକାନଗିରି |
| ୩୪/୭୭ | ୩୬୩/୭୦୦ | ୦.୦୪୦ | ୦.୦୪୦ | ଘରବାରି | ନୀଳାମ୍ବର ମାଡ଼କାମି ପି: ବଜା ମାଡ଼କାମି, ଗାଙ୍ଗି ମାଡ଼କାମି ସ୍ୱା: ନୀଳାମ୍ବର ମାଡ଼କାମି ଜା: କୋୟା ବା: ଇଜାର ଗୁଡ଼ା |
| ୩୪/୭୮ | ୩୬୩/୭୦୧ | ୦.୦୪୦ | ୦.୦୪୦ | ଘରବାରି | କୃଷ୍ଣ ପଡ଼ିଆମି ପି: ରାମା ପଡ଼ିଆମି, ଲଳିତା ପଡ଼ିଆମି ସ୍ୱା: କୃଷ୍ଣ ପଡ଼ିଆମି ଜା: କୋୟା ବା: ଇଜାର ଗୁଡ଼ା |
| ୩୪/୯୩ | ୩୬୩/୭୧୬ | ୦.୦୪୦ | ୦.୦୧୨ | ଘରବାରି | ଭାଗୀରଥି ମାଡ଼କାମି ପି: ଗୋପି ମାଡ଼କାମି, କୁନି ମାଡ଼କାମି ସ୍ୱା: ଭାଗିରଥି ମାଡ଼କାମି ଜା: କୋୟା ବା: ଇଜାର ଗୁଡ଼ା |
| ୩୪/୯୪ | ୩୬୩/୭୧୭ | ୦.୦୪୦ | ୦.୦୩୫ | ଘରବାରି | ଦେବା କରଣ୍ଡା ପି: ଡ଼ମ୍ବୁ କରଣ୍ଡା, ମଙ୍ଗଳି କରଣ୍ଡା ସ୍ୱା: ଦେବା କରଣ୍ଡା ଜା: କୋୟା ବା: ଇଜାର ଗୁଡ଼ା |
| ୩୪/୯୫ | ୩୬୩/୭୧୮ | ୦.୦୪୦ | ୦.୦୪୦ | ଘରବାରି | ଆଇତା ପଡ଼ିଆମି ପି: ନନ୍ଦ ପଡ଼ିଆମି, ଗାଙ୍ଗି ପଡ଼ିଆମି ସ୍ୱା: ଆଇତା ପଡ଼ିଆମି ଜା: କୋୟା ବା: ଇଜାର ଗୁଡ଼ା |
| ୩୯ | ୩୭୬ | ୦.୪୬୦ | ୦.୧୮୬ | ପାଣି ନାଳ | ଆବାଦ ଅଯୋଗ୍ୟ ଅନାବାଦୀ |
| ୬୫ | ୩୭୦/୧ | ୦.୧୪୩ | ୦.୦୧୫ | ଜଙ୍ଗଲ | ମଙ୍ଗୁ ମୁଦୁଲି ପି: ସମା ମୁଦୁଲି, ଗୁରୁବାରି ମୁଦୁଲି ସ୍ୱା: ମଙ୍ଗୁ ମୁଦୁଲି ଜା: ପରଜା ବା: ମୁନୁଷକୋଣ୍ଡା |
| ୬୪ | ୧୩୪ | ୪.୨୯୮ | ୨.୧୪୯ | ଜଙ୍ଗଲ | ମୁକା ପଡ଼ିଆମି ପି: ପଦ୍ୟା ପଡ଼ିଆମି, ଶିବ ପଡ଼ିଆମି ସ୍ୱା: ମୁକା ପଡ଼ିଆମି ଜା: କୋୟା ବା: ତେନ୍ତୁଳିଗୁଡ଼ା |
| ୪୧ | ୨୭୨ | ୦.୬୩୦ | ୦.୫୧୪ | ଜଙ୍ଗଲ | ଜୟସିଂ କୁରାମି ପି: ମଙ୍ଗଳା କୁରାମି, ମାନକି କୁରାମି ସ୍ୱା: ଜୟସିଂ କୁରାମି ଜା: କୋୟା ବା: ବରକୋଲିଗୁଡ଼ା,ମୁନୁଷକୋଣ୍ଡା |
| ୪୦ | ୨୬୬ | ୦.୨୮୯ | ୦.୨୦୩ | ଜଙ୍ଗଲ | ଗଙ୍ଗା ପଡ଼ିଆମି ପି: ବୁଦ୍ରା ପଡ଼ିଆମି, କମଳା ପଡ଼ିଆମି ସ୍ୱା: ଗଙ୍ଗା ପଡ଼ିଆମି ଜା: କୋୟା ବା: ତେନ୍ତୁଳିଗୁଡ଼ା,ମୁନୁଷକୋଣ୍ଡା |
| | ୧୩୧ | ୪.୦୭୬ | ୪.୦୪୬ | ଜଙ୍ଗଲ | |
| | ୧୩୨ | ୦.୩୭୧ | ୦.୨୮୪ | ଜଙ୍ଗଲ | |
| | **ମୋଟ** | **୩୪.୩୮** | **୧୭.୪୪୪** | | |

ତଫସିଲ-ଖ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : **ମାଲକାନଗିରି** ତହସିଲ : **ମାଲକାନଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଲକାନଗିରି ଠାରେ ତା : ୨୦.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ।**

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ମାଲକାନଗିରି

**OIPR-24382/14/0009/2526**

## ।। ଆଜିଠୁ ପଞ୍ଚମ ଟେଷ୍ଟ ।।

# ବାଦ୍ ପଡ଼ିଲେ ବେନ୍ ଷ୍ଟୋକ୍ସ, ଇଂଲଣ୍ଡ ଦଳରେ ୪ ପରିବର୍ତ୍ତନ

**ଲଣ୍ଡନ**

ଭାରତ ବିପକ୍ଷ ପଞ୍ଚମ ଓ ଶେଷ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ଅଧିନାୟକ ତଥା ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ କାନ୍ଧରେ ଗୁରୁତର ଆଘାତ ହେତୁ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏହି ଖବର ନିଶ୍ଚିତ କରିଛି। ଷ୍ଟୋକ୍ସଙ୍କ ଅନୁପସ୍ଥିତିରେ ଓଲି ପୋପ୍ ଦଳର ନେତୃତ୍ୱ ନେବେ। ଏହା ସହିତ ଇଂଲଣ୍ଡ ଦଳ ଚୂଡ଼ାନ୍ତ ଏକାଦଶରେ ୪ଟି ପରିବର୍ତ୍ତନ କରିଛି।



ଷ୍ଟୋକ୍ସଙ୍କ ସହ ସ୍ପିନର ଲିଆମ ଡସନ୍, ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏବଂ ବ୍ରାଇଡନ କାର୍ସ ମଧ୍ୟ ଏହି ମ୍ୟାଚ୍‌ରେ ଖେଳିବେ ନାହିଁ। ଏମାନଙ୍କ ସ୍ଥାନରେ ଗସ୍ ଆଟକିନ୍‌ସନ୍, ଜୋଶ୍ ଟଙ୍ଗ୍, ଜେମି ଓଭରଟନ୍ ଏବଂ ଜାକବ ବେଥେଲ ଦଳରେ ସାମିଲ ହୋଇଛନ୍ତି। କ୍ରିସ୍ ୱୋକ୍ସ ଏହି ସିରିଜ୍‌ରେ ସମସ୍ତ ମ୍ୟାଚ୍ ଖେଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ଇଂଲଣ୍ଡ ଦଳ ଏହି ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଡ୍ର ହୋଇଥିଲା, ଯେଉଁଠାରେ ଭାରତୀୟ ବ୍ୟାଟ୍ସମ୍ୟାନ ରବୀନ୍ଦ୍ର ଜାଡ଼େଜା, ୱାଶିଂଟନ ସୁନ୍ଦର ଏବଂ ଅଧିନାୟକ ଶୁଭମନ ଗିଲଙ୍କ ଶତକ ଦଳକୁ ପରାଜୟରୁ ରକ୍ଷା କରିଥିଲା। ଷ୍ଟୋକ୍ସଙ୍କ ଅନୁପସ୍ଥିତି ଇଂଲଣ୍ଡ ପାଇଁ ଏକ ବଡ଼ କ୍ଷତି ହେଲେ ମଧ୍ୟ ଅଧିନାୟକ ଓଲି ପୋପ୍ ଏକ ଶକ୍ତିଶାଳୀ ଦଳ ନେଇ ସିରିଜ୍ ଜିତିବା ଲକ୍ଷ୍ୟରେ ଓଭାଲରେ ମଇଦାନକୁ ଓହ୍ଲାଇବେ।

ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ : ଜାକ କ୍ରାୱ୍ଲେ, ବେନ୍ ଡକେଟ୍, ଓଲି ପୋପ୍ (ଅଧିନାୟକ), ଜୋ ରୁଟ୍, ହ୍ୟାରି ବ୍ରୁକ୍, ଜାକବ ବେଥେଲ, ଜେମି ସ୍ମିଥ (ୱିକେଟ୍ କିପର), କ୍ରିସ ୱୋକ୍ସ, ଗସ୍ ଆଟକିନ୍‌ସନ୍, ଜେମି ଓଭରଟନ୍, ଜଶ୍ ଟଙ୍ଗ୍।

ଏହି ମ୍ୟାଚ୍ ଜୁଲାଇ ୩୧ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଓଭାଲରେ ଖେଳାଯିବ। ଷ୍ଟୋକ୍ସଙ୍କ ଅନୁପସ୍ଥିତି ଏବଂ ଦଳରେ ଏତେ ପରିବର୍ତ୍ତନ ହେତୁ ଏହା ଏକ ରୋମାଞ୍ଚକର ମୁକାବିଲା ହେବ ବୋଲି ଆଶା କରାଯାଉଛି।

# ଛାତିରେ ବଲ ବାଜି ଟଳିପଡ଼ିଲେ ଯୁବ କ୍ରିକେଟର

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

କ୍ରିକେଟ ଖେଳିବା ବେଳେ ଅଘଟଣ। ଛାତିରେ ବଲ ବାଜି ଚାଲିଗଲା ଛାତ୍ରଙ୍କ ଜୀବନ। ମୃତ ଛାତ୍ର ଜଣଙ୍କ ୧୮ ବର୍ଷୀୟ ଉତ୍କର୍ଷ ସିଂ ଚୌହାନ ବୋଲି ଜଣାପଡିଛି। ସମ୍ବଲପୁର ରେଲୱେ କ୍ରିକେଟ ଷ୍ଟାଡ଼ିୟମରେ ଏହି ଅଘଟଣ ଘଟିଛି। ରେଲୱେ କ୍ରିକେଟ ଷ୍ଟାଡ଼ିୟମରେ ସାଙ୍ଗମାନଙ୍କ ଗହଣରେ ଉତ୍କର୍ଷ କ୍ରିକେଟ ଖେଳୁଥିବା ସମୟରେ ଏକ ଫୁଲଟସ୍ ବଲ ସିଧାସଳଖ ଆସି ତାଙ୍କ ଛାତିରେ ବାଜିଥିଲା। ଘଟଣା ସ୍ଥଳରେ ଉତ୍କର୍ଷ ଗଳି ପଡ଼ିବାରୁ ତୁରନ୍ତ ତାଙ୍କୁ ଭୀମସାରକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ସୂଚନା ମୁତାବକ ଉତ୍କର୍ଷଙ୍କ ଘର ଶାସନ ଥାନାଞ୍ଚଳ ମାଝିପାଲିରେ। ପ୍ରତିଦିନ ସେ ଏଠାକୁ ଆସି କ୍ରିକେଟ ଅଭ୍ୟାସ କରିଥାନ୍ତି। ମଙ୍ଗଳବାର ସକାଳେ ବ୍ୟାଟିଂ ଅଭ୍ୟାସ କରୁଥିବା ବେଳେ ଏପରି ଅଘଟଣା ଘଟିଥିଲା। କ୍ଷେତରାଜପୁର ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଆଇସିସି ର୍ୟାଙ୍କିଂ : ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍ ହେଲେ ଅଭିଷେକ ଶର୍ମା

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଓପନର ଅଭିଷେକ ଶର୍ମା ବିଶ୍ୱର ନମ୍ବର ୧ ଟି-୨୦ ବ୍ୟାଟସମ୍ୟାନ ହୋଇଛନ୍ତି। ଆଇସିସି ର୍ୟାଙ୍କିଙ୍ଗରେ, ଅଭିଷେକ ଶର୍ମା ଟ୍ରାଭିସ ହେଡ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଟ୍ରାଭିସ ହେଡ୍ ବହୁତ ଦିନ ଧରି ନମ୍ବର ୧ ର୍ୟାଙ୍କିଙ୍ଗରେ ଥିଲେ, କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ତାଙ୍କର ପ୍ରଦର୍ଶନ ବହୁତ ଭଲ ନ ଥିଲା, ଯାହା ଫଳରେ ତାଙ୍କୁ କ୍ଷତି ସହିବାକୁ ପଡ଼ିଲା। ଫଳସ୍ୱରୂପ ବର୍ତ୍ତମାନ ଅଭିଷେକ ନମ୍ବର ୧ ସ୍ଥାନ ଅଧିକାର କରିଛନ୍ତି। ଅଭିଷେକଙ୍କ ରେଟିଂ ପଏଣ୍ଟ ୮୨୯ ଏବଂ ଟ୍ରାଭିସ ହେଡ୍ ୮୧୪ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି।

ଭାରତର ତିଲକ ବର୍ମା ତୃତୀୟ ସ୍ଥାନରେ ଅଛନ୍ତି। ସୂର୍ଯ୍ୟକୁମାର ଯାଦବ ଷଷ୍ଠ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଜୋଶ ଇଙ୍ଗଲିସ ୬ ବ୍ୟାଟ୍‌ସମ୍ୟାନଙ୍କୁ ପଛରେ ପକାଇ ଟପ୍-୧୦ରେ ପ୍ରବେଶ କରିଛନ୍ତି। ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଟପ୍-୧୦ରୁ ବାହାର ହୋଇ ୧୧ ନମ୍ବରକୁ ଖସି ଆସିଛନ୍ତି।



ଅଭିଷେକ ଏପର୍ଯ୍ୟନ୍ତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୧୬ ଇନିଂସରେ ୩୩.୪୩ ହାରରେ ୫୩୫ ରନ କରିଛନ୍ତି। ବଡ଼ କଥା ହେଉଛି ତାଙ୍କର ଷ୍ଟ୍ରାଇକ ରେଟ ପ୍ରାୟ ୨୦୦। ଅଭିଷେକ ୧୯୩.୮୪ ଷ୍ଟ୍ରାଇକ ରେଟ୍ ସହିତ ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ରନ କରିଥିବା ବ୍ୟାଟ୍ସମ୍ୟାନ। ତାଙ୍କ ବ୍ୟାଟରୁ ୨ଟି ଶତକ ଏବଂ ୨ଟି ଅର୍ଦ୍ଧଶତକ ଆସିଛି। ସେ ୪୧ ଛକା ଏବଂ ୪୬ ଚୌକା ମାରିଛନ୍ତି।

ଅଭିଷେକ ଗତବର୍ଷ ୬ ଜୁଲାଇରେ ଜିମ୍ବାୱେ ବିପକ୍ଷରେ ଡେବ୍ୟୁ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ନିଜର ଖାତା ମଧ୍ୟ ଖୋଲିପାରି ନ ଥିଲେ କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ଏହି ବ୍ୟାଟ୍ସମ୍ୟାନ ଶତକ ହାସଲ କରି ଚମତ୍କାର କରିଥିଲେ। ଅଭିଷେକ ସେହି ମ୍ୟାଚ୍‌ରେ ୮ ଛକା ମାରିଥିଲେ। ଏହି ଶତକ ପରେ, ସେ ଲଗାତାର ୭ ମ୍ୟାଚରେ ବିଫଳ ହୋଇଥିଲେ ଏବଂ ତା'ପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅର୍ଦ୍ଧଶତକ କରିଥିଲେ। ଏହା ପରେ, ସେ ଚଳିତ ବର୍ଷ ଫେବୃୟାରୀରେ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ଏକ ଶତକ କରିଥିଲେ। ୱାଙ୍ଖେଡେରେ ଖେଳାଯାଇ ଥିବା ସେହି ମ୍ୟାଚରେ ଅଭିଷେକ ୫୪ ବଲରେ ୧୩୫ ରନ କରିଥିଲେ। ଏଥିରେ ୧୩ ଛକା ଥିଲା। ଏହି ବିସ୍ଫୋରକ ବ୍ୟାଟିଂ ଆଧାରରେ, ଅଭିଷେକ ଟି-୨୦ ର୍ୟାଙ୍କିଙ୍ଗର ଶୀର୍ଷରେ ପହଞ୍ଚିଛନ୍ତି।

# କେକେଆରଠାରୁ ଅଲଗା ହେଲେ ମୁଖ୍ୟ କୋଚ୍

**କୋଲକାତା**

ଚଳିତବର୍ଷ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଓ ଦଳର ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ ଅଲଗା ହୋଇଛନ୍ତି। ଏ ନେଇ କେକେଆର ପକ୍ଷରୁ ଘୋଷଣା କରାଯାଇଛି। ଚନ୍ଦ୍ରକାନ୍ତ ଗତ ଦୁଇ ବର୍ଷ ଧରି କେକେଆର ମୁଖ୍ୟ କୋଚ୍ ଥିଲେ। ତାଙ୍କ ମାର୍ଗଦର୍ଶନରେ କେକେଆର ୨୦୨୪ରେ ତୃତୀୟ ଥର ପାଇଁ ଆଇପିଏଲ୍ ଟ୍ରଫି ଉଠାଇଥିଲା। ହେଲେ ଚଳିତବର୍ଷ ୨୦୨୫ ସଂସ୍କରଣରେ ଦଳ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଥିଲା, ଯାହାକି ଫ୍ରାଞ୍ଚାଇଜର ଇତିହାସରେ ସର୍ବନିମ୍ନ ପୋଜିସନ ଥିଲା। ପଣ୍ଡିତ ନୂଆ ସୁଯୋଗ ଖୋଜିବାକୁ ଏବଂ କେକେଆରର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୪ରେ ଆଇପିଏଲ୍ ଚାମ୍ପିୟନସିପ୍ ଜିତିବା ଓ ଏକ ଶକ୍ତିଶାଳୀ ଦଳ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ କାରଣରୁ ଆମେ କୃତଜ୍ଞ। ତାଙ୍କର ନେତୃତ୍ୱ ଓ ଶୃଙ୍ଖଳାର ପ୍ରଭାବ ଦଳ ଉପରେ ସର୍ବଦା ରହିବ। ଆମେ ତାଙ୍କ ଭବିଷ୍ୟତ ଲାଗି ଶୁଭେଚ୍ଛା ଦେଉଛୁ ବୋଲି କେକେଆର ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

# ପୁନର୍ବାସ ପକ୍ଷରୁ ପାରା କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଜାତୀୟସ୍ତରୀୟ ପାରା କ୍ରୀଡ଼ାବିତ୍ ସୁଧିର ମଲିକଙ୍କୁ କ୍ରୀଡ଼ା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଟୋବର ମାସରେ ଗୋଆ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବୋସିଆ ନ୍ୟାସନାଲ୍ ଫେଡେରେସନ୍ କପ୍, ୨୦୨୫ରେ ଅଂଶଗ୍ରହଣ ଦେୟ ବାବଦରେ ଏହି ଆର୍ଥିକ ସହାୟତା ରାଶି ତାଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଚେକ୍ ଆକାରରେ ଏହି ଅର୍ଥ ପାରାକ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ, ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ଗ୍ରାମର ସୁଧିର ମଲିକ ହାଇଦ୍ରାବାଦ ସହରରେ କମ୍ପାନୀର ମାର୍କେଟିଙ୍ଗ୍ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଭିନ୍ନକ୍ଷମ ହୋଇ ପଡ଼ିଥିଲେ। ମାତ୍ର ପାରାକ୍ରୀଡ଼ା ପ୍ରତି ନିଜର ଆଗ୍ରହ ରଖି ସେ ଗତବର୍ଷ ମଧ୍ୟ ଏହି ବୋସିଆ କ୍ରୀଡ଼ାରେ ଭାଗ ନେଇ ସଫଳତା ଅର୍ଜନ କରିଥିଲେ। ମାଧପୁର ସ୍ଥିତ ପୁନର୍ବାସ କାର୍ଯ୍ୟାଳୟରେ ଏହି ଅଣଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହ ସମ୍ପାଦକ ବଂଶୀଧର ମହାନ୍ତି, କୋଷାଧ୍ୟକ୍ଷ ଆଇନଜୀବୀ ଶିବ ଚରଣ ସାମଲ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମହମ୍ମଦ ଜାହିଦ୍ ଖାନ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଲାଙ୍ଗୀରର କରାଟେ ସ୍କୁଲର ସଫଳତା

# ହାସଲ କଲେ ସର୍ବମୋଟ ୨୬ଟି ପଦକ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଠାରେ ୯ତମ ଆନ୍ତର୍ଜାତିକ କରାଟେ ପ୍ରତିଯୋଗିତା ହାଂସି ପ୍ରେମଜିତ ସେନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇ ଥିଲା। ଏହି ପ୍ରତିଯୋଗିତାରେ ଭାରତ ସହିତ ଅନ୍ୟ ୮ଟି ଦେଶରୁ ୭୦୦୦ରୁ ଉର୍ଦ୍ଧ୍ୱ କରାଟେ ଖେଳାଳି ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାଟି ୨୫ରୁ ୨୭ ଜୁଲାଇ ତିନି ଦିନ ଧରି ଖେଳ ହୋଇଥିଲା ବେଳେ ବଲାଙ୍ଗିର ଜିଲ୍ଲାରୁ ବଲାଙ୍ଗିର କରାଟେ ସ୍କୁଲର ୧୭ ଜଣ ଖେଳାଳି ଭାଗ ନେଇ ସର୍ବମୋଟ ୨୬ଟି ପଦକ ହାସଲ କରିଛନ୍ତି। କ୍ରିଷ୍ଟା ନାଏକ ସ୍ୱର୍ଣ୍ଣ ଓ କାଂସ୍ୟ, ପ୍ରତିକ୍ଷା ପୁଟା ସ୍ୱର୍ଣ୍ଣ, ଆୟୁଶି ସିଂ ବାରିକ ସ୍ୱର୍ଣ୍ଣ ଓ କାଂସ୍ୟ, ସ୍ୱଦେଶ ପୁରୋହିତ ରୌପ୍ୟ ଓ କାଂସ୍ୟ, ଲୋକେଶ ବାଗ ସ୍ୱର୍ଣ୍ଣ, ସ୍ୱାଗତ ମେହେର କାଂସ୍ୟ, ଯଶୋବନ୍ତ କୁମ୍ଭାର ସ୍ୱର୍ଣ୍ଣ ଓ କାଂସ୍ୟ, ଜସମିନ ସାହୁ ଦୁଇଟି ସ୍ୱର୍ଣ୍ଣ, ଇଭାନ ପ୍ରଧାନ କାଂସ୍ୟ, ଆନନ୍ଦିନୀ ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ଅଂଶୁମାନ ଧରୁଆ ସ୍ୱର୍ଣ୍ଣ ଓ ରୌପ୍ୟ, ସନ୍ତୋଷ ବିଶ୍ୱାଲ କାଂସ୍ୟ ଓ ଆରାଧ୍ୟା ସାହୁ ସ୍ୱର୍ଣ୍ଣ, ଚନ୍ଦନ ବାଗ ଦୁଇଟି କାଂସ୍ୟ, ଶ୍ରୀୟା ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ପଲ୍ଲବି ନାଏକ ଓ ଆୟୁଶ ମେହେର ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ସର୍ବମୋଟ ୧୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଦଳ ବଲାଙ୍ଗିର ପହଞ୍ଚିବା ଜାଣି କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ, ସହ-ସଂପାଦକ ତଥା ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ସମସ୍ତ ଅଭିଭାବକ ଓ ଖେଳପ୍ରେମୀ ରେଳ ଷ୍ଟେସନରେ ଭବ୍ୟ ସ୍ୱାଗତ କରିଥିଲେ। ଦଳ ସହିତ ସ୍କୁଲର ମୁଖ୍ୟ ତଥା ସଂପାଦକ ହୃଦୟ ଶବର, ସହ କୋଚ ପୁରୁଷୋତ୍ତମ ବାଗ, ରେଖା ମନହିରା ଓ ମଧୁସୂଦନ ସାହୁ ୨୩ ଜୁଲାଇରେ କୋଲକତା ଯାତ୍ରା କରିଥିଲେ।

# ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିଅନସିପ୍ ୨୦୨୫ ପାଇଁ ଚୟନ କ୍ୟାମ୍ପ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ହକି ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିଅନସିପ୍-୨୦୨୫ ପାଇଁ କ୍ୟାମ୍ପ ଆୟୋଜନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ଏହି ଚୟନ ଶିବିର ଆୟୋଜନ ହୋଇଯାଇଛି। ଏହି କ୍ୟାମ୍ପକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଥିଲେ। ଏହି କ୍ୟାମ୍ପ ଦ୍ୱାରା ଜିଲ୍ଲାର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ଜୁନିୟର ଓ ସବ୍ ଜୁନିୟର ବର୍ଗ ବାଳକ ଓ ବାଳିକାଙ୍କ ପାଇଁ ଏହି କ୍ୟାମ୍ପ ଆୟୋଜନ କରାଯାଇ ଥିଲା। ଜିଲ୍ଲାର ୨୨ଟି ସ୍କୁଲ୍ ଓ କଲେଜ୍‌ରୁ ମୋଟ ୧୪୨ ଜଣ ବାଳକ ବାଳିକା ଏଥିରେ ଭାଗ ନେଇଥିଲେ।

# କ୍ରୀଡ଼ା ବିକାଶରେ ବାଧକ ସାଜିଛି ଖେଳପଡ଼ିଆ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ଖେଳପଡ଼ିଆର ଅଭାବ କ୍ରୀଡ଼ା ପାଇଁ ବାଧକ ସାଜିଛି। ଅଧିକାଂଶ ବିଦ୍ୟାଳୟର ଖେଳପଡ଼ିଆ ନଥିବା ବେଳେ ଯେଉଁ କେତୋଟି ସ୍ଥାନରେ ଖେଳପଡ଼ିଆ ରହିଛି ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନଥିବା ଯୋଗୁଁ କ୍ରୀଡ଼ାବିତ୍ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଗୋଟିଏ ଗୋଟିଏ ଖେଳପଡ଼ିଆରେ ଦୌଡ଼ ଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟବଲ ହେଉଥିବା ସହ ସକାଳୁ ଓ ଅପରାହ୍ନରେ ଏଠାରେ ବୟସ୍କ ବ୍ୟକ୍ତିମାନେ ଚଲାବୁଲା କରୁଛନ୍ତି। ଖେଳପଡ଼ିଆରେ ଯେଭଳି ଭିଡ଼ ହେଉଛି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏଭଳି ଖେଳପଡ଼ିଆକୁ ଛାଡ଼ିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ସହରର ମଧ୍ୟଭାଗରେ ଥିବା ସିଟି ହାଇସ୍କୁଲ ପଡ଼ିଆଟି ଏବେ ଡମ୍ପିଂୟାଡ୍ ପାଲଟିଯାଇଛି। ବର୍ଷାଧିକ କାଳ ଖେପଡ଼ିଆଟି ଡମ୍ପିଂୟାଡ୍ ପାଲଟି ଯାଇଥିବା ବେଳେ ଏହା କାହାର ନଜରକୁ ଆସୁନାହିଁ। ବିଭିନ୍ନ ସମୟରେ ସହରର କ୍ରୀଡ଼ାବିତ୍‌ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପ୍ରଶାସନ ଯେଭଳି ଏଥିପ୍ରତି ଆଖିବୁଜି ଦେଇଛି। ସହରର ମଧ୍ୟଭାଗରେ ଏହି ଖେଳପଡ଼ିଆଟି ଥିବା ଯୋଗୁଁ ବିଦ୍ୟାଳୟ ଛାତ୍ରଛାତ୍ରୀ ଏଠାରେ ବିଭିନ୍ନ କ୍ରୀଡ଼ାଭ୍ୟାସ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ହେଉଥିଲା। ପଡ଼ିଆଟି ଡମ୍ପିଂୟାଡ୍ ପାଲଟି ଯାଇଥିବାରୁ ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ତ ଦୂରର କଥା ଚଲାବୁଲା କରିବା ବି ଅସମ୍ଭବ ହୋଇପଡ଼ିଛି। ବିଦ୍ୟାଳୟ ଛାତ୍ରଛାତ୍ରୀ ମଧ୍ୟ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେବଳ ଗୋଟିଏ ଖେଳପଡ଼ିଆର ଚିତ୍ର ନୁହେଁ ଅନ୍ୟାନ୍ୟ କିଛି ସ୍ଥାନରେ ବି ଖେଳପଡ଼ିଆ ଗୁଡ଼ିକୁ ବିଭିନ୍ନ ସରକାରୀ କାମରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଖେଳପଡ଼ିଆର ଭିତିଭୂମି ନଷ୍ଟ ହେଉଛି। ଏଥିନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହ ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ବ୍ରହ୍ମପୁର ସହରରେ ହାତଗଣତି କିଛି ବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟ କୌଣସି ସରକାରୀ ଶିକ୍ଷାନୁଷ୍ଠାନର ନିଜସ୍ୱ ଖେଳପଡ଼ିଆ ନାହିଁ। ସରକାର ପିଲାଙ୍କୁ ଅଲମ୍ପିକ୍ ପାଇଁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିବା ବେଳେ ଭିତ୍ତିଭୂମି ଠାରୁ ଆରମ୍ଭ କରି ଉପକରଣ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ସରକାରଙ୍କ ପକ୍ଷରୁ କ୍ରୀଡ଼ା ବାବଦରେ ସହାୟତା ରାଶି ଆସୁଛି କିନ୍ତୁ ବ୍ୟବହାର ନହୋଇ ଫେରୁଛି। ସହରର ଯେଉଁ କେତୋଟି ଶିକ୍ଷାନୁଷ୍ଠାନର ଖେଳପଡ଼ିଆ ରହିଛି, ଦୁର୍ଭାଗ୍ୟର ବିଷୟ ଅଧ୍ୟୟନରତ ପିଲାଙ୍କୁ ଶାରିରୀକ ଶିକ୍ଷା ପାଇଁ ଅନ୍ୟ ଖେଳପଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। ଏହାର ସଦ୍ୟତମ ଉଦାହରଣ ହେଉଛି ବ୍ରହ୍ମପୁରସ୍ଥିତ ସିଟି ହାଇସ୍କୁଲ ଖେଳପଡ଼ିଆ। ଗତ ୫ ବର୍ଷ ହେବ ବିଦ୍ୟାଳୟ ଅଧୀନରେ ରହିଥିବା ପଡ଼ିଆକୁ ଘରୋଇ ସଂସ୍ଥାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ପଡ଼ିଆକୁ ଲାଗି ରହିଥିବା ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଏହି ପଡ଼ିଆକୁ ବ୍ୟବହାର କରିବାକୁ ସଂସ୍ଥାକୁ ଅନୁମତି ମିଳିଛି। ଫଳରେ ଏଠାରେ ନାନାଦି ପ୍ରକାର ନିର୍ମାଣ ସାମଗ୍ରୀ ସହ ଆବର୍ଜନା ଭର୍ତ୍ତି ହୋଇରହିଛି। ଲକ୍ଷାଧିକ ଟଙ୍କାରେ ନିର୍ମିତ ଗ୍ୟାଲେରି ଓ ଅନ୍ୟାନ୍ୟ କୋଠାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ ରାସ୍ତା କାମ ସରିବା ପରେ ମଧ୍ୟ ଦାୟିତ୍ୱରେ ଥିବା ସଂସ୍ଥା ଏହାକୁ ସଫା କରି ପ୍ରଶାସନକୁ ହସ୍ତାନ୍ତର ନ କରିବା କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଅନ୍ୟପଟେ ଏହି ସମସ୍ୟା ବିଷୟରେ ସିଟି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବର୍ତ୍ତମାନର ଚିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝୀ କହିଛନ୍ତି, କାର୍ଯ୍ୟକାଳ ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ବିଦ୍ୟାଳୟର ସମସ୍ୟା ବିଷୟରେ ଅବଗତ କରାଯାଇଛି, ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରି ଖେଳପଡ଼ିଆକୁ ଖାଲି କରାଗଲେ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ। ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଭାଗିରଥୀ ସ୍ୱାଇଁ କହିଛନ୍ତି ଖେଳପଡ଼ିଆକୁ ଅଦ୍ୟ କାମରେ ବ୍ୟବହାର କରିବା ଦ୍ୱାରା କ୍ରୀଡ଼ା ସହ ଛାତ୍ରଛାତ୍ରୀଙ୍କ ମାନସିକସ୍ତରରେ ଚାପ ପଡୁଛି। ପୂର୍ବରୁ ଆମେ କ୍ରୀଡ଼ା ପ୍ରତିଯୋଗିତା ଏହି ଖେଳପଡ଼ିଆରେ ଆୟୋଜନ କରୁଥିଲୁ କିନ୍ତୁ ବର୍ତ୍ତମାନ ଏହା ଅନୁପଯୋଗୀ ହୋଇଯାଇଥିବା କାରଣରୁ ଘରୋଇ କିମ୍ବା ଦୂରଦୂରାନ୍ତରେ ରହିଥିବା ସ୍ଥାନକୁ ଚୟନ କରିବାକୁ ବାଧ ହେଉଛୁ।





## ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ

# ରାଜ୍ୟରେ ଉନ୍ନତ ମାନର ମାଛ ଯାଆଁଳ ଉତ୍ପାଦନ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ କୃଷି ଭବନ ଅଡିଟୋରିଅମଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ୩୦ ଗୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ । ଏଥିରେ ମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକ୍ଷମ ସମସ୍ତ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ କିସାନ କ୍ରେଡିଟ୍ କାର୍ଡ, ଭିତ୍ତିଭୂମି ବିକାଶ, ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ସବିଶେଷ ସମୀକ୍ଷା କରିଥିଲେ । ରାଜ୍ୟରେ ଉନ୍ନତ ମାନର ଗୁଣାତ୍ମକ ଯାଆଁଳ ଉତ୍ପାଦନ ଓ ସଠିକ ସମୟରେ ମାଛ ଚାଷୀଙ୍କ ନିକଟରେ ଏହାର ଉପଲବ୍ଧତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଜଳକୃଷି ବୀମା ନିମନ୍ତେ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ରେଜିଷ୍ଟ୍ରେସନ ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ଗୁଡିକର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା । କେସିସି ମାଧ୍ୟମରେ ମାଛ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦରଖାସ୍ତ ସଂଗ୍ରହ କରି ବ୍ୟାଙ୍କକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୦୮ତମ ଆଲୋଚନାଚକ୍ର

# ସାମାଜିକ ସଚେତନତା ଓ ସରକାରୀ ତତ୍ପରତା ନାରୀ ସୁରକ୍ଷା ପାଇଁ ଅପରିହାର୍ଯ୍ୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନାରୀ ଯେ ପର୍ଯ୍ୟନ୍ତ ସମାଜର ଉପଭୋଗ୍ୟବସ୍ତୁରେ ପରିଗଣିତ ହେଉଥିବ ସେ ପର୍ଯ୍ୟନ୍ତ ସେ ନିର୍ଯାତିତ ହେଉଥିବ । ସ୍ୱାଧୀନ ଚେତନା ଓ ଆର୍ଥିକ ବିକାଶ ନାରୀକୁ ନାରାୟଣୀ କରିପାରେ । ସମାଜରେ ପୁରୁଷ ଓ ନାରୀର ଭୂମିକା ସ୍ୱତନ୍ତ୍ର ଏବଂ ନାରୀ ପୁରୁଷ ଉଭୟେ ଉଭୟଙ୍କ ପରିପୂରକ । ନାରୀକୁ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗା ସଙ୍ଗେ ତୁଳନା କରି ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ନ ଦେବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି । କୌଣସି ଘଟଣା ଘଟିଲେ ସରକାର ଓ ପ୍ରଶାସନ ତତ୍ପର ହୁଅନ୍ତି ମାତ୍ର ଲୋକସ୍ମୃତିରୁ ହଟିଗଲେ ଧର୍ମକୁ ଆଖିଠାର ଭଳି କାର୍ଯ୍ୟାନୁଷ୍ଠାନ ହୁଏ । ଏହି ଧାରାକୁ ଭାଙ୍ଗି ଆଇନ୍ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି ମୁଖ୍ୟଅତିଥି ପ୍ରାକ୍ତନ ମହିଳା କମିଶନର ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି । ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୨୦୮ତମ ଆଲୋଚନାଚକ୍ରରେ ସଭାପତିତ୍ୱ କରି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ପୁରାଣରୁ ଉଦାହରଣ ଦେଇ କହିଲେ ନାରୀ ଉପରେ ଅତ୍ୟାଚାର ହେଲେ ସ୍ୱୟଂ ଭଗବାନ ଅବତରୀ ଆସନ୍ତି । ଆଜିର ଆଧୁନିକ ଯୁଗରେ ନାରୀ ସମସ୍ତକ୍ଷେତ୍ରରେ ପୁରୁଷକୁ ଅତିକ୍ରମ କରିପାରିଛି, ମାତ୍ର ସମାଜରେ ଏବେ ମଧ୍ୟ ବହୁନାରୀ ପୁରୁଷ ଉପରେ ନିର୍ଭରଶୀଳ ହୋଇ ରହିବା ଦ୍ୱାରା ନିର୍ଯାତନା ବଢ଼ିଚାଲିଛି । ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ । ସମ୍ମାନିତ ବକ୍ତା ସାହିତ୍ୟିକା ସରୋଜିନୀ ସାହୁ ତାଙ୍କ ଭାଷଣରେ ସମାଜରେ ଘଟୁଥିବା ନାରୀପ୍ରତି ବଳାତ୍କାର, ନିର୍ଯାତନା ତଥା ଶୋଷଣକୁ ସାହିତ୍ୟରେ କିଭଳି ପ୍ରତିଫଳିତ ହୋଇଛି ତା'ର ବହୁ ଉଦାହରଣ ଦେଇ ସାହିତ୍ୟିକମାନେ ସମାଜରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥ୍ୟ ସାମାଜିକ ବିକାଶ ସଂସ୍ଥାନର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ତାଙ୍କ ଦ୍ୱାରା ପରିଚାଳିତ ମାଧ୍ୟମ, ସାକ୍ଷୀ ଓ ଆୱାଜ ଦୋ ସଂସ୍ଥା ଦ୍ୱାରା ସରକାରୀ ସହାୟତାରେ ତାଙ୍କ କାର୍ଯ୍ୟର ବିବରଣୀ ଦେଇଥିଲେ ଓ ଏସିଡ୍ ପୀଡ଼ିତାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା କନ୍ୟା ସନ୍ତାନର ସୁରକ୍ଷା ଦିଗରେ ପଦକ୍ଷେପ ସମ୍ପର୍କରେ ବିବରଣୀ ଦେଇ କହିଥିଲେ କି ସରକାରୀ ସହାୟତା ଆହୁରି ସକ୍ରିୟ ହେବା ଆବଶ୍ୟକ । ମୁଖ୍ୟବକ୍ତା ଓଡ଼ିଶା ଲେଖିକା ସଂସଦର ସଭାପତି ଶକୁନ୍ତଳା ବଳିଆରସିଂହ ତାଙ୍କ ଭାଷଣରେ ସାହିତ୍ୟରୁ ଲେଖନୀରେ କିପରି ନାରୀ ନିର୍ଯାତନା ପ୍ରତିଫଳିତ ହୋଇ ସମାଜର ଦୃଷ୍ଟି ଆକର୍ଷଣ କରିଛି ତାହାର ଉଦାହରଣ ଦେଇଥିଲେ । ଲେଖିକା ସଂସଦ ଦ୍ୱାରା ଆୟୋଜିତ ଆଲୋଚନାଚକ୍ର ଓ ମାସିକ ସଭା ମାଧ୍ୟମରେ ଲେଖିକାମାନଙ୍କ କଲମ ଆହୁରି ଶକ୍ତିଶାଳୀ ହୋଇ ସୁସ୍ଥ ସମାଜ ଗଠନ କାରିବାରେ ସକ୍ଷମ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରୁ ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଚଳିତ ରଥଯାତ୍ରା ଦିନ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ'ର ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ପ୍ରାରମ୍ଭରେ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଓ ଭୁବନେଶ୍ୱରୀ ବେହେରା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆକାଶ ମାର୍ଗରୁ ବନ୍ୟା...

ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖାନଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଥିଲେ । ଅନେକ ସ୍ଥାନରେ ସାପ କାମୁଡ଼ା ପରି ଘଟଣା ଘଟେ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ । ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡ଼ିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନଡିଆରଏଫ, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଛି ।

## ପାକିସ୍ତାନକୁ କଡ଼ା ବାର୍ତ୍ତା...

ତାହା ସେମାନେ ଅନୁଧ୍ୟାନ କରୁଥିଲେ । ଆମେ ସମସ୍ତ ଦେଶକୁ ଗୋଟିଏ ବାର୍ତ୍ତା ପଠାଇଥିଲୁ ଯେ, ଆମେ ମଧ୍ୟସ୍ଥତା ପାଇଁ ପ୍ରସ୍ତୁତ ନାହୁଁ । ଭାରତ ଏବଂ ପାକିସ୍ତାନ ଭିତରେ ଯାହା ବି ହେବ ତାହା ଦ୍ୱିପାକ୍ଷିକ ହେବ । ପାକିସ୍ତାନ ଆକ୍ରମଣର ଆମେ ଜବାବ ଦେଉଛୁ । ଯଦି ଯୁଦ୍ଧ ବନ୍ଦ ହେବାର ଅଛି, ତେବେ ପାକିସ୍ତାନକୁ ଆମକୁ ଅନୁରୋଧ କରିବାକୁ ପଡ଼ିବ । ତାହା କେବଳ ଡିଜିଏମଓ ସ୍ତରରେ । ଯଦି ଡିଜିଏମଓ ଯୁଦ୍ଧବିରତି ପାଇଁ ଅନୁରୋଧ କରିବେ ତେବେ ଭାରତ ଆକ୍ରମଣ ବନ୍ଦ କରିବ ବୋଲି ଆମେ ସମସ୍ତ ଦେଶକୁ ବାର୍ତ୍ତା ପଠାଇଥିବା ଜୟଶଙ୍କର କହିଥିଲେ ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍...

ଲିକ୍ ହୋଇଛି । ପ୍ରଶ୍ନପତ୍ର ଲିକ୍ ପଛରେ ୨ ଲକ୍ଷ ୫୦ ହଜାର ଟଙ୍କାର କାରବାର ହୋଇଛି । କ୍ରାଇମବ୍ରାଞ୍ଚ ଏଡିଜି ବିନତୋଷ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ କାଚପଡ଼ା ଗ୍ରାମର ଜିତେନ ମହାରଣା, ରାୟଗଡ଼ା ଜିଲ୍ଲା କୁନ୍ଦୁରା ଥାନା ଅଧୀନ କୋମାସାହିର ଶିକ୍ଷକ ତଥା ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ର, କୋରାପୁଟ ଜିଲ୍ଲା ସାଗରଗୁଡ଼ା ଗ୍ରାମର ସନାତନ ବିଶୋୟୀ, କଟକ ଜିଲ୍ଲା ବାଦମବାଡ଼ି ଥାନା ଅଧୀନ ନାରାୟଣ ଲେନର ରାମଜୀ ପ୍ରସାଦ ଗୁପ୍ତା, ଗଞ୍ଜାମ ଜିଲା ବୈଦନାଥପୁର ଥାନା ଅଧୀନ ଲିଙ୍ଗିପଲୀ କେଶବନଗରର ଅଜୟ କୁମାର ସାହୁ, ବାଲେଶ୍ୱର ଜିଲ୍ଲା ରୁପସା ଥାନା ଅଧୀନ ଜୁକାନନ୍ଦି ଗ୍ରାମର ଜୟନ୍ତ କୁମାର । କ୍ରାଇମବ୍ରାଞ୍ଚ ଏଡିଜି ଶ୍ରୀ ମିଶ୍ର କହିଛନ୍ତି ଯେ, ପରୀକ୍ଷା ପୂର୍ବରୁ ଜୀତେନ ପ୍ରଥମେ ବୋର୍ଡର ଉପସଭାପତିଙ୍କ ଲାପ୍‌ଟପରୁ ପ୍ରଶ୍ନପତ୍ର ପେନଡ୍ରାଇଭରେ ନେଇଥିଲା । ପରେ ସେ ଏହାକୁ ଶିକ୍ଷକ ବିଜୟ ମିଶ୍ର, ସନାତନ ବିଶୋୟୀଙ୍କୁ ଦେଇଥିଲେ । ଏହାକୁ ସେମାନେ ଦଲାଲ ରାମଜୀ ପ୍ରସାଦ ଗୁପ୍ତାଙ୍କ ମାଧ୍ୟମରେ ଅଜୟ ସାହୁ, ଜୟନ୍ତ ରାଉତଙ୍କୁ ବିକ୍ରୀ କରିଥିଲା । ଏଥିପାଇଁ ଜୀତେନର ବ୍ୟାଙ୍କ ଖାତାକୁ ୨ ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା । ଘଟଣାର ଛାନ୍‌ଭିନ୍ କରି କ୍ରାଇମବ୍ରାଞ୍ଚ ୬ଟି ମୋବାଇଲ ଜବତ କରିଛି । ଏହି ମାମଲାରେ ଅଧିକ ଯଦି କେହି ଜଡ଼ିତ ଥିବେ ସେମାନଙ୍କୁ ଧରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ଶ୍ରୀ ମିଶ୍ର କହିଛନ୍ତି । ଏହି ଘଟଣାରେ ତଦନ୍ତ ଜାରି ଥିବାରୁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସୂଚନା ଦେଇଛନ୍ତି ।

## ୨ ଓଡ଼ିଶା କ୍ୟାଡର ଆଇପିଏସ୍ ...

ଅଧିକାରୀ ମଧ୍ୟ ସାମିଲ ଅଛନ୍ତି । ଓଡ଼ିଶା କ୍ୟାଡରର ବରିଷ୍ଠ ଆଇପିଏସ ଅଧିକାରୀ ଆର.ପି. କୋଚେ (୧୯୯୩ ବ୍ୟାଚ) ଏବଂ ଯଶୱନ୍ତ କୁମାର ଜେଠ୍ୱା (୧୯୯୪ ବ୍ୟାଚ) କେନ୍ଦ୍ରରେ ପଦବୀ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି । ଉଭୟ କୋଚେ ଓ ଜେଠ୍ୱା କେନ୍ଦ୍ରରେ ମହାନିର୍ଦ୍ଦେଶକ (ଡିଜି) କିମ୍ବା ତତ୍‌ସମାନ ପଦବୀ ପାଇଁ ମନୋନୀତ ହୋଇଛନ୍ତି । ବର୍ତ୍ତମାନ ଆର.ପି. କୋଚେ ଓଡ଼ିଶାରେ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଏବଂ ଯଶୱନ୍ତ ଜେଠ୍ୱା ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଏହି ମନୋନୟନ ଓଡ଼ିଶା କ୍ୟାଡର ଅଧିକାରୀଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଦକ୍ଷତାକୁ ଜାତୀୟ ସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ମିଳିଥିବାର ପ୍ରମାଣ ଦେଉଛି ।

## କାମଧେନୁ ଯୋଜନାରେ...

ସୂଚନାଯୋଗ୍ୟ, ଆମ ରାଜ୍ୟରେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ଆସନ୍ତା ୫ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ଏହାକୁ ଦୁଇ ଗଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଏବେ ପର୍ଯ୍ୟନ୍ତ ୬୪,୦୦୦ ରୁ ଉର୍ଦ୍ଧ୍ୱ ଆବେଦନ ଗ୍ରହଣ କରାଯାଇଛି । ରାଜ୍ୟର ପ୍ରାଣୀପାଳକମାନଙ୍କ ଆୟ ବୃଦ୍ଧି ପାଇଁ ବିଭାଗ ତରଫରୁ କୁକୁଡ଼ା ପାଳନ, ଗୋ-ପାଳନ ଓ ଦୁଗ୍ଧ ଉତ୍ପାଦନ, ଛେଳି ପାଳନ, ଘୁଷୁରୀ ପାଳନ, ଘାସ ଚାଷ ଆଦି ଅନେକ କାର୍ଯ୍ୟକ୍ରମ କରାଯାଉଛି । ଏହି ସବୁ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଠିକ୍ ସମୟରେ ଉଚିତ ପରିମାଣର ରିହାତି ଯୋଗାଇ ଦେଇ ଯୋଜନାକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ତତ୍ପର ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହା ସହ ପ୍ରାଣୀମାନଙ୍କ ଟୀକାକରଣ, କୃତ୍ରିମ ପ୍ରଜନନ, ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ପାଇବା ପାଇଁ ଲିଙ୍ଗ ନିରୂପିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ, କୁକୁଡ଼ା ପାଳନ, ଛେଳି ପାଳନ, ଗୋ-ପାଳନ, ବୁଲା ଓ ଅସହାୟ ପ୍ରାଣୀଙ୍କୁ ଜରୁରୀକାଳୀନ ଚିକିତ୍ସା ଆଦି କାର୍ଯ୍ୟକ୍ରମ ବିଷୟରେ ମନ୍ତ୍ରୀ ସମୀକ୍ଷା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ଗୋପାଳକ ଓ ପ୍ରାଣୀପାଳକଙ୍କ ନିକଟରେ ପହଞ୍ଚାଇବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରେ ୧.୫ କୋଟି ପ୍ରାଣୀଙ୍କ ଚିକିତ୍ସା କରାଯାଇଥିବା ବେଳେ ୫ କୋଟିରୁ ଉର୍ଦ୍ଧ୍ୱ ଟୀକାକରଣ କରାଯାଇଛି । ପ୍ରାଣୀସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ସେବା ଯୋଗାଇଦେବା ପାଇଁ ରାଜ୍ୟରେ ୫୪୧ ପ୍ରାଣୀଚିକିତ୍ସାଳୟ, ୩୧୪ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ, ୩୨୩୯ ପ୍ରାଣୀସମ୍ପଦ ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି । ଗାଁ ଗାଁ ବୁଲି ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ ଦ୍ୱାରା ଲୋକଙ୍କ ନିକଟରେ ପ୍ରାଣୀ ସେବା ପହଞ୍ଚାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ପ୍ରାଣୀପାଳକମାନଙ୍କ ଆୟ ବୃଦ୍ଧି ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ । ବୁଲା ଓ ଅସହାୟ ପ୍ରାଣୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟରେ ୧୪ ଗୋଟି ପ୍ରାଣୀ ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଏ ଦିଗରେ ୨୪ ଘଣ୍ଟିଆ ଆନିମଲ ହେଲ୍ପ ଲାଇନ କାର୍ଯ୍ୟ କରୁଛି । ଏହାକୁ ଆହୁରି ବ୍ୟାପକ କରି ରାଜ୍ୟର ସବୁ ଜିଲ୍ଲାର ସହରାଞ୍ଚଳରେ ପ୍ରାଣୀ ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ଲକ୍ଷ୍ୟ ରହିଛି । ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରୀନା ମହାପାତ୍ର, ଏପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ସିଓ୍ୱାର ନିର୍ଦ୍ଦେଶକ ମୃଦୁଳା ଦେବୀ, ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଣି ଖୋଲିବ ସୁଭଦ୍ରା...

ଅଗଷ୍ଟ ୯ ତୃତୀୟ କିସ୍ତି ପରେ ସୁଭଦ୍ରା ପୋର୍ଟାଲ ଖୋଲିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଅଗଷ୍ଟ ୯ରେ ଖାତାକୁ ଆସିବ ସୁଭଦ୍ରା ଯୋଜନାର ୩ୟ କିସ୍ତି । ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଆସିବ ଟଙ୍କା । ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପାଇସାରିଛନ୍ତି ୧ କୋଟିରୁ ଅଧିକ ହିତାଧିକାରୀ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯେଭଳି ଭାବେ ସୁଭଦ୍ରା ପହଞ୍ଚିବ ସେ ନେଇ ଯୋଜନାକୁ କ୍ରିୟାନ୍ୱୟନ କରିବାକୁ ଲଗାତାର ଭାବେ ପ୍ରୟାସ କରିଛନ୍ତି ସରକାର ।

## ଅଗଷ୍ଟ ୨ରେ ମିଳିବ ପିଏମ୍ କିଷାନ...

ନିକଟରେ ଏହାର ଲାଭ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶର ବାରାଣସୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବୈଠକରେ ଶ୍ରୀ ଚୌହାନ ଜାତୀୟ, ରାଜ୍ୟ, ଜିଲ୍ଲା ଏବଂ ଗ୍ରାମ ସ୍ତରରେ ଚାଷୀମାନଙ୍କୁ କାର୍ଯ୍ୟକ୍ରମ ସହିତ ଯୋଡ଼ିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ଏକ ଦେଶବ୍ୟାପୀ ଅଭିଯାନ ଭାବରେ ଆୟୋଜନ କରିବାକୁ ଆହ୍ୱାନ ଦେଇଥିଲେ । ସେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଦେଶବ୍ୟାପୀ ଚାଷୀମାନଙ୍କୁ ମଧ୍ୟ ଆହ୍ୱାନ କରିଥିଲେ । ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଏହି ଯୋଜନା ଅଧୀନରେ ଚାଷୀମାନଙ୍କୁ ୩ଟି କିସ୍ତିରେ ୬ ହଜାର ଟଙ୍କା ହସ୍ତାନ୍ତର କରାଯାଉଛି, ପ୍ରତ୍ୟେକ କିସ୍ତି ପ୍ରତି ଚାରି ମାସରେ ଜାରି କରାଯିବ । ଏହି ଆଭାସୀ ବୈଠକରେ ଦେଶର ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ, ଉପ-କୁଳପତି ଏବଂ ମୁଖ୍ୟ, ଭାରତୀୟ କୃଷି ଗବେଷଣା ପରିଷଦ ଓ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକ ଯୋଗ ଦେଇଥିଲେ ।

## ଆସୁଛି ମହାସୁନାମୀ...

ସେହି ସ୍ଥାନ ଯେଉଁଠାରେ ଜୁଆନ ଡି ଫୁକା ପ୍ଲେଟ ଧୀରେ ଧୀରେ ଉତ୍ତର ଆମେରିକୀୟ ପ୍ଲେଟ ତଳେ ଖସିଯାଉଛି । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଏହି ଭୂତାତ୍ତ୍ୱିକ ସ୍ଥାପନରେ ବଡ଼ ମେଗାଥ୍ରଷ୍ଟ ଭୂମିକମ୍ପ ସୃଷ୍ଟି କରିବାର ସମ୍ଭାବନା ଅଛି ଯାହା ସୁନାମୀ ମଧ୍ୟ ସୃଷ୍ଟି କରିପାରେ । ଗବେଷଣା ଅନୁଯାୟୀ, ଉତ୍ତର କାଲିଫର୍ଣ୍ଣିଆ, ଉତ୍ତର ଓରେଗନ ଏବଂ ଦକ୍ଷିଣ ୱାଶିଂଟନ ସର୍ବାଧିକ ବିପଦପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଅନ୍ତର୍ଭୁକ୍ତ । ସକ୍ରିୟ ଭୂକମ୍ପ ଏବଂ ଜ୍ୱାଳାମୁଖୀ କ୍ଷେତ୍ର ନିକଟତର ହୋଇଥିବାରୁ ଆଲାସ୍କା ଏବଂ ହାୱାଇ ମଧ୍ୟ ସମ୍ଭାବ୍ୟ ବିପଦର ସମ୍ମୁଖୀନ ହେଉଛନ୍ତି ।

# ଯାତ୍ରୀ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଅଧିକ କୋଚ୍ ସଂଯୋଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀ ଏବଂ ରାଉରକେଲା ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ୫୦% କୋଚ୍ ବୃଦ୍ଧି ଘୋଷଣା କରିଛି । ଏହି ଟ୍ରେନଟି ଆସନ୍ତା ତା.୦୭.୦୮.୨୦୨୫ରିଖ ଠାରୁ ପୂର୍ବ ଗଠନ ୦୮ କୋଚ୍ ବଦଳରେ ୧୬ କୋଚ୍ ସହିତ ଚଳାଚଳ କରିବ । ଏହି କୋଚ ସଂଯୋଗ ବୃଦ୍ଧିରେ ଆଠଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି, ଯାହାର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ୱେଟିଂ ଲିଷ୍ଟକୁ ହ୍ରାସ କରିବା, ଯାତ୍ରୀ ସଂଖ୍ୟାକୁ ବୃଦ୍ଧି କରିବା ଏବଂ ସମଗ୍ର ଓଡ଼ିଶାରେ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାକୁ ଆହୁରି ପ୍ରୋତ୍ସାହିତ କରିବା । ଅପଗ୍ରେଡ୍ ରେକ୍ କମ୍ପୋଜିସନ୍‌ରେ ଏବେ ୧୨ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ । ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଆରମ୍ଭ ହେବା ପରଠାରୁ ଯାତ୍ରୀମାନଙ୍କଠାରୁ ବହୁତ ଭଲ ପ୍ରତିକ୍ରିୟା ପାଇଛି । ଏହି ଟ୍ରେନ୍‌ଟି ବର୍ତ୍ତମାନ ୧୧୦%ରୁ ଅଧିକ କ୍ଷମତାରେ ଚଳାଚଳ କରୁଛି, ଯାହା ଏହାର ଲୋକପ୍ରିୟତାକୁ ଦର୍ଶାଉଛି । ଟ୍ରେନ୍ ନମ୍ବର ୨୦୮୩୬ (ପୁରୀ-ରାଉରକେଲା) ୧୧୨.୭୬% ଚାହିଦା ରେକର୍ଡ କରିଛି ଏବଂ ଟ୍ରେନ୍ ନମ୍ବର ୨୦୮୩୫ (ରାଉରକେଲା-ପୁରୀ)ର ୧୨୭.୬୪% ଚାହିଦା ରହିଛି ଯାହା ଦୈନନ୍ଦିନ ଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଏହାର ବର୍ଦ୍ଧିତ ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି । ଯାତ୍ରୀଙ୍କ ପସନ୍ଦ ଏବଂ ଯାତ୍ରା ଚାହିଦାର ସମୀକ୍ଷା ପରେ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ ରେ କୋଚ ସଂଯୋଗକୁ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି ଓ ବର୍ଦ୍ଧିତ କୋଚ ସଂଯୋଗ ଦ୍ୱାରା ଅଧିକ ଯାତ୍ରୀ ଏକ ଦ୍ରୁତ, ଆରାମଦାୟକ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପରିବହନ ପଦ୍ଧତିର ଅଭିଜ୍ଞତା ଲାଭ ପାଇପାରିବେ । ଏହି ପଦକ୍ଷେପ ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ବୃଦ୍ଧିରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ସେମି-ହାଇ-ସ୍ପିଡ୍ ଟ୍ରେନ୍ ଯାହା ଓଡ଼ିଶାର ପୁରୀକୁ ରାଉରକେଲା ସହିତ ସଂଯୋଗ କରୁଛି ଓ ଏହି ଟ୍ରେନ ପ୍ରାୟ ୭.୫ ଘଣ୍ଟାରେ ୫୦୫ କିଲୋମିଟର ଦୂରତା ଯାତ୍ରା କରିଥାଏ । ଏହି ଟ୍ରେନ୍‌ଟି ମଙ୍ଗଳବାର ବ୍ୟତୀତ ସପ୍ତାହରେ ଛଅ ଦିନ ଚଳାଚଳ କରୁଥିବାବେଳେ, ପୁରୀରୁ ସକାଳ ୫ଘ :୦୦ ସମୟରେ ଏବଂ ରାଉରକେଲାରୁ ଅପରାହ୍ନ ୨ଘ :୧୦ ସମୟରେ ଛାଡ଼ିଥାଏ । ଏହି ଟ୍ରେନ୍ ନଅଟି ଷ୍ଟେସନରେ ଅର୍ଥାତ ଖୋର୍ଦ୍ଧା ରୋଡ୍ ଜଙ୍କସନ୍, ଭୁବନେଶ୍ୱର, କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ରାଇରାଖୋଲ, ସମ୍ବଲପୁର ସିଟି ଏବଂ ଝାରସୁଗୁଡ଼ା ଜଙ୍କସନ୍ ଠାରେ ରହଣି କରେ । ଭାରତୀୟ ରେଳ ଯାତ୍ରୀମାନଙ୍କୁ ଉଚ୍ଚମାନର ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ । ଯାତ୍ରୀମାନଙ୍କ ସକାରାତ୍ମକ ମତାମତ ଦର୍ଶାଉଛି ଯେ ବନ୍ଦେ ଭାରତ ଏକ୍ସପ୍ରେସ୍ ଭାରତରେ ଆଧୁନିକ ଏବଂ ପ୍ରଗତିଶୀଳ ରେଳ ଯାତ୍ରାର ପ୍ରତୀକ । ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସରେ ଅଧିକ କୋଚ୍ ଯୋଡିବା ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଏବଂ ଦକ୍ଷ ଓ ଆରାମଦାୟକ ରେଳ ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରୁଛି ।

# ସାମ୍ବାଦିକମାନଙ୍କ କଲ୍ୟାଣ ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ଲୋକସଭା ଭବନରେ ରାଜ୍ୟର ବରିଷ୍ଠ ସାମ୍ବାଦିକମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ବିଶଦ୍ ଭାବେ ଆଲୋଚନା କରିଛନ୍ତି । ବୈଠକରେ ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ବିଭାଗର ନିର୍ଦ୍ଦେଶକ(ବୈଷୟିକ ) ଗୁରବୀର ସିଂ ଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ ,ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଓଡ଼ିଶାରେ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯେଉଁ ଯେଉଁ ଦାବୀ ଉପସ୍ଥାପନ କରିଛନ୍ତି, ସେ ସମ୍ପର୍କରେ ଅଧିକ ବିଚାରବିମର୍ଶ ପୂର୍ବକ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୈଠକରେ ସାମ୍ବାଦିକମାନଙ୍କ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବା, ବରିଷ୍ଠ ସାମ୍ବାଦିକମାନଙ୍କ ନିମନ୍ତେ ପେନ୍‌ସନ୍ ବ୍ୟବସ୍ଥା, ସାମ୍ବାଦିକମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରାଯିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିରେ ରହିଥିବା ବ୍ୟବସ୍ଥା ଅନୁସାରେ ସାମ୍ବାଦିକ ଓ ସେମାନଙ୍କର ପରିବାରଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ଲୋକସେବା ଭବନକୁ ପ୍ରବେଶ ପାଇଁ ଆବେଦନ କରୁଥିବା ସାମ୍ବାଦିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କିପରି ଶୀଘ୍ର ଓ ସରଳୀକରଣ ହୋଇପାରିବ, ସେ ସଂପର୍କରେ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ସରକାରଙ୍କ ପ୍ରଚାର ପ୍ରସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମାନୁପାତିକ ହାରରେ ପ୍ରକାଶ ପାଉଥିବା ବିଭିନ୍ନ ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟବୀମାରେ ରହିଥିବା ବିଭିନ୍ନ ସୁବିଧା, ସହାୟତା ଓ ପ୍ରକ୍ରିୟା ସଂପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଯିବା ପାଇଁ ସଂପୃକ୍ତ ବୀମା କମ୍ପାନୀର ତୃତୀୟ ପକ୍ଷ ସଂସ୍ଥା(ଟିପିଏ) ସହିତ ଏକ ବୈଠକ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି । ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରୟାସରେ ରାଜ୍ୟର ମୋଟ ୭୪୮୬ ଜଣ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୨୧-୨୦୨୪ ବର୍ଷ ମଧ୍ୟରେ ସମୁଦାୟ ୮୦ ଜଣ ମୃତ ସାମ୍ବାଦିକଙ୍କ ନିକଟ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଛି । କୋଭିଡ୍ ରେ ମୃତ୍ୟୁବରଣ କରିଥିବା ୪୯ ଜଣ ସାମ୍ବାଦିକଙ୍କ ପରିବାରଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ସନତ ମିଶ୍ର, ପୀତବାସ ମିଶ୍ର ଏବଂ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ' ଉନ୍ମୋଚିତ

**କଟକ, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତିଙ୍କ ରଚିତ 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଶତାବ୍ଦୀ ଭବନଠାରେ ଉନ୍ମୋଚିତ ହୋଇଯାଇଛି । 'ଆମ ଓଡ଼ିଶା'ର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ପୁସ୍ତକକୁ ଉନ୍ମୋଚନ କରି କହିଲେ ଯେ, ଦର୍ଶନଶାସ୍ତ୍ର ଆମକୁ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉତ୍ଥାପନ କରିବା ପାଇଁ ଶିକ୍ଷା ଦେଇଥାଏ । ଦର୍ଶନଶାସ୍ତ୍ର ଅଧ୍ୟୟନ କରି ନ୍ୟାୟପାଳିକା, ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଯଥାକ୍ରମେ ବାମାଶଙ୍କର ମିଶ୍ର, ରାଜକିଶୋର ଦାଶ ଓ ଶ୍ରୀତମ ଦାସ ବକ୍ତା ରୂପେ ଯୋଗଦେଇ ଦର୍ଶନଶାସ୍ତ୍ର କିପରି ସେମାନଙ୍କ ଜୀବନରେ ଉପଯୋଗୀ ହୋଇଛି, ତାହା ବର୍ଣ୍ଣନା କରିଥିଲେ । ସୁସାହିତ୍ୟିକ ଡକ୍ଟର ନଟବର ଶତପଥୀ ଓ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ପୁସ୍ତକର ତାତ୍ତ୍ୱିକ ସମୀକ୍ଷା କରିଥିଲେ । ଦର୍ଶନଶିକ୍ଷାର ପ୍ରସାର ଦିଗରେ ନିଃସ୍ୱାର୍ଥ ଅବଦାନ ପାଇଁ 'ନୀଳଚକ୍ର'ର ସଭାନେତ୍ରୀ ନମିତା ପଣ୍ଡା ଓ ସମାଜସେବୀ ସ୍ୱର୍ଗତ ଫିରଦୌଷ ଅଲି (ମରଣୋତ୍ତର)ଙ୍କୁ ସମ୍ମାନିତ କରାଯାଇଥିଲା । ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସଭାପତିତ୍ୱ କରିଥିଲେ । ଦେଶର ଲବ୍ଧପ୍ରତିଷ୍ଠ ଦର୍ଶନ ଶାସ୍ତ୍ରବିତ୍‌ମାନଙ୍କ ପାଖରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତାକୁ ଅଧ୍ୟାପକ ବିଜୟ କୁମାର ନାୟକ ପାଠ କରିଥିଲେ । ଡକ୍ଟର ଶଚୀନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା, ଡକ୍ଟର ଗୌରୀଶଙ୍କର ସାହୁ ଅତିଥି ପରିଚୟ ଓ ପ୍ରଫେସର ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବ୍ୟଙ୍ଗକାର ରାଧାଶ୍ୟାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ବଶିଷ୍ଠ ବିଚାର ମଞ୍ଚର ସଂଯୋଜକ ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯୋଗଗୁରୁ ଭୋଳାନାଥ ନାୟକ ଶାନ୍ତିମନ୍ତ୍ର ପାଠ କରିଥିଲେ ।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-1337

ପତ୍ର ସଂଖ୍ୟା ୧୪୬୨୩ / ଭୁ.ଉ.କ.,ଭୁବନେଶ୍ୱର ତା ୨୮.୦୭. ୨୫ ରିଖ

SPE-57/01

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର କେ- ୬(ଏ) ହାଉସିଂ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ EWS ଗୃହ ନଂ-E-18 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୯୬୦୦ ତା-୦୭.୦୭.୨୦୧୦ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଗୋବିନ୍ଦ ଚନ୍ଦ୍ର ସାହୁ, ପିତା-ଶଙ୍କର ସାହୁ, ଗ୍ରାମ-ଏକଦଳିଆ, ପୋଷ୍ଟ- ମଣିବନ୍ଧ, ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।
ଆବଣ୍ଟନଗ୍ରାହୀ ଗୋବିନ୍ଦ ଚନ୍ଦ୍ର ସାହୁ ଗତ ତା-୨୦.୦୯.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Issue No. 31130 dated 17.10.2016. Legal heir certificate Misc.Case No. E-LHC/67 of 2017 dated 20.04.2017 ଅନୁଯାୟୀ ଗୋବିନ୍ଦ ଚନ୍ଦ୍ର ସାହୁ ଙ୍କର ଉତ୍ତରାଧିକାରୀ (୧) ଆରତି ଦାସ (ବିବାହିତା କନ୍ୟା), (୨) ମିନତୀ ସାହୁ (ବିବାହିତା କନ୍ୟା), (୩) ପ୍ରତିମା ସାହୁ (ବିବାହିତା କନ୍ୟା), (୪) ସୁପ୍ରିତି ସାହୁ (ବିବାହିତା କନ୍ୟା), (୫) ସୁପ୍ରଭା ସାହୁ (ବିବାହିତା କନ୍ୟା), (୬) ଅରୁଣ କୁମାର ସାହୁ (ପୁତ୍ର) ଅଟନ୍ତି ।
ଇତି ମଧ୍ୟରେ (୧) ଆରତି ଦାସ, (୨) ପ୍ରତିମା ସାହୁ, (୩) ସୁପ୍ରିତି ସାହୁ (୪) ସୁପ୍ରଭା ସାହୁ ଓ (୫) ଅରୁଣ କୁମାର ସାହୁ ପଞ୍ଜିକୃତ ନାଦାବି ପତ୍ର (Registered_deed_of_Relinquishment Document No.11081813119 dated 15.12.2018) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର / ଅଂଶକୁ ମିନତୀ ସାହୁଙ୍କୁ ହସ୍ତାନ୍ତର କରିଅଛନ୍ତି । ସୁତରାଂ ମିନତୀ ସାହୁଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0343/2526



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-1330

ପତ୍ର ସଂଖ୍ୟା ୧୪୩/୦ / ଭୁ.ଉ.କ.,ଭୁବନେଶ୍ୱର ତା ୨୪.୦୭. ରିଖ ୨୦୨୫

CPH-II-50/90

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- S-1/152 (H.I.G)କୁ ସୁଦାମ ଚରଣ ବାସା, ପିତା-ସ୍ୱର୍ଗତ ଶିବ ଚରଣ ବାସା, ଗ୍ରାମ/ ପୋଷ୍ଟ ଇନ୍ଦଖୋଳି, ଥାନା-ତିରିଂ, ଜିଲ୍ଲା-ମୟୂରଭଞ୍ଜ, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ସୁଦାମ ଚରଣ ବାସା ଗତ ତା-୧୦,୦୭.୨୦୨୨ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । **(Death certificate No.6307/2022 dated 30.07.2022)**
**Legal heir certificate No. E-LHC/2022/197758 dated 13,04,2023** ଅନୁଯାୟୀ ସୁଦାମ ଚରଣ ବାସାଙ୍କର ଉତ୍ତରାଧିକାରୀ (୧) ସାଗରିକା ବାସା (ବିବାହିତା କନ୍ୟା), (୨) ସତ୍ୟ ସୁନ୍ଦର ବାସା (ପୁତ୍ର) ଓ ଶାନ୍ତି ସ୍ୱରୂପ ବାସା (ପୁତ୍ର) ଅଟନ୍ତି ।
ବର୍ତ୍ତମାନ ସାଗରିକା ବାସା ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment- Document No.11132500759 dated 20.01.2025) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର / ଅଂଶକୁ **ସତ୍ୟ ସୁନ୍ଦର ବାସା ଓ ଶାନ୍ତି ସ୍ୱରୂପ ବାସାଙ୍କୁ** ହସ୍ତାନ୍ତର କରିଅଛନ୍ତି ।
ସୁତରାଂ ଉତ୍ତରାଧିକାରୀ ସୂତ୍ରେ **ସତ୍ୟ ସୁନ୍ଦର ବାସା ଓ ଶାନ୍ତି ସ୍ୱରୂପ ବାସାଙ୍କ ନାମରେ** ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ **ସତ୍ୟ ସୁନ୍ଦର ବାସା ଓ ଶାନ୍ତି ସ୍ୱରୂପ ବାସାଙ୍କ** ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0342/2526

ଉତ୍କଳ ଦୀପିକା

ଭୁବନେଶ୍ୱର
୩୧ ଜୁଲାଇ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


## କୁମ୍ଭୀର ଆକ୍ରମଣ ରୋକିବା ପାଇଁ ମାଷ୍ଟର ପ୍ଲାନ୍

**ଭୁବନେଶ୍ୱର ୩୦।୭ ନ୍ୟୁଜ ବ୍ୟୁରୋ**

ନଦୀ ପଠାରେ ଚିହ୍ନଟ ହେବ ବ୍ଲାକ୍ ସ୍ପଟ୍। କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହୋଇଛି । ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ନଦୀ ତଟରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯିବା ସହ ବ୍ୟାରିକେଡ୍ କରାଯିବ। ଏହାସହ ସତର୍କତା ସାଇନ୍ ବୋର୍ଡ ଲାଗିବ । ଯେଉଁ ସ୍ଥାନରେ କୁମ୍ଭୀରଙ୍କ ଗତିବିଧି ଅଧିକ ରହୁଛି ସେ ସ୍ଥାନରେ ସରକାର ଅଧିକ ସତର୍କତା ଅବଲମ୍ବନ କରିବେ। କେନ୍ଦ୍ରାପଡ଼ା ଓ ଜଗତସିଂପୁରରେ ଅଧିକ ବ୍ଲାକ୍ ସ୍ପଟ୍ ଚିହ୍ନଟ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ଏସ୍‌ସିବିରେ ଚାକିରି ଦେବାକୁ କହି ୧୮ ଲକ୍ଷ ଠକେଇ

**କଟକ, ୩୦/୭ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଞ୍ଚଳରେ କେତେକ ଯୁବକ ଯୁବତୀଙ୍କୁ କଟକ ବଡ଼ ଡାକ୍ତରଖାନା (ଏସ୍‌ସିବି)ରେ କିରାଣି ସମେତ ବିଭିନ୍ନ ପଦରେ ଚାକିରି କରାଇ ଦେବାକୁ କହି ୨ ଯୁବକ ୧୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ ଗିରଫ କରିଛି। ଗିରଫ ଯୁବକଦ୍ୱୟ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଶ୍ଚିମଖଣ୍ଡ ଅଞ୍ଚଳର ବିଭୂ ପ୍ରସାଦ ଓଝା ଓ ଭୁବନେଶ୍ୱର ବରମୁଣ୍ଡା ହାଉସିଂ କଲୋନୀର ସୌମ୍ୟରଞ୍ଜନ ନାୟକ। ଦୁହିଁଙ୍କ ଠାରୁ ନକଲି ନିଯୁକ୍ତିପତ୍ର ଜବତ କରାଯାଇଛି।

ଏତଲାକାରୀ ଦେବେନ୍ଦ୍ର ମଲ୍ଲିକ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଭୁବନେଶ୍ୱରର ଏଲ ଆଣ୍ଡ ଟି କମ୍ପାନୀରୁ ସେ ଏକ ଟ୍ରାକ୍ଟର ଋଣ କରିଥିଲେ। ଏହି ଋଣ କିସ୍ତି ନେବା ପାଇଁ ବିଭୂ ପ୍ରସାଦ ତାଙ୍କ ଘରକୁ ଆସି କିସ୍ତି ନେଉଥିଲେ। ଫଳରେ ବିଭୂଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଟ୍ରାକ୍ଟର ଋଣ ଟଙ୍କା



ପୈଠ ପରେ ବିଭୂ କହିଥିଲା ତାଙ୍କର ଜଣେ ସାଙ୍ଗ ସୌମ୍ୟରଞ୍ଜନ କଟକ ବଡ଼ ଡାକ୍ତରଖାନା ନ୍ୟୁରୋ ସର୍ଜରୀ ବିଭାଗରେ ଚାକିରି କରିଛନ୍ତି। ସେଠାରେ କିରାଣି ପଦ ପାଇଁ ଚାକିରି ବାହାରିଛି। ୨ ଲକ୍ଷ ଟଙ୍କା ଦେଲେ ଏହି ଚାକିରି ମିଳିଯିବ। ପ୍ରଥମେ ଏକ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଚାକିରି ତାଲିକାରେ ନାମ ବାହାରିବା ପରେ ଆଉ ଏକ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ। ବିଭୂଙ୍କ କଥାରେ ବିଶ୍ୱାସ କରି ଏହି ଅଞ୍ଚଳ ସମେତ ମାର୍ଶାଘାଇ ଓ ପାରାଦ୍ୱୀପର ୯ ଜଣ ଶିକ୍ଷିତ ଯୁବକ ଯୁବତୀ ବିଭୂଙ୍କୁ ୯ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ବିଭୂ ଏମାନଙ୍କୁ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ସୌମ୍ୟରଞ୍ଜନ ଏହି ଯୁବକଯୁବତୀଙ୍କୁ ଅଫର ଲେଟର ପଢ଼ି ଶୁଣାଇବା ପରେ ଅବଶିଷ୍ଟ ୯ ଲକ୍ଷ ଟଙ୍କା ସେମାନଙ୍କଠାରୁ ନେଇଥିଲେ। ୧୫ ଦିନ ମଧ୍ୟରେ 'ଜଏନିଂ ଲେଟର' ଦିଆଯିବ ବୋଲି କହିଥିଲେ। ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରିବା ପରେ ନିଯୁକ୍ତି ସଂକ୍ରାନ୍ତୀୟ କୌଣସି ଚିଠି ସେମାନଙ୍କ ପାଖକୁ ଆସି ନଥିଲା। ବିଭୂ ଓ ସୌମ୍ୟଙ୍କୁ ଫୋନ କଲେ କେହି ଉଠାଇଲେ ନାହିଁ। ବାଧହୋଇ ଯୁବକଯୁବତୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ।

ଏ ନେଇ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପାଇଁ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଏହି ଦଳ କଟକ ଓ ଭୁବନେଶ୍ୱରରେ ଚଢ଼ଉ କରି ଦୁଇ ଠକଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ନକଲି ପ୍ରମାଣପତ୍ର, ପରିଚୟପତ୍ର ଜବତ କରାଯାଇଛି। ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ଜିମାରେ ଆଣି ଅଧିକ ପଚରାଉଚରା କରାଯିବ।

# ଶ୍ରୀମନ୍ଦିରରେ ବନକଲାଗି ନୀତି ସମ୍ପନ୍ନ



**ପୁରୀ, ୩୦/୭ ନ୍ୟୁଜ ବ୍ୟୁରୋ**

ବୁଧବାର ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହୋଇଥିବା ହେତୁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ୪ ଘଣ୍ଟା ବନ୍ଦ ରହିଥିଲା। ବୁଧବାର ଶ୍ରୀଜୀଉଙ୍କ ବନକଲାଗି ନୀତି ଲାଗି ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବନକଲାଗି ନୀତି ସଂପନ୍ନ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ତା'ପରେ ପୁଣି ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିପାରିଥିଲେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବପିଢିଙ୍କ ଆତ୍ମହତ୍ୟା ରୋକିବାକୁ ସୁପ୍ରିମ୍‌କୋର୍ଟଙ୍କ ମାର୍ଗଦର୍ଶିକା

**ନୂଆଦିଲ୍ଲୀ, ୨୯/୭**

ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ିଚାଲିଥିବା ଆତ୍ମହତ୍ୟା ପ୍ରବଣତା ଗମ୍ଭୀର ଚିନ୍ତାଜନକ ବିଷୟ ହୋଇଥିବାବେଳେ ଏଭଳି ସମ୍ବେଦନଶୀଳ ଘଟଣା ଅନେକ ସମୟରେ ରାଜନୀତିକ ଆଲୋଡନ ସୃଷ୍ଟି କରୁଛି। କିନ୍ତୁ ପିଲାଙ୍କୁ ଏକ ସୁସ୍ଥ ମାନସିକରେ ପଢିବା ଓ ବଢିବାର ପରିବେଶ ପ୍ରଦାନ କରିବାରେ ଆମ ବିଫଳତାକୁ ସ୍ୱୀକାର କରି ଏହାର ପ୍ରତିରୋଧ ପାଇଁ ଗଠନମୂଳକ ପଦକ୍ଷେପ ନିଆଯାଇପାରି ନାହିଁ । ଫଳରେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦେଶର ସର୍ବୋଚ୍ଚ ଅଦାଲତ ଏକ ୧୫ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି । ବିଶ୍ୱରେ ଆତ୍ମହତ୍ୟା ଘଟଣା କ୍ରମଶଃ ଖରାପ ସ୍ଥିତିରେ ଥିବାବେଳେ ଭାରତରେ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ ସବୁଠାରୁ ଚିନ୍ତା ଓ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି ଦେଶରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଆତ୍ମହତ୍ୟା । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍.ସି.ଆର.ବି) ରିପୋର୍ଟ ୨୦୨୧ ଅନୁସାରେ, ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲାରେ ଓଡ଼ିଶା ଦେଶର ୫ମ ସ୍ଥାନରେ ରହିଛି । ଓଡ଼ିଶାରେ ରୁଜୁ ହୋଇଥିବା ମୋଟ ମାମଲାରେ ଛାତ୍ରଙ୍କ ସଂଖ୍ୟା ୬୯୭ ଏବଂ ଛାତ୍ରୀଙ୍କ ସଂଖ୍ୟା ୧୩୭ ରହିଛି। ୨୦୨୦ରେ ଓଡ଼ିଶା ୧୪୬୯ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ସହ ଦ୍ୱିତୀୟ ସ୍ଥାନରେ ରହିଥିଲା । ତେବେ ଛାତ୍ର ଆତ୍ମହତ୍ୟା ମାମଲାରେ ପ୍ରଥମସ୍ଥାନରେ ରହିଥିଲା, ଅର୍ଥାତ ଓଡ଼ିଶାରେ ସର୍ବାଧିକ ୧୦୪୨ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ । ୨୦୨୨ ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ପରେ ଚଳିତ ବର୍ଷ ନେପାଳୀଛାତ୍ରୀ ଆତ୍ମହତ୍ୟା ଏବଂ ଏଫ୍.ଏମ. କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା



ଭଳି ଘଟଣାଗୁଡିକ ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା ସମ୍ପର୍କରେ ଓଡ଼ିଶା ବିଧାନସଭାରେ ମଧ୍ୟ ତଥ୍ୟ ପ୍ରକାଶ ପାଇଛି । ରାଜ୍ୟରେ ନୂଆ ସରକାର ଆସିବା ପରେ ସେପ୍ଟେମ୍ବର ୨୦୨୪ରେ ଜଣାଇଛନ୍ତି, ଗତ ୩ ବର୍ଷରେ ଦାୟର ହୋଇଥିବା ୧୭୭୮ ଆତ୍ମହତ୍ୟା ମାମଲା ମଧ୍ୟରୁ ୨୧୮ ଛାତ୍ର ଏବଂ ୨୬୩ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ୨୦୨୩ରେ ୧୦୪ ଜଣ ଛାତ୍ରୀ ଆତ୍ମହତ୍ୟା କରିଥିଲେ । ସେହିଭଳି ବିଦ୍ୟାର୍ଥୀ ପଢ଼ା ପରେ ଆତ୍ମହତ୍ୟା କରୁଥିବା ରାଜସ୍ଥାନର କୋଟାର ରିପୋର୍ଟ ଚର୍ଚ୍ଚାକୁ ଆସିଥିଲା । କୋଟାରେ ଜାନୁଆରୀ ୨୦୧୯ରୁ ଡିସେମ୍ବର ୨୦୨୨ ମଧ୍ୟରେ ୫୨ ଜଣ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ରାଜସ୍ଥାନ ବିଧାନସଭା ସଦସ୍ୟ ମେଘୱାଲଙ୍କ ଏକ ଲିଖିତ ଉତ୍ତରରେ ସରକାର ଜଣାଇଲେ ଯେ, ସମ୍ପୃକ୍ତ ସମସ୍ୟାର ସମାଧାନ ପାଇଁ ଏକ ଆଇନ ଅଣାଯିବ । ତେବେ ଆଶ୍ଚର୍ଯ୍ୟ ଓ ଉଦ୍‌ବେଗର ବିଷୟ ହେଉଛି, ଚଳିତ ବର୍ଷ ୫ ମାସରେ ୧୪ଜଣ ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା ମାମଲା ପରେ ୨୩ ମଇ ୨୦୨୫ରେ ସୁପ୍ରିମକୋର୍ଟ କଡା ଭର୍ତ୍ସନା କରିଥିଲେ । ବିଦ୍ୟାର୍ଥୀଙ୍କ ମଧ୍ୟରେ ଆତ୍ମହତ୍ୟା ଘଟଣାର ବେଲଗାମ ବୃଦ୍ଧି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ଦୃଢ଼ ବଦକ୍ଷେପ ନେବାକୁ ବାଧ କରିଛି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ ଯୁବପିଢ଼ିଙ୍କ ଆତ୍ମହତ୍ୟାର କାରଣ 'ବ୍ୟବସ୍ଥିତ ବିଫଳତା' ଏବଂ ଏହି ପ୍ରସଙ୍ଗକୁ 'ଅଣଦେଖା କରାଯାଇପାରିବ ନାହିଁ' । ବିଶାଖାପାଟଣାରେ ଜଣେ ୧୭ ବର୍ଷର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବିକୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଖାରଜ ପରେ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଯାହାର ଶୁଣାଣିରେ ସର୍ବୋଚ୍ଚ ଅଦାଲତ ଆତ୍ମହତ୍ୟା ରୋକିବାକୁ ୧୫ ସୂତ୍ରୀ ମାର୍ଗଦର୍ଶିକା ଜାରି କରିଛନ୍ତି । ମାର୍ଗଦର୍ଶିକାର ପ୍ରମୁଖ ବିନ୍ଦୁରେ ରହିଛି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ପ୍ରତିରୋଧ ହେଲ୍ପଲାଇନ ସ୍ଥାପନ । ଏହି ହେଲ୍ପଲାଇନ ଶିକ୍ଷାନୁଷ୍ଠାନର ହଷ୍ଟେଲ, ଶ୍ରେଣୀ କୋଠରୀ, କମନ ରୁମ ଓ ୱେବସାଇଟରେ ପ୍ରଦର୍ଶନ କରିବା । ମାନସିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନର ପ୍ରତ୍ୟେକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ପ୍ରତି ଦୁଇବର୍ଷରେ ଆତ୍ମହତ୍ୟା ପ୍ରତିରୋଧ ବାବଦରେ ମାନସିକ ରୋଗ ଚିକିତ୍ସକ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ ଏହି ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନକୁ ରାଗିଂ ମୁକ୍ତ କରିବ । ସେହିଭଳି ପିଲାଙ୍କ ପାଠପଢା ବୋଝ କମ କରିବା ଲାଗି ପ୍ରତି ତ୍ରୟମାସରେ ପରୀକ୍ଷା ପାର୍ଟନର ସମୀକ୍ଷା କରିବା । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଅଭିଭାବକଙ୍କୁ ସମ୍ବେଦନଶୀଳ ପ୍ରସଙ୍ଗ ବାବଦରେ ବୁଝାଇବାର ବ୍ୟବସ୍ଥା କରିବା । ଯୌନ ଉତ୍ପୀଡନ, ରାଗିଂ ଓ ଅନ୍ୟ ମାନସିକ ନିର୍ଯାତନା ସମ୍ପର୍କିତ ଅଭିଯୋଗର ତୁରନ୍ତ ସମାଧାନ କରିବା । ଏଥିପାଇଁ ସ୍ୱତନ୍ତ୍ର ଆଭ୍ୟନ୍ତରୀଣ କମିଟି ଗଠନ ହେବା। ସ୍ୱର୍ଣ୍ଣକାତର ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ । ବିଦ୍ୟାର୍ଥୀ ଅନୁକୂଳ ସେବା ପ୍ରଦାନ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ପ୍ରଦାନ । ଏପରିକି ଜରୁରୀକାଳୀନ ପରସ୍ଥିତିର ମୁକାବିଲା ଲାଗି ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ରେକର୍ଡ଼ ରଖିବାକୁ ମାର୍ଗଦର୍ଶିକାରେ ସୁପ୍ରିମକୋର୍ଟ ଦର୍ଶାଇଛନ୍ତି। ତେବେ କଥା ହେଉଛି ପୂର୍ବରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ଏକରକମ ନିଦାବିଷ୍ଟ ପାଲଟିଯାଇଥିବା ଆମ ବ୍ୟବସ୍ଥା ଏହାକୁ କେତେ ଗୁରୁତ୍ୱ ଦେଉଛି ତାହା ଆଗକୁ ଦେଖାଯିବ। କହିବା ବାହୁଲ୍ୟ ଯେ, ପାଠ ପଢ଼ି ଜୀବନରେ ସଫଳ ମଣିଷଟିଏ ହେବାକୁ ଲକ୍ଷ୍ୟ ରଖିଥିବା, ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀ ଆଜି ବାଟବଣା ହୋଇଯାଉଛି । ପ୍ରେମ ପ୍ରତାରଣା, ଆର୍ଥିକ ସମସ୍ୟା, ପାଠପଢ଼ାରେ ବିଫଳତା ଓ ଚାପ, ପାଠ ପ୍ରତିଯୋଗିତାରେ ଅଭିଭାବମାନଙ୍କ ମାତ୍ରାଧିକ ଚାପ ପିଲାଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ କରୁଛି। ଯଦିଓ ସର୍ବ ସମ୍ମୁଖରେ ଗଣତନ୍ତ୍ରର ବିଧି ବ୍ୟବସ୍ଥା ମଧ୍ୟରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ଘଟଣା ବୃଦ୍ଧି ସତ୍ତ୍ୱେ, ଏଭଳି କି ନ୍ୟାୟପାଳିକାଙ୍କ କଡ଼ା ନିର୍ଦ୍ଦେଶ ପରେ ବି ମାମଲାରେ ସୁଧାର ଆସୁନାହିଁ । ଯେ କୌଣସି ଆତ୍ମହତ୍ୟା ଘଟଣାରେ ବ୍ୟବସ୍ଥାକୁ ଟାର୍ଗେଟ କରି ରାଜନୈତିକ ଆକ୍ଷେପ ପ୍ରତ୍ୟାକ୍ଷେପ ବ୍ୟତୀତ ଆତ୍ମହତ୍ୟା ପ୍ରତିରୋଧ ଦିଗରେ ନୀତି ନିର୍ଦ୍ଧାରଣ କରିବା ଭଳି ପରିସ୍ଥିତି ଦେଖାଯାଉ ନାହିଁ । ତେବେ କଥା ହେଉଛି ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ, ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ସରକାର ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମାର ସଫଳ ରୂପାୟନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

# ଆୟୁଷ୍ମାନ ଯୋଜନାରେ ସବୁଠାରୁ ଅଧିକ ଲାଭାନ୍ୱିତ ହେଉଛି ଓଡ଼ିଶା

## ତିନି ମାସରେ ଆୟୁଷ୍ମାନରୁ ଲାଭ ପାଇଲେଣି ରାଜ୍ୟର ଅଢେଇ ଲକ୍ଷରୁ ଅଧିକ ଲୋକ




**ନୂଆଦିଲ୍ଲୀ, ୩୦/୭**

କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ଲୋକସଭାରେ ରଖିଥିବା ତଥ୍ୟ ଅନୁସାରେ ଆୟୁଷ୍ମାନ ଯୋଜନା ଅଧିନରେ ତିନି ମାସରେ ଓଡ଼ିଶାର ଅଢ଼େଇ ଲକ୍ଷରୁ ଅଧିକ ଲୋକଙ୍କୁ ମିଳିଲାଣି ଚିକିତ୍ସା ସୁବିଧା । ଅର୍ଥାତ ଏପ୍ରିଲ ୧୧ରୁ ଜୁନ ୩୦ ତାରିଖ ମଧ୍ୟରେ ରାଜ୍ୟର ୨ ଲକ୍ଷ ୬୨ ହଜାର ୯୧ ଜଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ମିଳିଛି। ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩ କୋଟି ୪୪ ଲକ୍ଷ ୭୨ ହଜାର ୨୩୭ ଜଣ ଲୋକ ଆୟୁଷ୍ମାନ ସହ ଯୋଡ଼ି ହୋଇଥିବା କୁହାଯାଇଛି । ଯାହାକି ଦେଶରେ ଦ୍ୱିତୀୟ ସର୍ବାଧିକ ହିତାଧିକାରୀଙ୍କ ସଂଖ୍ୟା । ଏହି ଯୋଜନାରେ ଉତ୍ତର ପ୍ରଦେଶରେ ସର୍ବାଧିକ ୪ କୋଟି ୩୩ ଲକ୍ଷ ୪୪ ହଜାର ୬୮୮ ଜଣ ସାମିଲ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ତୃତୀୟରେ ରହିଛି ବିହାର । ଲୋକସଭାରେ ଏହି ତଥ୍ୟ ଆସିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ତିନି ମାସରେ ଅଢ଼େଇ ଲକ୍ଷରୁ ଅଧିକ ଲୋକ ଚିକିତ୍ସା ସୁବିଧା ପାଇବା ଦର୍ଶାଉଛି ଯୋଜନାର ସଫଳତା। ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ପାଇଥିବା ବୋରିଗୁମ୍ମାର ମନୋଜ ଗନ୍ତାୟତଙ୍କ କହିବା କଥା ଅୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସେବାର ଲାଭ ପାଇ ପାରୁଛି ।

## ଭିଜିଲାନ୍ସ ଜାଲରେ ପୁଣି ଜଣେ ସହକାରୀ ଯନ୍ତ୍ରୀ

**ଭୁବନେଶ୍ୱର, ୩୦/୭ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଆଉ ଜଣେ ସହକାରୀ ଯନ୍ତ୍ରୀ । ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡାଙ୍କ ଘରେ ରେଡ୍ ହୋଇଛି। ସେ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୩ ସହକାରୀ ଯନ୍ତ୍ରୀ। ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ ହୋଇଛି। ଭୁବନେଶ୍ୱରର ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ। ଭିଜିଲାନ୍ସର ୧୫ ଜଣିଆ ଟିମ୍ ଚଢ଼ଉରେ ସାମିଲ ଅଛନ୍ତି ।

# କିମ୍ସ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ୱାକାଥନ୍



**ଭୁବନେଶ୍ୱର,୩୦।୭ ନ୍ୟୁଜ ବ୍ୟୁରୋ**

ବିଶ୍ୱ ଓଆରଏସ୍ ଦିବସ ଅବସରରେ ଆଇଏପି ଖୋର୍ଦ୍ଧା ଶାଖା ଏବଂ କିମ୍ସ ଶିଶୁ ରୋଗ ବିଭାଗ ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା ୱାକାଥନ୍ ଆୟୋଜିତ ହୋଇଯାଇଛି। କିମ୍ସ ମୁଖ୍ୟ ଫାଟକରୁ ଏହି ୱାକାଥନ୍ ବାହାରି ଶିଖରଚଣ୍ଡୀ ଛକ ପର୍ଯ୍ୟନ୍ତ ଯାଇଥିଲା। ସାଧାରଣ ଭାବେ ଓ ଉପଲବ୍ଧ ଉପାୟରେ ଓଆର୍ଏସ୍ ମାଧ୍ୟମରେ କିପରି ଜଳଶୂନ୍ୟତା ଓ ଜୀବନର ଜଟିଳତାକୁ ରୋକାଯାଇପାରିବ ସେ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗଦେଇ କିମ୍ସ ଶିଶୁ ରୋଗ ବିଭାଗ ମୁଖ୍ୟ ପ୍ରଫେସର ସେବାରଞ୍ଜନ ବିଶ୍ୱାଳ ଓଆର୍ଏସର ଜୀବନ ରକ୍ଷାକାରୀ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଝାଡ଼ା, ବାନ୍ତି, ହଇଜା, ଭାଇରାଲ୍ ଜ୍ୱର, କୋଭିଡ୍ ଓ ଅଂଶୁଘାତ ସମୟରେ ଶରୀରରେ ଜଳଶୂନ୍ୟତା ଦେଖାଦେଲେ ଓଆର୍ଏସ୍ ବ୍ୟବହାର କିପରି ଜୀବନ ରକ୍ଷା କରେ ସେ ସମ୍ପର୍କରେ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ନିର୍ମଳ କୁମାର ମହାକୁଡ଼ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର, ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଓ ହେଲ୍‌ଥ କେୟାର କର୍ମଚାରୀ ଭାଗ ନେଇ "ଏସ୍‌ଆଇପି ସ୍ମାର୍ଟ, ଷ୍ଟେ ଷ୍ଟ୍ରଂ, ସେ ୟେସ୍ ଟୁ ଓଆର୍‌ଏସ୍" ସ୍ଲୋଗାନ ଦେଇ ଜନସାଧରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଓଆର୍‌ଏସ୍: ଏ ସିମ୍ପଲ୍ ସଲ୍ୟୁସନ୍ ଫର୍ ଏ ହେଲ୍‌ଦିଅର ଫ୍ୟୁଚର୍'। ଅନ୍ୟ ପକ୍ଷରେ କିସ୍ ୱେଲନେସ୍ ସେଣ୍ଟର ପକ୍ଷରୁ ମଧ୍ୟ ଓଆର୍‌ଏସ୍ ଦିବସ ପାଳନ କରାଯାଇଥିଲା। ଏଥିରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, ୱେଲନେସ୍ ସେଣ୍ଟରର ଅଧ୍ୟକ୍ଷା ଓ କିମ୍ସ ଶିଶୁରୋଗ ବିଭାଗ ପ୍ରଫେସର ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଯୋଗଦେଇ ଓଆର୍‌ଏସ୍‌ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ସନମାର୍ଗର ଉଦୟ ସମ୍ମାନ ଉତ୍ସବ

# ବଣମଲ୍ଲି ଖୋଜି ବାହାର କରିବାରେ ସନମାର୍ଗର ପ୍ରୟାସ ପ୍ରଶଂସନୀୟ



**ଭୁବନେଶ୍ୱର, ୩୦/୭ ନ୍ୟୁଜ ବ୍ୟୁରୋ**

ଦୈନିକ ଜାତୀୟ ହିନ୍ଦି ଖବର କାଗଜ 'ସନମାର୍ଗ' ଭୁବନେଶ୍ୱର ସଂସ୍କରଣ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଉଦୟ ସମ୍ମାନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ ଯେ ରାଷ୍ଟ୍ରଭାଷା ହିନ୍ଦିକୁ ଘରେ ଘରେ ପହଞ୍ଚାଇବା ସହ ଓଡ଼ିଶାରେ ସାମାଜିକ, ସାଂସ୍କୃତିକ, ଅର୍ଥନୀତି, ପର୍ଯ୍ୟଟନ, ମହିଳା ସଶକ୍ତିକରଣ, ପରିବେଶ ଆଦି ଅନେକ କ୍ଷେତ୍ରରେ ଅହରହ କାମ କରିଚାଲିଛି । ଅଣ ହିନ୍ଦି ଭାଷୀ ରାଜ୍ୟରେ ହିନ୍ଦି ଖବର କାଗଜ ପ୍ରକାଶନ ଅତ୍ୟନ୍ତ ଜଟିଳ ହେଲେ ମଧ୍ୟ ସନ୍‌ମାର୍ଗ କେବେ ହେଲେ ପଛକୁ ଫେରି ଚାହିଁ ନାହିଁ। ସନମାର୍ଗ ଖବର ପରିବେଷଣ ସହ ବଣ ମଲ୍ଲି ଖୋଜି ବାହାର କରିବାପାଇଁ ଯେଉଁ 'ଉଦୟ ସମ୍ମାନ' ଆରମ୍ଭ କରିଛି ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଧାନସଭା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ସରକାର ବଦଳିବା ପରେ ସମ୍ବାଦ ପତ୍ରର ସ୍ୱର ବଦଳିଯାଇଛି । ତେବେ ସନମାର୍ଗରେ ସର୍ବଦା ଅନୁସନ୍ଧାନମୂଳକ ଓ ସତ୍ୟ ଖବର ଉପସ୍ଥାପନା କରାଯାଉ । ସମ୍ମାନିତ ଅତିଥିଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ ଏକାମ୍ର ନିର୍ବାଚନ ମଣ୍ଡଳୀ ଐତିହ୍ୟର ବାର୍ତ୍ତା ପ୍ରଦାନ କରେ, କଳିଙ୍ଗ ଯୁଦ୍ଧ ଦୟାନଦୀ କୂଳରେ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ତେଣୁ ଏମାଟି ମହାନ ଏବଂ ଶ୍ରେଷ୍ଠ ସ୍ଥାନ ପ୍ରତିପାଦନ କରିଛି ବୋଲି କହିଥିଲେ। ସେହିପରି ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ସାନମାର୍ଗ ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। କାରଣ ଓଡିଶାର ୧୦%ଲୋକ ଖବର କାଗଜ ପଢୁଛନ୍ତି। ୪୦ରୁ ୪୫ବର୍ଷର ଲୋକ ଖବର କାଗଜ ସହ ଜଡିତ ଥିଲେ। ୨୦୦୦ମସିହା ପରଠାରୁ ବୈଦ୍ୟୁତିକ ଗଣମାଧ୍ୟମ ଆସିବାପରେ ଲୋକେ ତା'ସହ ଜଡିତ ହେଲେ ବୋଲି ଡ.ସାହୁ କହିଥିଲେ। ବିଶେଷ ଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ହିନ୍ଦୀ ସମ୍ବାଦ ପତ୍ର ଓ ସାମ୍ବାଦିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୧ଜଣ ବ୍ୟକ୍ତି ବିଶେଷଙ୍କୁ ଉଦୟ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଥିଲା।

# ଓଡ଼ିଶାକୁ ଅପପୁଷ୍ଟି ମୁକ୍ତ କରିବାକୁ ଉପ-ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ପୁରୀ, ୩୦/୭ ନ୍ୟୁଜ ବ୍ୟୁରୋ**

ଅପପୁଷ୍ଟିରେ ଜାତୀୟ ହାରଠୁ ଆଗରେ ଥିଲେ ବି ଓଡ଼ିଶା ଭଳି ରାଜ୍ୟରେ ଅପପୁଷ୍ଟି ରହିବା ଆମର ଶୁଭଙ୍କର ନୁହେଁ। ଦକ୍ଷତା ବିକାଶ କର୍ମଶାଳାରେ ଯୋଗ ଦେଇ ଏହା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। କେବଳ ଇଣ୍ଟର ଲିଙ୍କ ନହୋଇ ପାରିବା ଏହାର ମୁଖ୍ୟ କାରଣ। ବିକଶିତ ଓଡ଼ିଶା ଗଠନ ଦିଗରେ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ । ଓଡ଼ିଶାକୁ ଏକ ସକ୍ରିୟ ଅପପୁଷ୍ଟି ମୁକ୍ତ ରାଜ୍ୟ ଭାବେ ଗଢିବାକୁ ହେଲେ ସିଡିପିଓଙ୍କ ସହଯୋଗ ଆବଶ୍ୟକ । ସ୍ୱଚ୍ଛତାର ସହ କାମ କରିବା ସହ ଫିଲ୍ଡ ଭିଜିଟ କରିବାକୁ ପଡ଼ିବ। ସରକାର ଯାହା ପଠାଉଛନ୍ତି ତାହା ଅଙ୍ଗନବାଡିରେ ପହଞ୍ଚୁଛି ନା ନାହିଁ ଛୋଟ ଛୋଟ କଥାକୁ ଧ୍ୟାନ ନ ଦେଲେ ବଡ଼ ପରିବର୍ତ୍ତନ ଆସି ପାରିବ ନାହିଁ । ସରକାରଙ୍କୁ ଗ୍ରାଉଣ୍ଡର ସଠିକ ଫିଡ଼ବ୍ୟାକ ଦେବାକୁ ହେବ। ସପ୍ତାହକୁ ୪ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପଡୁଛି କେଉଁଠି ସରକାରଙ୍କ କାର୍ଯ୍ୟକାରୀ କରାଯାଉନି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆଶା କରୁଛି ସରକାର ବଦଳିବା ପରେ ଲୋକମାନଙ୍କ ମାନସିକତା ବଦଳି ଥିବ। ଖାଦ୍ୟ ଠିକ ଭାବେ ନ ମିଳିଲେ ଦାୟୀ ରହିବେ ସିଡ଼ିପିଓ। ସବୁ ଦେଖି ଚୁପ ରହିଲେ ବିଭାଗ ନିନ୍ଦିତ ହେବ ବୋଲି କହିଛନ୍ତି ପ୍ରଭାତୀ ପରିଡ଼ା। ସେହିପରି ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଘର ନିର୍ମାଣ କରାଯିବ। ସେଠି ପାଣି, ବିଜୁଳି ବ୍ୟବସ୍ଥା କରାଯିବ। ନିଜ ଅଞ୍ଚଳରେ ଆସୁଥିବା ଅଙ୍ଗନବାଡ଼ି ସେଣ୍ଟରକୁ ସିଡ଼ିପିଓମାନେ ଭଲଭାବେ ତଦାରଖ କରନ୍ତୁ। ଛଅ ମାସକୁ ଥରେ ପ୍ରତି ଅଙ୍ଗନବାଡିକୁ ପରିଦର୍ଶନରେ ସିଡିପିଓମାନେ ଯାଆନ୍ତୁ ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା।



୧୦ମ ସ୍ୱନକ୍ଷତ୍ର ଦିବସ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-04 • 30-05th August 2025 • Bhubaneswar
ରାଜଧାନୀ ପାଲଟିଛି ଡେଙ୍ଗୁ ହଟସ୍ପଟ୍
ନିଶାରେ ଉବୁଟୁବୁ ଯୁବପିଢି

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ଭୁବନେଶ୍ୱର ଏମ୍ସରେ ଦିନକୁ ଦିନ ବଢୁଛି ଭିଡ : ୩ ବର୍ଷରେ ଆସିଛନ୍ତି ୩୬ ଲକ୍ଷ ରୋଗୀ

**ଭୁବନେଶ୍ୱର, ୩୦/୭ ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁରରୁ ଭୁବନେଶ୍ୱର ଏମ୍ସ ଚିକିତ୍ସା ପାଇଁ ଆସିଛନ୍ତି ରଂଜିତ ଗୋପ । ତାଙ୍କ ବୟସ ୬୦ ବର୍ଷ। ଦୀର୍ଘ ବର୍ଷ ହେଲା ତାଙ୍କର ନିୟୁରୋଲୋଜି ସମସ୍ୟା ରହିଛି । ରଂଜିତ ଦ୍ୱିତୀୟ ଥର ପାଇଁ ଆସିଛନ୍ତି ଭୁବନେଶ୍ୱର ଏମ୍ସ । ପୂର୍ବରୁ ୨ ମାସ ତଳେ ଆସିଥିଲେ। ତାଙ୍କ କହିବା କଥା, ଏମ୍ସ ଭୁବନେଶ୍ୱରରେ ଚିକିତ୍ସାରେ ବହୁତ କମ ପଇସା ଖର୍ଚ୍ଚ ହୋଇଥାଏ । ଭୁବନେଶ୍ୱରକୁ ଯାତାୟାତ କରିବା ବି ସୁବିଧାଜନକ ଅଟେ। ଏଠାରେ ଖାଇବା ପିଇବା ଆଦି ବହୁତ କମ ପଇସାରେ ମିଳିଯାଉଛି । କିନ୍ତୁ ପଶ୍ଚିମବଙ୍ଗରେ ଯେଉଁ ହସ୍ପିଟାଲରେ ଡାକ୍ତର ରହିଛନ୍ତି ସେମାନଙ୍କ ଫିସ୍ ଅଧିକ ରହିଛି । ଏହା ସହିତ ଡାକ୍ତରଙ୍କ ବ୍ୟବହାର ବହୁତ ଭଲ ରହିଥିବା ବେଳେ କେବଳ ସିକ୍ୟୁରିଟି ଗାର୍ଡମାନେ ଅନେକ ସମୟରେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ପଶ୍ଚିମବଙ୍ଗର ରଂଜିତ । ସେହିପରି ଆଉ ଜଣେ ହେଲେ ପଶ୍ଚିମବଙ୍ଗର ଅଭିଜିତ କୁଲୁ । ଦୀର୍ଘ ୫ ବର୍ଷ ଧରି ସେ ଭୁବନେଶ୍ୱର



ଏମ୍ସକୁ ଆସୁଛନ୍ତି । ଯାହାଙ୍କର ବୟସ ୪୦ ବର୍ଷ। ସେ ତାଙ୍କ ବଡ ଭାଇ ସୁକୁମାର ସାହୁଙ୍କୁ ନେଇ ଏମ୍ସ ଭୁବନେଶ୍ୱର ଆସୁଛନ୍ତି। ସେ କୁହନ୍ତି ଏମ୍ସ ଭୁବନେଶ୍ୱରରେ ଚିକିତ୍ସା ଆଉ ସୁବିଧା ଉଭୟ ଭଲ ରହିଛି । ଅଲଗା ଏମ୍ସ ଅପେକ୍ଷା ଏଠାରେ ଖର୍ଚ୍ଚ କମ ହୋଇଥାଏ। ଏଠାରେ ୫ ଟଙ୍କିଆ ଭାତ ଡାଲମା ମିଳୁଛି । ରାତିରେ ହସ୍ପିଟାଲ ବାହାରେ ରହୁଛୁ। ଏଠାକୁ ସେ ୭ ଦିନ ହେଲା ଆସିଛନ୍ତି। ହେଲେ ଡାକ୍ତରଙ୍କୁ ପରାମର୍ଶ ହୋଇପାରି ନାହିଁ । ପଶ୍ଚିମବଙ୍ଗରେ ଅଧିକ ଟଙ୍କା ଖର୍ଚ୍ଚ ହେଉଛି । ପଶ୍ଚିମବଙ୍ଗରେ ଯେଉଁ ଏମ୍ସ ହସ୍ପିଟାଲ କରାଯାଉଛି ତାହା ବର୍ତ୍ତମାନ ସମୟରେ ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇନାହିଁ । ଅନେକ ଚିକିତ୍ସା ମଧ୍ୟ ଉପଲବ୍ଧ ନାହିଁ । ତେଣୁ ଭୁବନେଶ୍ୱର ଏମ୍ସକୁ ଆସିବାକୁ ପଡୁଛି । ଏମାନେ ଥିଲେ ଓଡ଼ିଶା ବା ରାଜ୍ୟ ବାହାରର ଦୁଇ ରୋଗୀ ତଥା ରୋଗୀଙ୍କ ସହଯୋଗୀ। ଏପଟେ ସମ୍ବଲପୁରରୁ ଆସିଥିବା ସତ୍ୟାନନ୍ଦ ପ୍ରଧାନ କହିଛନ୍ତି ତାଙ୍କର କିଡ୍‌ନୀ ପ୍ରତିରୋପଣ କରାଯିବ। ଏମ୍ସରେ ହୋଇପାରିବ ଏହି ଅପରେସନ । ଘରୋଇ ହସ୍ପିଟାଲ୍ ଅପେକ୍ଷା ଏମ୍ସ ଭୁବନେଶ୍ୱରରେ ପଇସା କମ୍ ଖର୍ଚ୍ଚ ହୋଇଥାଏ। ଦୀର୍ଘ ୨ ବର୍ଷ ଧରି ଏମ୍ସ ଭୁବନେଶ୍ୱରକୁ ଆସୁଛନ୍ତି। ତେବେ ତାଙ୍କ ଅଭିଯୋଗ ରହିଛି, ମେଡ଼ିସିନ ପାଇଁ ହେଉ ବା ନାମ ରେଜିଷ୍ଟ୍ରେସନ ପାଇଁ ହେଉ ସବୁଠି ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି । ଅର୍ଥାତ୍ ସନ୍ଧ୍ୟା ୮ରୁ ସକାଳ ୮ ପର୍ଯ୍ୟନ୍ତ ଛିଡା ହେଉଛନ୍ତି ଲୋକେ । ନଚେତ ଇଟା, ପାଣି ବଟଲ, ବ୍ୟାଗ ଆଦି ରଖୁଛନ୍ତି । ତେବେ ଦେଶରେ ଏମ୍ସ ଭୁବନେଶ୍ୱର ଏକ ଆଗ ଧାଡ଼ିର ହସ୍ପିଟାଲ । ଯାହା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ଚିକିତ୍ସା କ୍ଷେତ୍ରରେ ହେଉ ବା ଅଧ୍ୟୟନ କ୍ଷେତ୍ରରେ ହେଉ ଏମ୍ସ ଭୁବନେଶ୍ୱର ଆଗରେ ରହିଛି । କିନ୍ତୁ ଏଠାରେ ଯେତିକି ମାତ୍ରାରେ ଭିଡ଼ଭୂମି ରହିଛି ସେତିକି ଅଣ୍ଟୁନାହିଁ । ଦୈନିକ ହଜାର ହଜାର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି । କିନ୍ତୁ ବିଭିନ୍ନ ସମସ୍ୟାକୁ ନେଇ ରୋଗୀମାନେ ସଠିକ ଭାବରେ ଚିକିତ୍ସା ପାଇପାରୁନାହାନ୍ତି। ଯାହା ଫଳରେ କି ଅନେକ ସମସ୍ୟାରେ ରହୁଛନ୍ତି ରୋଗୀ ଓ ତାଙ୍କର ସମ୍ପର୍କୀୟ । ଆଉ ଓଡ଼ିଶା ପରେ ସର୍ବାଧିକ ରୋଗୀ ଆସୁଛନ୍ତି ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ । ଭାରତରେ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ପାଲଟିଛି ଏମ୍ସ ଭୁବନେଶ୍ୱର। ଓଡ଼ିଶା ସମେତ ୨୫ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ରୋଗୀ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେବା ପାଇଁ ଆସୁଛନ୍ତି । ଥରେ କି ଦୁଇ ଥର ନୁହେଁ ଏପରିକି ଗତ ତିନି ବର୍ଷରେ ଚିକିତ୍ସିତ ହୋଇଛନ୍ତି । ବିଶେଷ କରି ଓଡ଼ିଶାରୁ ସର୍ବାଧିକ ରୋଗୀ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଏହା ତଳକୁ ରହିଛି ପଶ୍ଚିମବଙ୍ଗ । ପ୍ରତିବର୍ଷ ଏମ୍ସରେ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି । ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ଏକ ଅଣତାରକା ପ୍ରଶ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଭୁବନେଶ୍ୱର ଏମ୍ସରେ ରୋଗୀସେବା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛନ୍ତି । ୨୦୨୨-୨୩ରେ ୧୧ ଲକ୍ଷ ୫୯ ହଜାର ୬୦୨ ରୋଗୀ ଭୁବନେଶ୍ୱର ଏମ୍ସ ଓପିଡିରେ ସେବା ପାଇଥିବା ବେଳେ ୨୦୨୩-୨୪ରେ ୧୨ ଲକ୍ଷ ୮ ହଜାର ୫୪ ଜଣ ଏବଂ ୨୦୨୪-୨୫ରେ ୧୨ ଲକ୍ଷ ୭୨ ହଜାର ୩୧୧ ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିପରି ୨୦୨୨-୨୩ରେ ୩୫ ହଜାର ୬୫୯ ରୋଗୀ ଆଇପିଡିର ବିଭିନ୍ନ ବିଭାଗରେ ଚିକିତ୍ସିତ ହୋଇଥିବାବେଳେ ୨୦୨୩-୨୪ରେ ରୋଗୀ ସଂଖ୍ୟା ୩୯ ହଜାର ୨୮୮ ଏବଂ ୨୦୨୪-୨୫ରେ ଏହା ୪୧ ହଜାର ୮୭୬ କୁ ବୃଦ୍ଧି ପାଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶା ପରେ ପଶ୍ଚିମବଙ୍ଗରୁ ସର୍ବାଧିକ ରୋଗୀ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ଅଧିକ ଆସୁଛନ୍ତି । ୨୦୨୪-୨୫ ମସିହାରେ ଓଡ଼ିଶାର ୮ଲକ୍ଷ ୬୭ ହଜାର ୯୧୯ ରୋଗୀ ଏମ୍ସ ଓପିଡିରେ ଚିକିତ୍ସିତ ହୋଇଥିବାବେଳେ ପଶ୍ଚିମବଙ୍ଗର ୩ ଲକ୍ଷ ୭୮ ହଜାର ୪୬ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇଛି। ଏହା ସହିତ ୨୦୨୩ -୨୪ ମସିହାରେ ଓଡ଼ିଶାର ୮ ଲକ୍ଷ ୪୯ ହଜାର ୨୫୩ ଏବଂ ପଶ୍ଚିମବଙ୍ଗର ୩ ଲକ୍ଷ ୩୯ ହଜାର ୬୮୮, ୨୦୨୨-୨୩ରେ ଓଡ଼ିଶାର ୮ ଲକ୍ଷ ୫୧ହଜାର ୮୯୭ ଏବଂ ପଶ୍ଚିମବଙ୍ଗର ୨ ଲକ୍ଷ ୯୪ ହଜାର ୪୦୫ ରୋଗୀ ଏମ୍ସ ଓପିଡିରୁ ସେବା ପାଇଛନ୍ତି । ତେବେ ଓଡ଼ିଶା ଓ ପଶ୍ଚିମବଙ୍ଗ ବ୍ୟତୀତ ଝାଡ଼ଖଣ୍ଡ ଏବଂ ବିହାରରୁ ମଧ୍ୟ ଅଧିକ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ୨୦୨୪ -୨୫ରେ ଝାଡ଼ଖଣ୍ଡରୁ ୯ ହଜାର ୯୩୯ ଏବଂ ବିହାରର ୩ ହଜାର ୬୫୩ ରୋଗୀ ଭୁବନେଶ୍ୱର ଏମ୍ସ ଓପିଡିରେ ଚିକିତ୍ସା ସେବା ପାଇଛନ୍ତି ।